

ଜ୍ୟୋତ୍ସ୍ନା ଶବରଙ୍କୁ ରାଷ୍ଟ୍ରୀୟ ବାଲ୍ ପୁରସ୍କାର

▶ପୃଷ୍ଠା ୩ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-181 ♦SATURDAY ♦27 DECEMBER 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୧୮୧ ♦ଶନିବାର ♦୨୭ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


**୨୯ ତମ ପ୍ରତିଷ୍ଠା ଦିବସ**

# ବିଜେଡି ଅଛି; ରହିବ: ନବୀନ

## ଶହେ ବର୍ଷ ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କ ସ୍ୱର ହେବ ବିଜେଡି

**ଡବଲ ଇଞ୍ଜିନ୍ ସରକାରକୁ କଟାକ୍ଷ**

- ରାଜ୍ୟରେ ଏବେ ସରକାର ଥିବା ପରି ଅନୁଭବ ହେଉ ନାହିଁ
- ଚାଷୀଙ୍କୁ ସାର ନାହିଁ, ମଣ୍ଡି ଖୋଲୁନାହିଁ, ଟୋକନ ମିଳୁନାହିଁ
- ଯୁବ ସମାଜ ହତାଶ, ମିଶନଶକ୍ତି ମା'ମାନେ ହଇରାଣ
- ଆଇନଶୃଙ୍ଖଳା ଶୋଚନୀୟ, ବୃଦ୍ଧି ପାଇଛି ମହିଳା ହିଂସା

**ନେତା ଓ କର୍ମୀଙ୍କୁ ଗୁରୁମନ୍ତ୍ର**

- ୨୦୦୦ରୁ ୨୦୨୪ ଓଡ଼ିଶା ବିକାଶ ଇତିହାସର ସୁବର୍ଣ୍ଣଯୁଗ
- ସେବା, ସଂଗ୍ରାମ ଓ ସ୍ୱାଭିମାନ ହେଉଛି ବିଜେଡିର ମୂଳମନ୍ତ୍ର
- ଯୁବବର୍ଗମାନେ ଦଳର ସମ୍ପତ୍ତି; ଅପପ୍ରଚାରର ମୁକାବିଲା ଆହ୍ୱାନ
- ଆହ୍ୱାନକୁ ସୁଯୋଗରେ ପରିଣତ କରିବାକୁ କର୍ମୀଙ୍କୁ ପରାମର୍ଶ

■ ଭୁବନେଶ୍ୱର, ୨୬।୧୨ (ସମିସ): ସେବା, ସଂଗ୍ରାମ, ସ୍ୱାଭିମାନ ହେଉଛି ବିଜେଡିର ମୂଳମନ୍ତ୍ର। କିଛି ଲୋକ ବିଜେଡି ବିରୋଧରେ ଅପପ୍ରଚାର କରୁଛନ୍ତି, ଦଳ ଭାଙ୍ଗିଯିବ ବୋଲି ଗୁଜବ ସୃଷ୍ଟି କରାଯାଉଛି। ମାତ୍ର ବିଜେଡି ରାଜ୍ୟର ସାଢ଼େ ଚାରିକୋଟି ଓଡ଼ିଶାବାସୀଙ୍କ ଆଶା, ଆକାଂକ୍ଷା ସହ ସହ ଜଡ଼ିତ। ଏବେ ବିଜେଡି ଅଛି, ଭବିଷ୍ୟତରେ ବି ରହିବ। ଆଗାମୀ ୧୦୦ ବର୍ଷ ପର୍ଯ୍ୟନ୍ତ ବିଜେଡି ଓଡ଼ିଶାବାସୀଙ୍କ ସ୍ୱର ଭାବରେ କାର୍ଯ୍ୟ କରିବ ବୋଲି ଦଳର ୨୯ତମ ପ୍ରତିଷ୍ଠା ଦିବସରେ କହିଛନ୍ତି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ।

ଶଙ୍ଖଭବନରେ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗ ଦେଇ ନବୀନ କହିଛନ୍ତି ଯେ ଗଣତନ୍ତ୍ରରେ ହାରଜିତ ରହିଛି। ମାତ୍ର ଏବେ କିଛି ଲୋକ ବିଜେଡିକୁ ନେଇ ଅପପ୍ରଚାର କରୁଛନ୍ତି; କିନ୍ତୁ ସେମାନେ ଜାଣି ରଖିବା ଉଚିତ ଯେ ବିଜୁ ଜନତା ଦଳ ଜଣେ କିମ୍ବା ଦୁଇଜଣ ନେତାଙ୍କର ନୁହେଁ। ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନ ଲଢ଼େଇରୁ ବିଜେଡିର ଜନ୍ମ। ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ଦଳ; ଏହା ଏକ ଜନ ଆନ୍ଦୋଳନ।

ବିଜୁ ଜନତା ଦଳକୁ ଏକ ସଫଳ ଆଞ୍ଚଳିକ ଦଳ ଭାବରେ ବର୍ଣ୍ଣନା କରି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ୧୯୯୭ ରୁ ବିଜୁବାବୁଙ୍କ ଆଦର୍ଶରେ ବିଜେଡି ଓଡ଼ିଶା ବାସୀଙ୍କ ସେବା କରିଚାଲିଛି। ୨୦୦୦ ରୁ ୨୦୨୪ ପର୍ଯ୍ୟନ୍ତ ବିଜେଡି ଶାସନ ଥିଲା ଓଡ଼ିଶା ବିକାଶ ଇତିହାସର ସୁବର୍ଣ୍ଣ ଯୁଗ। ଆମେ ଦାରିଦ୍ର୍ୟ, କ୍ଷୁଧା, ଶିଶୁ ମୃତ୍ୟୁ ଓ ପ୍ରାକୃତିକ ବିପତ୍ତି ସହ ଲଢ଼ିଛୁ; ସଫଳ ମଧ୍ୟ ହୋଇଛୁ। ଓଡ଼ିଶାକୁ ନୂଆ



ପରିଚୟ ଦେଇଛୁ, ମା' ମାନଙ୍କୁ ସଶକ୍ତ କରିଛୁ। ଚାଷୀଙ୍କ ରୋଜଗାର ବୃଦ୍ଧି କରିଛୁ। ବିଏସ୍‌କେୱାଇ ପରି ମାଗଣା ସ୍ୱାସ୍ଥ୍ୟ ସେବା ଦେଇଛୁ। ରାଜ୍ୟକୁ ପୁଞ୍ଜି ଆଣିଛୁ। ଯୁବ ସମାଜକୁ ନିଯୁକ୍ତି ଦେଇଛୁ। ଓଡିଶାକୁ ବିଜେଡି ସରକାର ନୂଆ ପରିଚୟ ଦେଇଛି ବୋଲି ନବୀନ କହିଛନ୍ତି।

ଏହି ଅବସରରେ ନବୀନ ବର୍ତ୍ତମାନର ବିଜେପି ସରକାରକୁ କଠୋର ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ଏବେ ଡବଲ ଇଞ୍ଜିନ ସରକାର ଚାଲିଛି। କିନ୍ତୁ ବିକାଶ କାହିଁ କାହିଁ? ଏବେ ଚାଷୀକୁ ସାର ମିଳୁନି। ଧାନ ବିକ୍ରି ପାଇଁ ମଣ୍ଡି ଖୋଲୁନି। ମିଶନ ଶକ୍ତି ମା' ମାନେ ହଇରାଣ ହେଉଛନ୍ତି। ଯୁବ ସମାଜ ହତାଶ। ଅଠର ମାସରେ ଅଠର ଥର ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହେଲାଣି। ଆଇନ ଶୃଙ୍ଖଳା କଥା ନ କହିବା ଭଲ। ମହିଳା ମାନଙ୍କ ଉପରେ ଅତ୍ୟାଚାର ବଢ଼ି ଚାଲିଛି। ଏପରିକି ଛୋଟ ଛୋଟ ଝିଅ ମାନେ ମଧ୍ୟ ନିରାପଦ ନୁହନ୍ତି। ରାଜ୍ୟରେ ଏକ ସରକାର ଥିବା ପରି ଅନୁଭବ ହେଉ ନାହିଁ ବୋଲି ଶ୍ରୀ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଛନ୍ତି। ▶ପୃଷ୍ଠା-୭

# ଓଡ଼ିଶାରେ ବିଷ ବାୟୁ

## ବେଶି ଦୂର ନୁହେଁ ଦିଲ୍ଲୀ ଭଳି ଯନ୍ତ୍ରଣା

- ବାଲେଶ୍ୱରର ବାୟୁ ସବୁଠୁ ଅଧିକ ପ୍ରଦୂଷିତ
- ଅଧିକାଂଶ ସହରର ଏକ୍ୟୁଆଇ ୩୦୦ ଉପରେ
- ପ୍ରାତଃ-ସାନ୍ଧ୍ୟ ଭ୍ରମଣ ପାଇଁ ବିଶେଷଜ୍ଞଙ୍କ ବାରଣ



■ ଭୁବନେଶ୍ୱର, ୨୬।୧୨ (ସମିସ): ସୁସ୍ଥ ବାୟୁ ଓ ସବୁଜିମା ପାଇଁ ଦେଶରେ ଏକ ଉତ୍ତମ ରାଜ୍ୟ ଭାବେ ପରିଗଣିତ ହେଉଥିବା ଓଡ଼ିଶା ଏବେ ବିଷ ବଳୟ ପାଲଟିଛି। ଜଳରେ ଜହର ସାଙ୍ଗକୁ ଏବେ ପବନ ବି ବିଷ ପାଲଟିଛି। ରାଜ୍ୟରେ ବାୟୁର ମାନ ଏବେ କମିକମି ଚାଲିଛି ଓ ଏକ୍ୟୁଆଇ (ଏୟାର କ୍ୱାଲିଟି ଇଣ୍ଡେକ୍ସ) ଖରାପ ହେବାରେ ଲାଗିଛି। ପୂର୍ବରୁ ଅନୁଗୋଳ, ରାଉରକେଲା ଓ ତାଳଚେର ପରି ଶିଳ୍ପାଞ୍ଚଳ ପ୍ରଦୂଷିତ ସହର ମାନ୍ୟତା ପାଉଥିଲା; ମାତ୍ର ଏବେ ଉପାନ୍ତ ଓ ଉପକୂଳ ସବୁ ଅଞ୍ଚଳ ବାୟୁ ପ୍ରଦୂଷଣର ଶିକାର ହୋଇଛି। ଶୁକ୍ରବାର କେନ୍ଦ୍ର ପରିବେଶ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ଦେଶର ଅତି ଖରାପ ସ୍ଥିତିଥିବା ଦେଶର ୧୬ ସହର ମଧ୍ୟରେ ଓଡ଼ିଶାର ୩ଟି ସହର ସାମିଲ ହୋଇଛି। ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ ବାଲେଶ୍ୱର ବର୍ତ୍ତମାନ ରାଜ୍ୟର ସବୁଠୁ ପ୍ରଦୂଷିତ ସହରରେ ପରିଣତ ହେବାକୁ ବସିଛି। ▶ପୃଷ୍ଠା-୭

# 'ଭାରତ ରତ୍ନ', 'ପଦ୍ମ' ସମ୍ମାନ କୌଣସି ଉପାଧି ନୁହେଁ

**ବମ୍ବେ ହାଇକୋର୍ଟଙ୍କ ରାୟ**

**ନାମର ଆଗ-ପଛରେ ଏହାକୁ ଲଗାଇବା ଆଇନ ଦୃଷ୍ଟିରୁ ଭୁଲ୍**

■ ମୁମ୍ବଇ, ୨୬।୧୨ (ଏଜେନ୍ସି): ଭାରତ ରତ୍ନ, ପଦ୍ମଶ୍ରୀ, ପଦ୍ମ ଭୂଷଣ, ପଦ୍ମ ବିଭୂଷଣ ଭଳି ନାଗରିକ ସମ୍ମାନ କୌଣସି ଉପାଧି ନୁହେଁ। ତେଣୁ ଏହାକୁ କାହାର ନାମ ଆଗରେ କିମ୍ବା ପଛରେ ଲଗା ଯାଇପାରିବ ନାହିଁ ବୋଲି ବମ୍ବେ ହାଇକୋର୍ଟ କହିଛନ୍ତି। ଏକ ଆବେଦନରେ ମାମଲାର ଶୀର୍ଷକରେ 'ପଦ୍ମଶ୍ରୀ' ଲେଖା ଯାଇଥିବା ଉପରେ ଚିନ୍ତା ପ୍ରକଟ କରି କୋର୍ଟ ଏହି ରାୟ ଦେଇଛନ୍ତି। ଜଷ୍ଟିସ ସମଶେଖର ସୁନ୍ଦରେସନଙ୍କ ଖଣ୍ଡପୀଠ ଗତ ବୁଧବାର ଏହି ମାମଲାର ଶୁଣାଣି କରିଥିଲେ। ଏଥିରେ ୨୦୦୪ରେ ପଦ୍ମଶ୍ରୀ ସମ୍ମାନ ପାଇଥିବା ଡ. ଶରଦ ମୋରେଶ୍ୱର ହାର୍ଡିକର ମଧ୍ୟ ପକ୍ଷଭୁକ୍ତ ଅଛନ୍ତି। ମାମଲା ଶୀର୍ଷକରେ ତାଙ୍କ ନାମ ପଦ୍ମଶ୍ରୀ ଡ. ଶରଦ ମୋରେଶ୍ୱର ▶ପୃଷ୍ଠା-୭




# ପିଲାଙ୍କ ପାଇଁ ସାମାଜିକ ଗଣମାଧ୍ୟମ ନିଷିଦ୍ଧ ହେଉ: ମାଡ୍ରାସ ହାଇକୋର୍ଟ

ଚେନ୍ନଇ, ୨୬ ।୧୨(ଏଜେନ୍ସି): ମାଡ୍ରାସ ହାଇକୋର୍ଟ ଶୁକ୍ରବାର ସାମାଜିକ ଗଣମାଧ୍ୟମ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ୧୬ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ସାମାଜିକ ଗଣମାଧ୍ୟମଗୁଡିକ ନିଷିଦ୍ଧ ହେବା ଉଚିତ। ଅଷ୍ଟ୍ରେଲିଆରେ ଏହି ନିୟମ ଲାଗୁ ହୋଇଛି। ଏବେ ଭାରତରେ ଏହାକୁ ଲାଗୁ କରିବାର ଆବଶ୍ୟକତା ରହିଛି ବୋଲି କୋର୍ଟ କହିଛନ୍ତି। ଏ ସଂକ୍ରାନ୍ତରେ ଗୁରୁତର ସହ ବିଚାର କରିବା ଉଚିତ ବୋଲି କୋର୍ଟ କହିଛନ୍ତି। ମଦୁରାଇ ହାଇକୋର୍ଟର ବିଚାରପତି ଜି ଜୟଚନ୍ଦ୍ରନ ଓ କେକେ ରାମକୃଷ୍ଣନଙ୍କ ବେଞ୍ଚ୍ ନାବାଳକମାନଙ୍କ ପାଇଁ ଅନଲାଇନ୍‌ରେ ପର୍ଣ୍ଣୋଗ୍ରାଫିକ୍ ବିଷୟବସ୍ତୁ ସହଜରେ ଉପଲବ୍ଧ ହେଉଥିବା ନେଇ ଦାଏର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏହି ମନ୍ତବ୍ୟ ଦେଇଛନ୍ତି। ଆବେଦନକାରୀ ଏସ ବିଜୟକୁମାରଙ୍କ ଓକିଲ କେପିଏସ୍ ପାଲନେଭେଲ ରାଜନ ଅଷ୍ଟ୍ରେଲିଆରେ ଜାରି ହୋଇଥିବା ନିୟମର ଉଦାହରଣ ଦେଇଥିଲେ। ଇଣ୍ଟରନେଟ ସେବା ପ୍ରଦାନକାରୀ (ଆଇଏସ୍‌ପି)ଙ୍କ ଉପରେ କଡ଼ା ନିୟମ ଲାଗୁ କରିବାକୁ କୋର୍ଟ ସୁପାରିସ କରିଛନ୍ତି। ପିଲାମାନଙ୍କ ଅନ୍‌ଲାଇନ କାର୍ଯ୍ୟକଳାପ ଉପରେ ଅଭିଭାବକ ତଥା ପିତାମାତାଙ୍କ ନିୟନ୍ତ୍ରଣ ରହିବା ବାଧ୍ୟତାମୂଳକ ହେବା ଉଚିତ ବୋଲି କୋର୍ଟ କହିଛନ୍ତି। ଏହି ମାମଲା ଏକ ପୁରୁଣା ଆବେଦନ ସହିତ ଜଡିତ। ଅନେକ ସମୟରେ ଛୋଟପିଲାଙ୍କୁ ଇଣ୍ଟରନେଟ୍‌ରେ ଅଶ୍ଳୀଳ କଣ୍ଟେଣ୍ଟ ସହଜରେ ମିଳିଯାଉଛି। ଏହାକୁ ରୋକିବା ପାଇଁ ଉଚିତ ବ୍ୟବସ୍ଥା ନାହିଁ ବୋଲି ଆବେଦନରେ ଉଲ୍ଲେଖ କରାଯାଇଥିଲା।



ଉଲ୍ଲେଖଥାଉ କି, ଅଷ୍ଟ୍ରେଲିଆରେ ଡିସେମ୍ବର ୯ରୁ ୧୬ ବର୍ଷରୁ କମ୍ ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଆକାଉଣ୍ଟ ତିଆରି କରିବାକୁ ନିଷେଧ କରିଛି। ବିଶ୍ୱର ପ୍ରଥମ ଦେଶ ଭାବେ ଅଷ୍ଟ୍ରେଲିଆ ଏହି ନିୟମ ଲାଗୁ କରିଛି। ଏଥିପାଇଁ ଅଷ୍ଟ୍ରେଲିଆ ଗତବର୍ଷ 'ଅନ୍‌ଲାଇନ୍ ସେଫ୍ଟି ଆମେଣ୍ଡମେଣ୍ଟ ବିଲ୍' ଆଗତ କରିଥିଲା। ଏଥିରେ ୧୬ ବର୍ଷରୁ କମ୍ ପିଲା ଟିକ୍‌ଟକ, ଏକ୍ସ, ଫେସବୁକ, ଇନ୍‌ଷ୍ଟାଗ୍ରାମ, ସ୍ନାପଚାଟ, ୟୁଟ୍ୟୁବ ଭଳି ସାମାଜିକ ଗଣମାଧ୍ୟମଗୁଡିକଠାରୁ ଦୂରେଇ ରଖିବାର ବ୍ୟବସ୍ଥା କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଭାରତରେ ୯୬ ପ୍ରତିଶତ ୧୦ରୁ ୧୫ ବର୍ଷର ପିଲା ସାମାଜିକ ଗଣମାଧ୍ୟମରେ ସକ୍ରିୟ ରହିଛନ୍ତି। ଏ ପର୍ଯ୍ୟନ୍ତ ଭାରତରେ ସାମାଜିକ ଗଣମାଧ୍ୟମ ନେଇ କୌଣସି ଆଇନ୍ ଜାରି ହୋଇନାହିଁ।

# ଏସ୍‌ଆଇଆର୍: ଉତ୍ତର ପ୍ରଦେଶରୁ ହଟିଲେ ୨.୮୯ କୋଟି ଭୋଟର

ଲକ୍ଷ୍ନୌ, ୨୬।୧୨ (ଏଜେନ୍ସି): ଉତ୍ତର ପ୍ରଦେଶରେ ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ (ଏସଆଇଆର) ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଯାଇଛି। ରାଜ୍ୟରୁ ୨.୮୯ କୋଟି ଭୋଟରଙ୍କ ନାମ କାଟି ଦିଆଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ନବଦୀପ ରିଣୱା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏସଆଇଆର ହେବା ପୂର୍ବରୁ ରାଜ୍ୟରେ ୧୫ କୋଟି ୪୪ ଲକ୍ଷ ଭୋଟର ଥିଲେ। ପ୍ରଥମ ପର୍ଯ୍ୟାୟ ଫର୍ମ ଜମା ଏବଂ ଡିଜିଟାଲାଇଜେସନ କାମ ଆଜି ସମ୍ପୂର୍ଣ୍ଣ ହୋଇଛି। ଏ ପର୍ଯ୍ୟନ୍ତ ୨.୮୯ କୋଟି ଭୋଟର କମ୍ ହେଲେଣି। ଚୂଡ଼ାନ୍ତ ଚିଠା ତାଲିକା ୩୧ ତାରିଖରେ ଜାରି କରାଯିବ।

**● ୧୧ ରାଜ୍ୟରୁ କଟିଥିଲା ୩.୬୯ କୋଟି ନାମ**

ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୧.୨୬ କୋଟି ଭୋଟର ରାଜ୍ୟ ବାହାରକୁ ସ୍ଥାନାନ୍ତର ହୋଇଯାଇଛନ୍ତି। ୪୫.୯୫ ଲକ୍ଷ ଭୋଟରଙ୍କ ମୃତ୍ୟୁ ହୋଇସାରିଛି। ୨୩.୩୨ ଲକ୍ଷ ନକଲି ଭୋଟର ଜଣାପଡ଼ିଛନ୍ତି। ୮୪.୨୦ ଲକ୍ଷ ନିଖୋଜ ଅଛନ୍ତି। ୯.୩୭ ଲକ୍ଷ ଫର୍ମ ଜମା କରିନାହାନ୍ତି। ଉତ୍ତର ପ୍ରଦେଶରେ ୧୫ ଦିନ ସମୟ ବଢ଼ିବାରୁ ଭୋଟର ସଂଖ୍ୟା ପ୍ରାୟ ୨ ଲକ୍ଷ ବୃଦ୍ଧି ପାଇଛି। ଏହା ପୂର୍ବରୁ ୧୧ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଏସଆଇଆର ତାଲିକା ଜାରି ହୋଇସାରିଛି। ଏହି ସବୁ ରାଜ୍ୟରୁ ୩.୬୯ କୋଟି ଭୋଟରଙ୍କୁ ବାଦ ଦିଆଯାଇଛି। ଏମାନଙ୍କ ମଧ୍ୟରେ ମଧ୍ୟପ୍ରଦେଶର ୪୨.୭୪ ଲକ୍ଷ, ଛତିଶଗଡ଼ର ୨୭.୩୪ ଲକ୍ଷ, କେରଳର ୨୪.୦୮ ଲକ୍ଷ, ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜର ୩.୧୦ ଲକ୍ଷ, ପଶ୍ଚିମବଙ୍ଗରୁ ୫୮.୨୦ ଲକ୍ଷ, ରାଜସ୍ଥାନରୁ ୪୧.୮୫ ଲକ୍ଷ, ଗୋଆରୁ ୧୧.୮୫ ଲକ୍ଷ, ପୁଡୁଚେରିରୁ ୧.୦୩ ଲକ୍ଷ, ଲାକ୍ଷାଦ୍ୱୀପରୁ ୧୬୧୬, ତାମିଲନାଡୁରୁ ୯୭ ଲକ୍ଷ ଏବଂ ଗୁଜରାଟରୁ ୭୩ ଲକ୍ଷ ଭୋଟରଙ୍କ ନାମ କାଟି ଦିଆଯାଇଥିଲା।

# ଆସାମରେ ଥମୁନି ହିଂସା

## କାର୍ବି ଆଙ୍ଗଲଙ୍ଗରେ ହିଂସା ଜାରି; ୧୧ ହଜାର ଲୋକ ଗୃହବନ୍ଦୀ

ୱେଷ୍ଟ କାର୍ବି ଆଙ୍ଗଲଙ୍ଗ, ୨୬ ।୧୨(ଏଜେନ୍ସି): ଆସାମର ୧୨ ଲକ୍ଷ ଲୋକସଂଖ୍ୟା ବିଶିଷ୍ଟ ସ୍ୱୟଂଶାସିତ କାର୍ବି ଆଙ୍ଗଲଙ୍ଗ ଜିଲ୍ଲାରେ ଏବେ ଲୋକଙ୍କ ମନ ଓ ହୃଦୟକୁ ଭୟ କବଳିତ କରିଛି। ସମସ୍ତଙ୍କ ମନରେ ହିଂସା ଓ ଆତଙ୍କର ଭୟ ରହିଛି। ଲୋକଙ୍କ ଘରେ ରୋଷେଇ ବନ୍ଦ ରହିଛି। ବଜାର ସହ ଇଣ୍ଟରନେଟ ସେବା ମଧ ବନ୍ଦ ରହିଛି। ୧୧, ୦୦୦ ଲୋକ ଘରେ ବନ୍ଦୀ ହୋଇ ରହିଛନ୍ତି। ଗତ ଡିସେମ୍ବର ୨୨-୨୩ରେ ସ୍ଥାନୀୟ କାର୍ବି ଆଦିବାସୀ ଓ ବାହାରୁ ଆସି ବସବାସ କରୁଥିବା ଲୋକଙ୍କ ମଧ୍ୟରେ ହିଂସା ଓ ସଂଘର୍ଷ ସୃଷ୍ଟି ହୋଇଥିଲା। ଏଥିରେ ଦୁଇଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୫୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରେ ୬୦ ପୁଲିସ କର୍ମଚାରୀ ସାମିଲ ଥିଲେ। ଭିନ୍ନକ୍ଷମ ବ୍ୟକ୍ତି ସୁରଜ ଦେଙ୍କୁ ଭିଡ଼ି ଜିଅନ୍ତା ଜାଳି ଦେଇଥିଲେ।

ଜିଲ୍ଲାରେ ସଂଘର୍ଷ କେନ୍ଦ୍ରୀଭୂତ ହୋଇଥିବା ୧୨ଟି ଗାଁରେ ଭୟର ବାତାବରଣ ଜାରି ରହିଛି। ଏହି ଗାଁଗୁଡିକରେ ଆସାମ ପୁଲିସ, ରାପିଡ ଆକ୍ସନ ଫୋର୍ସ (ଆରଏଏଫ୍), ସେଣ୍ଟ୍ରାଲ ରିଜର୍ଭ ପୁଲିସ ଫୋର୍ସ (ସିଆରପିଏଫ୍) ଓ ଭାରତୀୟ ସେନାର ଯବାନମାନଙ୍କୁ ମୁତୟନ କରାଯାଇଛି। କାର୍ବି ଆଦିବାସୀ ସଂଗଠନଗୁଡିକ ଦାବି କରିଛନ୍ତି ଯେ, ତାଙ୍କର ଜନସଂଖ୍ୟା କମିବାର ଲାଗିଛି ଓ ଏବେ ଏହା ୩୫ ପ୍ରତିଶତରେ ପହଞ୍ଚିଛି। ବାକି ୬୫ ପ୍ରତିଶତ ଜନସଂଖ୍ୟା ବାହାରର ବୋଲି ସେମାନେ ଦାବି କରିଛନ୍ତି। ଏହି ଲୋକମାନେ ନେପାଳ, ଉତ୍ତରପ୍ରଦେଶ ଓ ବିହାରର ହିନ୍ଦୀ ଭାଷା କହୁଛନ୍ତି। ଯେଉଁ ଗାଁରେ ବିବାଦ ହୋଇଛି ସେ ଗାଁର ଲୋକସଂଖ୍ୟା ୧୧ ହଜାର। ଉଲ୍ଲେଖଥାଉ କି, କାର୍ବି ଆଙ୍ଗଲଙ୍ଗ ଭାରତୀୟ ସମ୍ବିଧାନର ଷଷ୍ଠ ଅନୁସୂଚୀ ଅନୁସାରେ ଗଠିତ ଏକ ସ୍ୱାୟତଶାସନ ଅଞ୍ଚଳ। ଏଠାକାର ଜମି କାର୍ବି ଆଦିବାସୀଙ୍କ ପାଇଁ ସଂରକ୍ଷିତ ରହିଛି। ୧୯୭୧ରେ କାର୍ବି ଲୋକଙ୍କ ଜନସଂଖ୍ୟା ୬୫ ପ୍ରତିଶତ ଥିଲା। କନ୍ତୁ ୨୦୧୧ରେ ଏହା କମିବା ସହ ୫୬.୩ ପ୍ରତିଶତରେ ପହଞ୍ଚିଛି। ଖେରାନୀ ଭଳି ବଜାରରେ ବ୍ୟବସାୟ ଓ ବସତି ଏବେ ମୁଖ୍ୟତଃ ହିନ୍ଦୀ ଭାଷାଭାଷୀ ଲୋକଙ୍କ ନିୟନ୍ତ୍ରଣରେ ରହିଛି। ପଶ୍ଚିମ କାର୍ବି ଆଙ୍ଗଲଙ୍ଗ ଜିଲ୍ଲାର ଆଦିବାସୀ ଅଞ୍ଚଳରେ ଗାଁ, ଗୋଚର ଓ ବୃତ୍ତିଗତ ଚରିବା ସଂରକ୍ଷଣ ଜମିରେ ହିନ୍ଦୀ ଭାଷାଭାଷୀ ଲୋକଙ୍କ ଜବରଦଖଲ ଅଭିଯୋଗକୁ ନେଇ କାର୍ବି ଓ ବିହାରୀ ସମ୍ପ୍ରଦାୟ ମଧ୍ୟରେ ବିବାଦ ରହିଛି। ଜିଲ୍ଲାର ୭, ୧୮୪ ବିଘାରୁ ଅଧିକ ସଂରକ୍ଷିତ ଜମି ବାହାର ଲୋକଙ୍କ କବ୍‌ଜାରେ ରହିଛି। ଏହାକୁ ନେଇ ସଂଘର୍ଷ ଆରମ୍ଭ ହୋଇଥିଲା। ଏବେ ଏହା



ବିସ୍ଫୋରଣ ରୂପ ନେଇଛି। ଆଇନଶୃଙ୍ଖଳା ନିୟନ୍ତ୍ରଣକୁ ଆଣିବାକୁ ରାଜ୍ୟ ସରକାର କଡ଼ା ଆହ୍ୱାନର ସମ୍ମୁଖୀନ ହୋଇଛନ୍ତି।

# ବାଂଲାଦେଶ ହିଂସା: ଉଦ୍‌ବେଗ ଜଣାଇଲା ଭାରତ

ଢାକା, ୨୬।୧୨ (ଏଜେନ୍ସି): ସାଧାରଣ ନିର୍ବାଚନ ଘୁଞ୍ଚାଇବାକୁ ବାଂଲାଦେଶରେ ସରକାରୀ ଷଡ଼ଯନ୍ତ୍ରର ହିଂସା ଜାରି ରହିଥିବାବେଳେ ପୁଣିଥରେ ଭାରତ ବିରୋଧୀ ବିକ୍ଷୋଭ ପ୍ରଦର୍ଶନ ହୋଇଛି। ଇନ୍‌କିଲାବ ମଞ୍ଚର ନେତା ସରିଫ ଉସମାନ ହାଦିଙ୍କ ହତ୍ୟାକୁ ବିରୋଧ ଏବଂ ନ୍ୟାୟ ଦାବିରେ ଢାକାର ସାହବାଗ ଅଞ୍ଚଳରେ ବିକ୍ଷୋଭ କରାଯାଇଛି। ଏହି ସମୟରେ

**■ ହିନ୍ଦୁଙ୍କ ଉପରେ ଆକ୍ରମଣ ଚିନ୍ତାର ବିଷୟ**
**■ ଦୀପୁ ଦାସ ହତ୍ୟା ମାମଲାରେ ଆଉ ୬ ଗିରଫ**
**■ ଢାକାରେ ହିନ୍ଦୁ ସଂଗଠନର ବିକ୍ଷୋଭ ପ୍ରଦର୍ଶନ**




ଭାରତ ବିରୋଧୀ ସ୍ଲୋଗାନ ଦିଆଯାଇଛି। ଜୁମାର ନମାଜ ପରେ ଢାକା ୟୁନିଭର୍ସିଟିରେ ପ୍ରସେସନ ବାହାର କରାଯାଇଥିଲା। ଏହା ଶାହବାଗ ପହଞ୍ଚିବା ପରେ ଧାରଣା ପ୍ରଦର୍ଶନରେ ବଦଳି ଯାଇଥିଲା। 'ମୁଁ ହାଦି' ସ୍ଲୋଗାନ ଦିଆଯାଇଥିଲା। ବିକ୍ଷୋଭକାରୀ ରାସ୍ତା ଜାମ କରି ଯାତାୟତକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିଲେ। ଇନ୍‌କିଲାବ ମଞ୍ଚ ପକ୍ଷରୁ କୁହାଯାଇଛି ଯେ ହାଦିଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ସୂଚନାଯୋଗ୍ୟ ଯେ ଗତ ବର୍ଷ ଜୁଲାଇରେ ଏହି ୟୁନିଭର୍ସିଟିରୁ ଆନ୍ଦୋଳନର ରଣନୀତି ପ୍ରସ୍ତୁତ କରାଯାଇଥିଲା।

ଅନ୍ୟପକ୍ଷରେ ବାଂଲାଦେଶରେ ଜାରି ହିଂସା ଏବଂ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣକୁ ନେଇ ଭାରତ ପକ୍ଷରୁ ଚିନ୍ତା ପ୍ରକଟ କରାଯାଇଛି। ବିଦେଶ ମନ୍ତ୍ରାଳୟର ପ୍ରବକ୍ତା ରଣଧୀର ଜୟସ୍ୱାଲ କହିଛନ୍ତି ଯେ ହିନ୍ଦୁ ଯୁବକ ଦୀପୁ ଚନ୍ଦ୍ର ଦାସଙ୍କ ନିର୍ମମ ହତ୍ୟାକୁ ଅଣଦେଖା କରିହେବ ନାହିଁ। ହିନ୍ଦୁ ଯୁବକଙ୍କ ହତ୍ୟାକୁ ଭାରତ ନିନ୍ଦା କରୁଛି। ଅପରାଧୀଙ୍କୁ ଶୀଘ୍ର ଦଣ୍ଡ ମିଳିବ ବୋଲି ଆଶା। ସେହିପରି ବାଂଲାଦେଶରେ ପ୍ରଚାରପ୍ରସାର କରାଯାଉଥିବା ଭାରତ ବିରୋଧୀ ମିଛକୁ ଜୟସ୍ୱାଲ ଖାରଜ କରିଦେଇଛନ୍ତି। ଆଇନ ବ୍ୟବସ୍ଥା ଏବଂ ସୁରକ୍ଷା ବଜାୟ ରଖିବା ବାଂଲାଦେଶର କାମଚଳା ସରକାରଙ୍କ ଦାୟିତ୍ୱ। ଏହି ସରକାର ସମୟରେ ସଂଖ୍ୟାଲଘୁଙ୍କ ବିରୋଧରେ ୨୯୦୦ରୁ ଅଧିକ ହିଂସା ଘଟଣା ରୁଜୁ କରାଯାଇଛି। ଏ ସବୁକୁ ରାଜନୈତିକ ହିଂସା କହି ଖାରଜ କରାଯାଇପାରିବ ନାହିଁ। ବାଂଲାଦେଶ ଲୋକଙ୍କ ସହ ସମ୍ବନ୍ଧ ମଜବୁତ କରିବାକୁ ଭାରତ ପ୍ରତିବଦ୍ଧ। ଏହି ଦେଶରେ ନିରପେକ୍ଷ ଏବଂ ସ୍ୱାଧୀନ ନିର୍ବାଚନ ପାଇଁ ଆମେ ଦାବି କରି ଆସୁଛୁ। ବାଂଲାଦେଶ ସ୍ଥିତି ଉପରେ ବିଦେଶ ମନ୍ତ୍ରାଳୟ ତୀକ୍ଷଣ ନଜର ରଖିଛି। ସେଠାକାର ଅଧିକାରୀ ନିକଟରେ ଏହି ପ୍ରସଙ୍ଗ ଉଠାଯାଉଛି।

ଏହା ମଧ୍ୟରେ ବାଂଲାଦେଶରେ ଦୀପୁଙ୍କୁ ପିଟି ପିଟି ଜିଅନ୍ତା ଜାଳିଦେବା ମାମଲାରେ ପୁଲିସ ଆଉ ୬ ଜଣଙ୍କୁ ଗିରଫ କରିଛି। ମୟମନସିଂହ ଜିଲ୍ଲା ଭାଲୁକା ଅଞ୍ଚଳରେ ଚଢ଼ଉ ସମୟରେ ସେମାନଙ୍କୁ ଧରାଯାଇଥିଲା। ଏହି ମାନେ ଦୀପୁଙ୍କୁ ଚାକିରି ଛାଡ଼ିବା ପାଇଁ ବାଧ କରୁଥିଲେ। ଏ ପର୍ଯ୍ୟନ୍ତ ଏହି ହତ୍ୟାକାଣ୍ଡରେ ୧୮ ଜଣଙ୍କୁ ଗିରଫ କରାଗଲାଣି। ଦୀପୁଙ୍କ ହତ୍ୟାକୁ ବିରୋଧ କରି ହିନ୍ଦୁ ସଂଗଠନ 'ନ୍ୟାସନାଲ ହିନ୍ଦୁ ମହାଜୋଟ' ଢାକାର ନ୍ୟାସନାଲ ପ୍ରେସ କ୍ଲବ ବାହାରେ ବିକ୍ଷୋଭ କରିଛି। ହତ୍ୟାକାରୀଙ୍କୁ କଠୋର ଦଣ୍ଡ ଦେବାକୁ ଦାବି କରାଯାଇଛି।

# କେରଳରେ ପ୍ରଥମଥର ପାଇଁ ବିଜେପି ମେୟର

ତିରୁଅନନ୍ତପୁରମ, ୨୬ ।୧୨(ଏଜେନ୍ସି): କେରଳରେ ପ୍ରଥମଥର ପାଇଁ ଜଣେ ବିଜେପି ସଦସ୍ୟ ମେୟର ନିର୍ବାଚିତ ହୋଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ତିରୁଅନନ୍ତପୁରମ ନଗର ନିଗମ ନିର୍ବାଚନରେ ବିଜେପିର ୫୦ ବର୍ଷୀୟ ଆଇନଜୀବୀ ଭିଭି ରାଜେଶ ଜଣେ ସ୍ୱାଧୀନ କାଉନସିଲରଙ୍କ ସମର୍ଥନ ସହ ମୋଟ୍ ୫୧ଟି ଭୋଟ ହାସଲ କରି ବାଜି ମାରିଛନ୍ତି। ଏଥିସହ କେରଳ ରାଜନୀତି ଏକ ନୂଆ ମୋଡ଼ରେ ପହଞ୍ଚିଛି ବୋଲି ଚର୍ଚ୍ଚା ହେଉଛି। ବାମ ଗଣତାନ୍ତ୍ରିକ ମୋର୍ଚ୍ଚା (ଏଲ୍‌ଡିଏଫ୍) ପ୍ରାର୍ଥୀ ୨୯ଟି ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। ସେହିପରି ୟୁଡିଏଫ୍ ପ୍ରାର୍ଥୀ କେଏସ୍ ସାବରୀନାଥନ ୧୯ ଭୋଟ ପାଇଥିଲେ। ଏଥିରୁ ଦୁଇଟି ଭୋଟ ନାକଚ୍ ହୋଇଥିଲା। ବିଜେପି ୬ଟି ନଗର ନିଗମ ନିର୍ବାଚନରୁ ମାତ୍ର ଗୋଟିଏରେ ବିଜୟ ହାସଲ କରିବାକୁ ସକ୍ଷମ ହୋଇଛି। ଏହା ସତ୍ତ୍ୱେ ବିଜେପି ପାଇଁ ଏହାକୁ ଏକ ବଡ଼ ସଫଳତା ବିବେଚନା କରାଯାଉଛି। ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ତିରୁଅନନ୍ତପୁରମ ମେୟର ପଦବୀ ପାଇଁ ପୂର୍ବତନ ଆଇପିଏସ୍ ଅଧିକାରୀ ଆର ଶ୍ରୀଲେଖା ଦୌଡ଼ରେ ସର୍ବାଗ୍ରେ ଥିଲେ। କିନ୍ତୁ ଦଳ ଭିଭି ରାଜେଶଙ୍କୁ ହିଁ ମେୟର ପଦ ପାଇଁ ଚୂଡାନ୍ତ କରିଥିଲା।

**■ ତିରୁଅନନ୍ତପୁରମରେ ଭିଭି ରାଜେଶ ନିର୍ବାଚିତ**
**■ ୪ ଦଶନ୍ଧି ଧରି ବାମମେଣ୍ଟ କ୍ଷମତାରେ ଥିଲା**



ଡିସେମ୍ବର ୨ରେ ତିରୁଅନନ୍ତପୁରମ ନଗର ନିଗମ ନିର୍ବାଚନର ୧୦୧ଟି ୱାର୍ଡର ଫଳାଫଳ ଘୋଷଣା କରାଯାଇଥିଲା। ଏଥିରେ ବିଜେପି ୫୦, ଏଲ୍‌ଡିଏଫ୍ ୨୯ ଓ ୟୁଡିଏଫ୍ ୧୯ଟି ଆସନରେ ବିଜୟୀ ହୋଇଥିଲା। ଏଠାରେ ଏଲ୍‌ଡିଏଫ୍ ଗତ ୪୫ ବର୍ଷ ଧରି କ୍ଷମତାରେ ରହିଆସୁଥିଲା। ତିରୁଅନନ୍ତପୁରମ କଂଗ୍ରେସ ବରିଷ୍ଠ ନେତା ତଥା ସାଂସଦ ଶଶି ଥରୁରଙ୍କ ଗଡ଼ ଭାବେ ବିବେଚନା କରାଯାଏ। ଉଲ୍ଲେଖଥାଉ କି, କେରଳର ୧, ୧୯୯ଟି ସ୍ଥାନୀୟ ସଂସ୍ଥା ପାଇଁ ନିର୍ବାଚନ ଡିସେମ୍ବର ୯ ଓ ୧୧ରେ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୬ଟି ନିଗମ, ୮୬ଟି ପୌରପାଳିକା, ୧୪ଟି ଜିଲ୍ଲା ପରିଷଦ ଓ ୯୪୧ଟି ଗ୍ରାମପଞ୍ଚାୟତ ସାମିଲ ଥିଲା।

# ପାକିସ୍ତାନର ପରମାଣୁ ଅସ୍ତ୍ର ବିଶ୍ୱ ପାଇଁ ବିପଦ

ନୂଆଦିଲ୍ଲୀ, ୨୬ ।୧୨(ଏଜେନ୍ସି): ପାକିସ୍ତାନର ପରମାଣୁ ଅସ୍ତ୍ର ସାରା ବିଶ୍ୱପ୍ରତି ବିପଦ ସୃଷ୍ଟି କରିଛି। ଏନେଇ ବିଶ୍ୱ ନେତୃତ୍ୱରେ ବାରମ୍ବାର ପରୋକ୍ଷରେ ଚର୍ଚ୍ଚା ଓ ଆଲୋଚନା ହୋଇ ଆସୁଛି। କିନ୍ତୁ ୨୪ ବର୍ଷ ତଳେ ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଏ ନେଇ ଚିନ୍ତା ପ୍ରକଟ କରିଥିବା କଥା ଏବେ ସାମ୍ନାକୁ ଆସିଛି। ୨୦୦୧ରୁ ୨୦୦୮ ମଧ୍ୟରେ ଦୁଇ ଦେଶ ମଧ୍ୟରେ ହୋଇଥିବା କଥାବାର୍ତ୍ତା ଦଲିଲ୍‌ରୁ ଏହି ସୂଚନା ମିଳିଛି। ସୂଚନା ସ୍ୱାଧୀନତା ଆଇନ୍ ଅଧୀନରେ ଆମେରିକୀୟ ଜାତୀୟ ସୁରକ୍ଷା ଅଭିଲେଖାଗାର ଦ୍ୱାରା ଏହି ଦଲିଲଗୁଡିକ ପ୍ରକାଶିତ ହେବା ପରେ ଏହି ତଥ୍ୟ ସାମ୍ନାକୁ ଆସିଛି। ପରମାଣୁ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଏକ ଅଗଣତାନ୍ତ୍ରିକ ଦେଶର ଅସ୍ତିତ୍ୱ ବିଶ୍ୱ ସୁରକ୍ଷା ପାଇଁ ବିପଦ ସୃଷ୍ଟିକରିପାରେ ବୋଲି ସେତେବେଳେ ପୁତିନ ହୃଦୟଙ୍ଗମ କରିଥିଲେ।


୨୪ ବର୍ଷ ତଳେ ବୁଶ୍‌ଙ୍କୁ ଚେତାବନୀ ଦେଇଥିଲେ ପୁତିନ

ପୁତିନ ୨୦୦୧ରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶଙ୍କୁ ନିଜର ପ୍ରଥମ ସାକ୍ଷାତରେ ପାକିସ୍ତାନକୁ ନେଇ ନିଜର ଚିନ୍ତା ପ୍ରକଟ କରିଥିଲେ। ପାକିସ୍ତାନର ପରମାଣୁ ଅସ୍ତ୍ର ବିପଦ ସୃଷ୍ଟି କରିଛି ବୋଲି ସେ ବୁଶ୍‌ଙ୍କୁ କହିଥିଲେ। ପ୍ରକୃତରେ ପାକିସ୍ତାନ ଏକ ଗଣତନ୍ତ୍ର ରାଷ୍ଟ୍ରନୁହେଁ। ଏଠାରେ ସେନାର ଶାସନ ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବେ ଚାଲିଛି। କିନ୍ତୁ ପାକିସ୍ତାନ ପାଖରେ ପରମାଣୁ ଅସ୍ତ୍ର ରହିଛି। ଏହା ସତ୍ତ୍ୱେ ବି ପାଶ୍ଚାତ୍ୟ ଦେଶଗୁଡିକ ପାକିସ୍ତାନକୁ ସମାଲୋଚନା କରୁନାହାନ୍ତି ଓ ପରୋକ୍ଷରେ ସମର୍ଥନ କରୁଛନ୍ତି। ତେଣୁ ଏ ନେଇ ଚିନ୍ତା ସୃଷ୍ଟି ହୋଇଛି। ଏନେଇ ଖୋଲାଖୋଲି ଭାବେ ଚର୍ଚ୍ଚା ହେବାର ଆବଶ୍ୟକତା ରହିଛି। ଦୁଇ ନେତା ପାକିସ୍ତାନର ଅଭ୍ୟନ୍ତରୀଣ ପରିସ୍ଥିତି, ରାଜନୈତିକ ଅସ୍ଥିରତା ଓ ପରମାଣୁ କମାଣ୍ଡ ବିଷୟରେ ଚିନ୍ତିତ ଥିଲେ। ସେମାନେ ଭୟ କରୁଥିଲେ ଯେ, ଯଦି ପରିସ୍ଥିତି ଆହୁରି ଖରାପ ହୁଏ, ତେବେ ପରମାଣୁ ପ୍ରଯୁକ୍ତି ବିଦ୍ୟା ଭୁଲ ହାତରେ ପଡ଼ିପାରେ। ଏନେଇ ହୋଇଥିବା ଆଲୋଚନାରେ ପାକିସ୍ତାନର ଅବଦୁଲ କାଦିର ଖାନ୍ ନେଟୱର୍କ, ଇରାନ ଓ ଉତ୍ତରକୋରିଆ ପର୍ଯ୍ୟନ୍ତ ପରମାଣୁ ପଯୁକ୍ତିବିଦ୍ୟା ପହଞ୍ଚିବାର ବିପଦ ଓ ପାକିସ୍ତାନ ପରମାଣୁ ସୁରକ୍ଷା ବ୍ୟବସ୍ଥା ବିଷୟରେ ଚିନ୍ତା ପ୍ରକଟ କରାଯାଇଥିଲା। ଦୁଇ ନେତା ପାକିସ୍ତାନର ପରମାଣୁ ନୀତି ଓ ନିୟନ୍ତ୍ରଣ ବ୍ୟବସ୍ଥା ଉପରେ ବିଶ୍ୱାସ କରି ନଥିଲେ। ପୁତିନଙ୍କ ଏହି ଚିନ୍ତାକୁ ମଧ ବୁଶ୍ ବୁଝିବା ସହ ହୃଦୟଙ୍ଗମ କରିଥିଲେ ବୋଲି ଦଲିଲ୍‌ରେ ଉଲ୍ଲେଖ କରାଯାଇଛି।

# ଦିଲ୍ଲୀ ହାଇକୋର୍ଟ ବାହାରେ ବିକ୍ଷୋଭ

ନୂଆଦିଲ୍ଲୀ, ୨୬। ୧୨ (ଏଜେନ୍ସି): ଉତ୍ତର ପ୍ରଦେଶ ଉନ୍ନାଓ ଦୁଷ୍କର୍ମ ମାମଲା ।।ରେ ଆଜୀବନ କାରାଦଣ୍ଡ ପାଇଥିବା ପୂର୍ବତନ ବିଜେପି ବିଧାୟକ କୁଲଦୀପ ସେଙ୍ଗରଙ୍କ ଜାମିନକୁ ଜୋରଦାର ବିରୋଧ କରାଯାଉଛି। ପୀଡ଼ିତା ଏବଂ ତାଙ୍କ ପରିବାର ପ୍ରତି ପୁଲିସ କରିଥିବା ଅତ୍ୟାଚାରକୁ ନିନ୍ଦା କରାଯାଉଛି। ଶୁକ୍ରବାର ଦିଲ୍ଲୀ ହାଇକୋର୍ଟ ବାହାରେ ସାମାଜିକ କର୍ମୀ ଏବଂ ପୀଡ଼ିତାଙ୍କ ମାଆ ହାଇକୋର୍ଟଙ୍କ ରାୟକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଦୁଷ୍କର୍ମକାରୀଙ୍କୁ ସୁରକ୍ଷା ଦେବା ବନ୍ଦ କର ବୋଲି ସ୍ଲୋଗାନ ଦେଇଛନ୍ତି। ପୀଡିତାଙ୍କ ଓକିଲ ଯୋଗିତା ଭୟାନୀଙ୍କ ନେତୃତ୍ୱରେ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ଆସୋସିଏସନର ସାମାଜିକ କର୍ମୀ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ। ସିବିଆଇ ମଧ ହାଇକୋର୍ଟଙ୍କ ରାୟକୁ ବିରୋଧ କରି ସୁପ୍ରିମକୋର୍ଟରେ ଶୁକ୍ରବାର ସ୍ପେସିଆଲ ଲିଭ ପିଟିସନ (ଏସଏଲପି) ଦାଏର କରିଥିବା ଜଣାପଡ଼ିଛି।

**କୁଲଦୀପଙ୍କ ଜାମିନକୁ ବିରୋଧ**




# କାନାଡ଼ା ବିଶ୍ୱବିଦ୍ୟାଳୟରେ ଭାରତୀୟ ଛାତ୍ରଙ୍କୁ ହତ୍ୟା

ଟରୋଣ୍ଟୋ, ୨୬ ।୧୨(ଏଜେନ୍ସି): କାନାଡ଼ା ଟରଣ୍ଟୋ ବିଶ୍ୱବିଦ୍ୟାଳୟରେ ଜଣେ ୨୦ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ଛାତ୍ର ଶିବାଙ୍କ ଅବସ୍ଥିଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଟରଣ୍ଟୋରେ ଏହା ଚଳିତ ବର୍ଷର ୪୧ତମ ହତ୍ୟା। କ୍ୟାମ୍ପସ ନିକଟରେ ଏହି ହତ୍ୟାକାଣ୍ଡ ଘଟିଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ସୁରକ୍ଷା ନେଇ ଆଲର୍ଟ ଜାରି କରାଯାଇଛି। ପୁଲିସ କହିବା ଅନୁସାରେ, ଡିସେମ୍ବର ୨୩ରେ ଦ୍ୱିପହରରେ ହତ୍ୟା ନେଇ ସୂଚନା ମିଳିଥିଲା। ପୁଲିସ ଘଟଣାସ୍ଥଳରେ ହିଁ ଶିବାଙ୍କଙ୍କୁ ଗୁଳି ଲାଗିଥିବା ଅବସ୍ଥାରେ ପାଇଥିଲେ ଓ ତାଙ୍କୁ ମୃତ ବୋଲି ଘୋଷିତ କରିଥିଲା। ପୁଲିସ ଆସିବା ପୂର୍ବରୁ ଆକ୍ରମଣକାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେବାକୁ ପୁଲିସ ଲୋକଙ୍କୁ ନିବେଦନ କରିଛି। ଏଥିସହ ଟରଣ୍ଟୋରେ ଗତ ୩ ଦିନ ମଧ୍ୟରେ ଦୁଇଜଣ ଭାରତୀୟଙ୍କ ହତ୍ୟା କରାଯାଇଛି। ଏହାପୂର୍ବରୁ ଡିସେମ୍ବର ୨୦ରେ ଜଣେ ଭାରତୀୟ ବଂଶୋଦ୍ଭବ ମହିଳା ହିମାଂଶୀ ଖୁରାନାଙ୍କୁ ହତ୍ୟା କରାଯାଇଥିଲା। ତାଙ୍କସହ ରହୁଥିବା ପାର୍ଟନର ହିଁ ଏହି ହତ୍ୟାକାଣ୍ଡ ଘଟାଇଥିଲେ ବୋଲି କୁହାଯାଇଥିଲା। ଏହି ଘଟଣାରେ ଟରଣ୍ଟୋରେ ଭାରତୀୟ ଦୂତାବାସ ଶୋକ ପ୍ରକାଶ କରିଛି ଓ ଶିବାଙ୍କ ପରିବାର ସହ ଯୋଗାଯୋଗ ରକ୍ଷା କରାଯାଇଛି ବୋଲି କହିଛି। ସ୍ଥାନୀୟ ଅଧିକାରୀଙ୍କ ସହ କାର୍ଯ୍ୟକରି ଦୂତାବାସ ସବୁ ପ୍ରକାର ସହାୟତା ପ୍ରଦାନ କରୁଛନ୍ତି। ଦୂତାବାସ ଶିବାଙ୍କଙ୍କୁ ଜଣେ ଡକ୍ଟରେଟ ଛାତ୍ର ବୋଲି କହିଛି। ଯଦିଓ କିଛି ରିପୋର୍ଟ ତାଙ୍କୁ ଜଣେ ଜୀବ ବିଜ୍ଞାନ ଛାତ୍ର ବୋଲି କହିଛି।

**୩ ଦିନରେ ୨ ଭାରତୀୟଙ୍କୁ ହତ୍ୟା**

ସୂଚନାଯୋଗ୍ୟ ଯେ, ଗତ କିଛିଦିନ ହେବା କାନାଡ଼ା ସମେତ ବିଭିନ୍ନ ଦେଶରେ ଭାରତୀୟମାନଙ୍କୁ ଟାର୍ଗେଟ କରାଯାଉଛି ଓ ହତ୍ୟା କରାଯିବାର ଖବର ମିଳୁଛି। ଖାସ୍ କରି କାନାଡାରେ ଭାରତୀୟଙ୍କ ବିରୋଧରେ ହେଟ୍ କ୍ରାଇମ୍ ବା ଘୃଣା ହତ୍ୟା ବୃଦ୍ଧିପାଉଥିବା ଲକ୍ଷ୍ୟ କରାଯାଇଛି। ୨୦୧୯ରୁ ୨୦୨୩ ମଧ୍ୟରେ ଏହା ୨୦୦ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ୨୦୨୪ରୁ ୨୦୨୫ ମଧ୍ୟରେ ଏହା ୧୩୫୦ ପ୍ରତିଶତ ବୃଦ୍ଧି ପାଇଛି।

# ମାଟିରେ ମିଶିଲା ଆଫଗାନିସ୍ତାନର ଐତିହାସିକ ସିନେମାହଲ୍: ନିର୍ମାଣ ହେବ ସପିଙ୍ଗ ସେଣ୍ଟର

କାବୁଲ୍, ୨୬ ।୧୨(ଏଜେନ୍ସି): ଆଫଗାନିସ୍ତାନ ରାଜଧାନୀ କାବୁଲର ଐତିହାସିକ ଏରିଆନା ପ୍ରେକ୍ଷାଳୟ ଅର୍ଥାତ ସିନେମାହଲକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦିଆଯାଇଛି। ୧୯୬୩ରେ ନିର୍ମିତ ହୋଇଥିବା ଏହି ସିନେମା ଟକିଜକୁ ଡିସେମ୍ବର ୧୬ରେ ଭଙ୍ଗାଯିବାର ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ମାତ୍ର ଗୋଟିଏ ସପ୍ତାହ ମଧ ଏହାକୁ ମାଟିରେ ମିଶାଇ ଦିଆଯାଇଛି। ଏବେ ଏହି ସ୍ଥାନରେ ଏକ ସପିଂ ସେଣ୍ଟର ନିର୍ମାଣ କରାଯିବ ବୋଲି କୁହାଯାଇଛି। ଦୀର୍ଘ ଦଶନ୍ଧି ଧରି ଏରିଆନା ସିନେମା ହଲ୍ କାବୁଲର ଲୋକଙ୍କ ପାଇଁ ମନୋରଞ୍ଜନର କେନ୍ଦ୍ର ସାଜିଥିଲା। ଏଠାରେ ବଲିଉଡ, ହଲିଉଡ୍‌ର ଆକ୍ସନ ସିନେମା ଓ ପରେ ଆଫଗାନ୍ ସିନେମା ପ୍ରଦର୍ଶିତ କରାଯାଉଥିଲା। କିନ୍ତୁ ୨୦୨୧ରେ




ତାଲିବାନ ଶାସନକୁ ଆସିବା ପରେ ସିନେମା ଓ ସଙ୍ଗୀତ ସହିତ ଅଧିକାଂଶ ମନୋରଞ୍ଜନ କାର୍ଯ୍ୟକାଳାପ ଉପରେ ପ୍ରତିବନ୍ଧ ଲଗାଯାଇଥିଲା। ସବୁ ସିନେମାହଲକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଚଳିତ ବର୍ଷ ମେ'ରେ ଆଫଗାନ ଚଳଚ୍ଚିତ୍ର ପ୍ରଶାସନକୁ ମଧ ଭାଙ୍ଗିଦିଆ ଯାଇଥିଲା। ଏହା ପରେ ଏରିଆନ ସିନେମା ହଲ୍ ଦୀର୍ଘ ସମୟ ପାଇଁ ବନ୍ଦ ରହିଥିଲା। ଏ ନେଇ କାବୁଲ ନଗର ପ୍ରଶାସନ ସଫେଇ ଦେଇ କହିଛି ଯେ, ସିନେମା ହଲ ଯେଉଁ ସ୍ଥାନ ଉପରେ ତିଆରି ହୋଇଥିଲା ତାହା ବ୍ୟବସାୟିକ କ୍ଷେତ୍ରରେ ରହିଥିଲା। ଏଠାରେ ସପିଂ କମ୍ପ୍ଲେକ୍ସ ତିଆରି ହେଲେ ନଗର ନିଗମର ଆୟ ବୃଦ୍ଧି ପାଇବ ଓ ସହରର ବିକାଶ ତ୍ୱରାନ୍ୱିତ ହେବ ବୋଲି କୁହାଯାଇଛି।





ଶୁକ୍ରବାର ଶଙ୍ଖଭବନରେ ବିଜେଡିର ୨୯ ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ନେତା ଓ କର୍ମୀମାନେ ସ୍ୱାଗତ କରୁଛନ୍ତି

# ଓଡ଼ିଶାର ଜ୍ୟୋତ୍ସ୍ନା ପାଇଲେ 'ରାଷ୍ଟ୍ରୀୟ ବାଲ୍ ପୁରସ୍କାର'



ଭୁବନେଶ୍ୱର, ୨୬।୧୨ (ସମିସ): ବୀର୍ ବାଲ୍ ଦିବସ ଉପଲକ୍ଷେ ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୧୮ଟି ରାଜ୍ୟର ୨୦ଜଣ ଶିଶୁ ପ୍ରତିଭାଙ୍କୁ 'ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର'ରେ ସମ୍ମାନିତ କରିଛନ୍ତି। କଳା, ସଂସ୍କୃତି, ଶିକ୍ଷା, ସମାଜସେବା, ସାହସିକତା ଓ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଥିବା ଦେଶର ୫ବର୍ଷରୁ ଊର୍ଦ୍ଧ୍ୱ ଓ ୧୮ ବର୍ଷରୁ କମ୍ ବୟସର ଶିଶୁଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସମ୍ମାନିତ ହୋଇଥିବା ଶିଶୁ ପ୍ରତିଭାଙ୍କ ମଧ୍ୟରେ ଓଡ଼ିଶାର ପ୍ରତିଭାବାନ ଭାରୋତ୍ତୋଳିକା ଜ୍ୟୋତ୍ସ୍ନା ଶବର ଓ ବିହାରର ବିସ୍ମୟ କ୍ରିକେଟର୍ ୧୪ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କ ସହ ୯ଜଣ କ୍ରୀଡ଼ାବିତ୍ ରହିଛନ୍ତି। ୧୭ବର୍ଷୀୟା ଜ୍ୟୋତ୍ସ୍ନା ପଦକ ଓ ପ୍ରମାଣପତ୍ର ସହ ଏକ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ରାଷ୍ଟ୍ରପତିଙ୍କଠାରୁ ଗ୍ରହଣ କରିଥିଲେ। ଦେଶର ପିଲାମାନଙ୍କ ପାଇଁ ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ନାଗରିକ ସମ୍ମାନ ପାଇବାରେ ଜ୍ୟୋତ୍ସ୍ନା ଦ୍ୱିତୀୟ ଓଡ଼ିଆ ଭାରୋତ୍ତୋଳିକା। ଗତବର୍ଷ ଢେଙ୍କାନାଳର ପ୍ରୀତିସ୍ମିତା ଭୋଇଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଥିଲା।

ରାଷ୍ଟ୍ରପତିଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିବା ସମୟରେ ଜ୍ୟୋତ୍ସ୍ନାଙ୍କ ସହ ତାଙ୍କ ବାପା କୀର୍ତ୍ତନ ଶବର ଓ ମାମୁ ମଦନ ମୋହନ ଉପସ୍ଥିତ ଥିଲେ। ଗଜପତିରେ ଜନ୍ମିତ ଜ୍ୟୋତ୍ସ୍ନା ବର୍ତ୍ତମାନ ଭୁବନେଶ୍ୱରସ୍ଥିତ 'କିସ୍' ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ଏସିଆନ୍ ୟୁଥ୍ ଜୁନିଅର ଭାରୋତ୍ତୋଳନ ଚାମ୍ପିଅନସିପ୍‌ର ୨୦୨୩ ଓ ୨୦୨୪ ସଂସ୍କରଣରେ ଜ୍ୟୋତ୍ସ୍ନା ଯଥାକ୍ରମେ କାଂସ୍ୟ ଓ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ସେହିଭଳି ଚଳିତବର୍ଷ ପେରୁରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଭାରୋତ୍ତୋଳନ ଚାମ୍ପିଅନସିପ୍‌ରେ ମଧ୍ୟ ସେ ଦମ୍‌ଦାର ପ୍ରଦର୍ଶନ କରି ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ବର୍ତ୍ତମାନ ଜ୍ୟୋତ୍ସ୍ନା କିଟ୍ କ୍ରୀଡ଼ା ଏକାଡେମୀରେ ଅଭ୍ୟାସ କରୁଛନ୍ତି। ଅଲିମ୍ପିକ୍ସରେ ପଦକ ଜିତିବା ତାଙ୍କର ଲକ୍ଷ୍ୟ ରହିଛି ବୋଲି ଜ୍ୟୋତ୍ସ୍ନା କହିଛନ୍ତି। ଏହି ସମ୍ମାନଜନକ ପୁରସ୍କାର ଲାଗି କିସ୍ ଓ କିଟ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଜ୍ୟୋତ୍ସ୍ନାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବସ୍‌ରେ ମାଗଣା ଯିବେ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨୬।୧୨(ସମିସ): ସରକାରୀ ବସ୍‌ରେ ମାଗଣା ଯାତାୟାତ କରିବେ ଛାତ୍ରଛାତ୍ରୀ। ମୁଖ୍ୟମନ୍ତ୍ରୀ ବସ୍ ସେବା (ଏମ୍‌ବିଏସ୍) ଯୋଜନାରେ ପିଲାଙ୍କୁ ଏହି ସେବା ଯୋଗାଇ ଦିଆଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏ ସମ୍ପର୍କିତ ପ୍ରସ୍ତାବକୁ ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି।

**ଆଇକାର୍ଡ ଓ ୟୁନିଫର୍ମ ବାଧ୍ୟତାମୂଳକ**

**ଅଧିକ ସ୍କୁଲ ଥିବା ରୁଟ୍‌ରେ ଗଡ଼ିବ ବସ୍**

ବିଦ୍ୟାଳୟରେ ଡ୍ରପ୍ ଆଉଟ୍ ହାର ହ୍ରାସ କରିବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି। ବସ୍‌ରେ ଯିବା ସମୟରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ଆଇ-କାର୍ଡ ସହିତ ୟୁନିଫର୍ମରେ ଥିଲେ ଆଉ ଭଡ଼ା ଦେବାକୁ ପଡ଼ିବ ନାହିଁ। ସ୍କୁଲ୍‌ଠାରୁ ବିଦ୍ୟାଳୟର ଦୂରତା ପାଇଁ ଅଧାରୁ ପାଠପଢ଼ା ଛାଡୁଥିବା ଛାତ୍ରଛାତ୍ରୀମାନେ ଦୂରଦୂରାନ୍ତରୁ ବିଦ୍ୟାଳୟକୁ ଆସିବା ପାଇଁ ସହଜ ଓ ସୁଗମ ହେବ। ଉଭୟ ଶୀତତାପ ନିୟନ୍ତ୍ରିତ ଏବଂ ଅଣଶୀତତାପ ନିୟନ୍ତ୍ରିତ ବସ୍‌ରେ ସ୍କୁଲ ପିଲାମାନେ ମାଗଣାରେ ସ୍କୁଲ ଯିବାଆସିବା କରିପାରିବେ। ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି) ବସ୍ ଗୁଡ଼ିକର ସମୟ ଓ ମାର୍ଗରେ ମଧ୍ୟ ପରିବର୍ତ୍ତନ କରିବ। ସଫ୍ଟୱେୟାର୍ ଆପ୍ଲିକେସନ୍‌ରେ ମଧ୍ୟ ପରିବର୍ତ୍ତନ ଅଣାଯିବ। ପିଲାଙ୍କୁ ବିଦ୍ୟାଳୟ ସହ ଯୋଡ଼ିବା ପାଇଁ ଅଧିକ ସ୍କୁଲ୍ ଥିବା ରୁଟ୍‌ରେ ବସ୍ ଗଡ଼ିବ।

**ଚାନ୍ଦବାଲିରେ ପୁଣି ଚାଞ୍ଚଲ୍ୟ!**

# ବିଷ ପିଇଦେଲେ ଦୁଷ୍କର୍ମ ପୀଡ଼ିତା

ଭଦ୍ରକ, ୨୬।୧୨(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ଅଞ୍ଚଳରେ ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ଦୁଷ୍କର୍ମ ପରେ ହତ୍ୟା ଭଳି ଅମାନୁଷିକ ଘଟଣାକୁ ନେଇ ପୂରା ରାଜ୍ୟ ହୁଲସ୍ଥୁଲ ହେଉଥିବା ବେଳେ ପୁଣି ସେଠାରୁ ଆଉ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। କିଛି ଦିନ ତଳେ ଦୁଷ୍କର୍ମର ଶିକାର ହୋଇଥିବା ଜଣେ ନାବାଳିକା ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ପରିବାରଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଧାମରା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥା ଜଟିଳ ହେବାରୁ ପରେ ଭଦ୍ରକ ଏବଂ ସେଠାରୁ କଟକସ୍ଥିତ ଏକ ଘରୋଇ ନର୍ସିଂହୋମ୍‌କୁ ସ୍ଥାନାନ୍ତର କରିଛନ୍ତି। ଏନେଇ ଧାମରା ପୁଲିସ ନଂ.୫୬/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବାବୁଲି ପତି ଓରଫ୍ ଜ୍ଞାନରଞ୍ଜନକୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି। ଗତ ୧୭ ତାରିଖରେ ଏହି ବର୍ବରୋଚିତ କାଣ୍ଡ ଘଟିଥିଲେ ହେଁ ପୀଡ଼ିତାଙ୍କ ମା' ଗୁରୁବାର ଏ ସଂପର୍କରେ ଥାନାରେ ଅଭିଯୋଗ କରିବା ପରେ ଘଟଣା ସାମ୍ନାକୁ ଆସିଛି।

**ରୋଷେଇଘରେ ନାବାଳିକାକୁ ଦୁଷ୍କର୍ମ**

ସୂଚନାନୁଯାୟୀ, ପୀଡ଼ିତାଜଣଙ୍କ ଜଣେ ବାପଛେଉଣ୍ଡ। ଗତ ୧୭ ତାରିଖ ସନ୍ଧ୍ୟାରେ ସେ ରୋଷେଇ କରୁଥିବା ବେଳେ ଅଭିଯୁକ୍ତ ଜ୍ଞାନରଞ୍ଜନ ତାକୁ ଦୁଷ୍କର୍ମ କରିଥିଲା। ଏ ସଂପର୍କରେ କାହାରିକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଏପରିକି, ତାଙ୍କ ଭଉଣୀଙ୍କ ସହ ସମାନ କାଣ୍ଡ କରିବାକୁ ଧମକ ଦେଇଥିଲା। ଭୟଭୀତ ପୀଡ଼ିତାଜଣଙ୍କ ଏ ସଂପର୍କରେ କାହାରିକୁ କହିପାରୁନଥିବା ବେଳେ ଭିତରେ ଭିତରେ କଷ୍ଟ ପାଉଥିଲେ। ତେବେ ଗତ ୨୦ ତାରିଖରେ ସେ ଏକ ସୁଇସାଇଡ ନୋଟ୍ (ହାତଲେଖା ଚିଠି) ଲେଖି ବିଷ ପିଇ ଦେଇଥିଲେ।

# ବୋର୍ଡ ୱେବସାଇଟ୍‌ରେ ଓଟିଇଟି ଆନସର୍-କୀ'

କଟକ,୨୬ ।୧୨(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଗତ ଡିସେମ୍ବର୧୭ରେ ଅନୁଷ୍ଠିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା(ଓଟିଇଟି)ର ଆନସର୍-କି' ବୋର୍ଡ ୱେବସାଇଟ୍ www.bseodisha.ac.in ରେ ଉପଲବ୍ଧ ହୋଇଛି। ପ୍ରକାଶ ପାଇଥିବା ଓଟିଇଟିର ପ୍ରୋଭିଜିନାଲ ଉତ୍ତରକୁ ପ୍ରାର୍ଥୀମାନେ ଚ୍ୟାଲେଞ୍ଜ କରିପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ପ୍ରାର୍ଥୀମାନେ ଚ୍ୟାଲେଞ୍ଜ କରୁଥିବା ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପାଇଁ ୫୦୦ଟଙ୍କା ପଇଠ କରିବେ। ଏଥିସହ ଚ୍ୟାଲେଞ୍ଜର ସମର୍ଥନରେ ପ୍ରାମାଣିକ ଦସ୍ତାବିଜ୍ ଅପଲୋଡ୍ କରିପାରିବେ। ୨୪ ଘଣ୍ଟିଆ ଅନଲାଇନ୍ ଚ୍ୟାଲେଞ୍ଜ ପାଇଁ ଆସନ୍ତା ୨୯ ତାରିଖ ସକାଳ ୧୧ଟାରୁ ୨୦୨୬ ଜାନୁଆରି ୪ ମଧ୍ୟରାତ୍ରି ପର୍ଯ୍ୟନ୍ତ ଲିଙ୍କ୍ ଉପଲବ୍ଧ ହେବ। ଏହାକୁ ବୋର୍ଡର ପ୍ରଶ୍ନ ବିଶ୍ଳେଷଣ କମିଟି ଦ୍ୱାରା ଯାଞ୍ଚ ଏବଂ ବିଶ୍ଳେଷଣ କରାଯିବ। ବିସ୍ତୃତ ବିଶ୍ଳେଷଣ ପରେ ଓଟିଇଟିର ଚୂଡ଼ାନ୍ତ ଆନସର୍ କି' ଉପଲବ୍ଧ କରାଯିବ। ପ୍ରଶ୍ନ ବିଶ୍ଳେଷଣ କମିଟିର ନିଷ୍ପତ୍ତି ଚୂଡ଼ାନ୍ତ ଏବଂ ପ୍ରାର୍ଥୀମାନଙ୍କ ପାଇଁ ବାଧ୍ୟତାମୂଳକ ହେବ।

# ପୂର୍ବତନ ଆଇଏଏସ୍ ବିନୋଦ କୁମାର ପୁଣି ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର,୨୬।୧୨(ସମିସ): ପୂର୍ବତନ ଆଇଏଏସ୍ ଅଧିକାରୀ ବିନୋଦ କୁମାର ପୁଣିଥରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ତାଙ୍କୁ ୩ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଓଡ଼ିଶା ଗ୍ରାମ୍ୟ ଗୃହ ଉନ୍ନୟନ ନିଗମ (ଓଆର୍‌ଏଚଡିସି)ର ଅଧ୍ୟକ୍ଷ ପଦରେ ଅବସ୍ଥାପିତ ଥିବା ବେଳେ ବ୍ୟାପକ ସରକାରୀ ଅର୍ଥ ହେରଫେର୍ ନେଇ ତାଙ୍କ ବିରୋଧରେ ସଂଗିନ୍ ଅଭିଯୋଗ ଆସିଥିଲା। ଗ୍ରାମାଞ୍ଚଳର ଗରିବଙ୍କ ଉଦ୍ଦେଶ୍ୟରେ ଆସିଥିବା ସରକାରୀ ଅର୍ଥକୁ ସେ ଅପବ୍ୟବହାର କରିଥିଲେ। ଉକ୍ତ ଅନୁଦାନକୁ ଅନ୍ୟତ୍ର ବିନିଯୋଗ କରି ସରକାରୀ ରାଜକୋଷକୁ କ୍ଷତି ପହଞ୍ଚାଇଥିଲେ। ତାଙ୍କ ସହ ଏହି ଦୁର୍ନୀତିରେ ଓଆର୍‌ଏଚଡିସିର ୬ଜଣ ସରକାରୀ ଅଧିକାରୀ ମଧ୍ୟ ସାମିଲ ଥିଲେ। ସରକାରୀ ପଦର ଦୁରୁପଯୋଗ କରି ସେମାନେ ନକଲି ଦସ୍ତାବିଜ୍ ଆଧାରରେ ପାଣ୍ଠିକୁ ବିଲଡର୍ ସଂଗ୍ରାମ କେଶରୀ ସାହୁଙ୍କୁ ପ୍ରଦାନ କରିଥିଲେ। ଏନେଇ ଅଭିଯୋଗ ହେବା ପରେ ବିନୋଦଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ପରେ ଭିଜିଲାନ୍ସ ଏହାର ତଦନ୍ତ କରି ଚାର୍ଜସିଟ୍ ଦାଖଲ କରିଥିଲା। ବିନୋଦଙ୍କ ସମେତ ଏହି ମାମଲାରେ ଅନ୍ୟ ୬ଜଣ ସ୍ୱସ୍ତି ରଞ୍ଜନ ମହାପାତ୍ର, ପ୍ରଦୀପ କୁମାର ରାଉତ, ସତ୍ୟପ୍ରକାଶ ବେହେରା, ଜିତେନ୍ଦ୍ର ସ୍ୱାଇଁ, ଉମେଶ ସ୍ୱାଇଁ ଏବଂ ବିଲଡର ସଂଗ୍ରାମ କେଶରୀ ସାହୁଙ୍କୁ ମଧ୍ୟ ଦୋଷୀ ସାବ୍ୟସ୍ତ କରାଯାଇଛି। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଦୁର୍ନୀତି ମାମଲାରେ ପୂର୍ବତନ ଆଇଏଏସ୍ ବିନୋଦ କୁମାର ୧୧ଥର ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏହା ତାଙ୍କର ୧୨ତମ ସଜା।

**ପିକନିକ୍ ସ୍ପଟ୍ ପାଲଟୁଛି ମରଣଯନ୍ତା**

# ସୀତାକୁଣ୍ଡରେ ୨ ଭାଇଙ୍କ ସଲିଳ ସମାଧି

ବାରିପଦା, ୨୬।୧୨(ସମିସ): ଶିମିଳିପାଳ ପାଦଦେଶରେ ଥିବା ସୀତାକୁଣ୍ଡ ଜଳପ୍ରପାତରେ ବୁଡ଼ି ସମ୍ପର୍କୀୟ ଦୁଇଭାଇ ପ୍ରାଣ ହରାଇଛନ୍ତି। ମୃତକଦ୍ୱୟ ହେଲେ, ଭଦ୍ରକ ଜିଲ୍ଲା ସଦର ଥାନା ଅଧୀନ ଅନ୍ଧେଇପାଲି ଗ୍ରାମର ଅଭିଷେକ ନାଏକ(୧୭) ଓ ସତ୍ୟବ୍ରତ ନାଏକ (୨୩)। ଅଗ୍ନିଶମ ବାହିନୀ ସହାୟତାରେ ବାରିପଦା ସଦର ପୁଲିସ ଘଟଣାସ୍ଥଳରୁ ଶବଦ୍ୱୟକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବାରିପଦା ପିଆରଏମ ମେଡିକାଲକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।



ସୂଚନାନୁଯାୟୀ, ପିକନିକ୍ ପାଇଁ ପରିବାର ସହ ଦୁଇଭାଇ ସୀତାକୁଣ୍ଡକୁ ଆସିଥିଲେ। ସେଠାରେ ଗାଧୋଇବା ବେଳେ ଗୋଡ଼ ଖସିଯିବାରୁ ତିନିଜଣ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ସଙ୍ଗେସଙ୍ଗେ ଜଣଙ୍କୁ ଉଦ୍ଧାର କରିଥିଲେ ହେଁ ଅନ୍ୟ ଦୁଇଭାଇ ବୁଡ଼ି ଯାଇଥିଲେ। ପରିବାରଲୋକ ଦୁଇ ଭାଇଙ୍କୁ ବଞ୍ଚାଇବା ପାଇଁ ଆକୁଳ ଚିତ୍କାର କରୁଥିଲେ ହେଁ କୁଣ୍ଡର ଗଭୀରତା ପାଇଁ କେହି ସାହସ ଜୁଟାଇ ପାରିନଥିଲେ। ଖବର ପାଇ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୁଇ ଭାଇଙ୍କ ଶବ ଉଦ୍ଧାର କରିଥିଲେ। ଉଲ୍ଲେଖଯୋଗ୍ୟ, ମୟୂରଭଞ୍ଜରେ ପ୍ରତିବର୍ଷ ପିକନିକ୍ ଋତୁରେ ଜଳପ୍ରପାତ, ବନ୍ଧ, ଡ୍ୟାମ ଓ ଜଳାଶୟମାନଙ୍କରେ ଏକାଧିକ ଜଳବୁଡ଼ି ମୃତ୍ୟୁ ହେଉଥିଲେ ହେଁ ପ୍ରଶାସନର ଚେତା ପଶୁନି। ଲୋକଙ୍କୁ ସଚେତନ କରାଯାଉନି କିମ୍ବା ପ୍ରତିଷେଧାତ୍ମକ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ।

# ହାତୀଦାନ୍ତ ଜବତ; ୩ ଶିକାରୀ ଗିରଫ



ନୀଳଗିରି, ୨୬।୧୨(ସମିସ): ଗୁରୁବାର ବିଳମ୍ବିତ ରାତିରେ ବନବିଭାଗ ୩ଜଣ ଶିକାରୀଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ହାତୀ ଦାନ୍ତ ଜବତ କରିଛି। ସେମାନେ ହେଲେ, ସୋର ଥାନା ଅନ୍ତର୍ଗତ ମଙ୍ଗଳପୁର ନୂଆସାହି ଗ୍ରାମର ଦୁଇଭାଇ ମାଧବାନନ୍ଦ ପାତ୍ର, ସୁଦାମ ପାତ୍ର ଓ ମଙ୍ଗଳପୁର ଅଞ୍ଚଳ ରାୟପୀତାମ୍ବର ବରିସାହି ଗ୍ରାମର ଗୟାଧର ବେହେରା। ସେମାନଙ୍କ ନିକଟରୁ ୩ଟି ହାତୀଦାନ୍ତ ଜବତ ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ସେମାନଙ୍କ ପରିବାରବର୍ଗ ପାଲଟା ଅଭିଯୋଗ କରିଛନ୍ତି ଯେ କୌଣସି ଦାନ୍ତ କିମ୍ବା ଅନ୍ୟ କୌଣସି ମାରଣାସ୍ତ୍ର ଜବତ କରିନଥିବା ବେଳେ ବନ ବିଭାଗ ସେମାନଙ୍କୁ ଧରି ଆଣି ଅକଥନୀୟ ନିର୍ଯାତନା ଦେବା ସହିତ ମାଡ଼ ମାରିଛି। ବନ ବିଭାଗ ଉକ୍ତ ଘଟଣାର ଚେର ଲମ୍ବିଥିବା କହିଥିବା ବେଳେ ତଦନ୍ତରେ ଅଧିକ ଲୋକଙ୍କ ସମ୍ପୃକ୍ତି ଥିବା ସୂଚନା ଦେଇଛନ୍ତି। ତେବେ ଆଜି ସୁଦ୍ଧା ୨୫ ଜଣଙ୍କୁ ଏହି ଘଟଣାରେ ଗିରଫ କରାଯାଇଥିବା ବନବିଭାଗ ପକ୍ଷରୁ କୁହାଯାଇଛି।

# ଇସିଆଇଙ୍କ ୩ ଦିନିଆ ଓଡ଼ିଶା ଗସ୍ତ ଆଜିଠୁ

ଭୁବନେଶ୍ୱର, ୨୬।୧୨ (ସମିସ): ଭାରତର ମୁଖ୍ୟ ନିର୍ବାଚନ କମିସନର୍ (ଇସିଆଇ) ଜ୍ଞାନେଶ କୁମାର ୩ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଶନିବାର ଇସିଆଇ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚି ପୁରୀ ଯିବେ। ସେଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ପରେ କୋଣାର୍କ ଗସ୍ତ କରିବେ। କୋଣାର୍କ ମନ୍ଦିର ପରିଦର୍ଶନ ସହ ସେଠାରେ ସେ ରାତ୍ରିଯାପନ କରିବେ। ଡିସେମ୍ବର ୨୮ରେ ଇସିଆଇ ରଘୁରାଜପୁର, ଧଉଳି ଶାନ୍ତିସ୍ତୂପ, ଖଣ୍ଡଗିରି, ଉଦୟଗିରି ଏବଂ ମୁକ୍ତେଶ୍ୱର ମନ୍ଦିର ଆଦି ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସୋମବାର ଅପରାହ୍ଣ ୩ଟାରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଡିଟୋରିୟମ୍‌ରେ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ସହ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ଅଧ୍ୟକ୍ଷତା କରିବେ। ଏଠାରେ ମୁଖ୍ୟତଃ ରାଜ୍ୟରେ ହେବାକୁ ଥିବା ଏସ୍‌ଆଇଆର୍ ସମ୍ପର୍କରେ ଇସିଆଇ ନିଜର ମତ ଦେବେ।

**ଉପାନ୍ତରୁ ଉପକୂଳ ଥଣ୍ଡାର ରାଜୁତି ଜାରି**

# ନୂଆ ବର୍ଷ ପର୍ଯ୍ୟନ୍ତ ଶୀତରୁ ମିଳିବନି ନିସ୍ତାର

ଭୁବନେଶ୍ୱର,୨୬ ।୧୨(ସମିସ): ପ୍ରବଳ ଶୀତରେ ଥରୁଛି ସାରା ଓଡ଼ିଶା। ଉପାନ୍ତରୁ ଉପକୂଳ ପର୍ଯ୍ୟନ୍ତ ସବୁଠି ଥଣ୍ଡାର ରାଜୁତି ଜାରି ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା କୋରାପୁଟରେ ୪.୮ ଡିଗ୍ରୀ ଥିବା ରେକର୍ଡ଼ କରାଯାଇଛି। ଗତ ୧୫ ବର୍ଷ ମଧ୍ୟରେ ଡିସେମ୍ବର ମାସରେ ଦ୍ୱିତୀୟ ଥର ପାଇଁ ତାପମାତ୍ରା ୪.୮ ଡିଗ୍ରୀକୁ ଖସିଛି। ଏହା ପୂର୍ବରୁ ୨୦୧୮ ମସିହା ୩୧ ଡିସେମ୍ବରରେ ତାପମାତ୍ରା ୪.୮ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଡିସେମ୍ବର ୨୬ରେ ପୁନର୍ବାର ଏହି ରେକର୍ଡକୁ କୋରାପୁଟ ଦୋହରାଇଛି। କୋରାପୁଟ ସମେତ ସେମିଳିଗୁଡ଼ାରେ ତାପମାତ୍ରା ୬.୩, ଦାରିଙ୍ଗବାଡ଼ି ୬.୫, ଝାରସୁଗୁଡ଼ା ୭.୮, ଫୁଲବାଣୀ ୭.୫, ରାଉରକେଲାରେ ତାପମାତ୍ରା ୮ ଡିଗ୍ରୀ ରେକର୍ଡ ହୋଇଛି।

**କୋରାପୁଟରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୪.୮ ଡିଗ୍ରୀ**

ଶୀତ ସହ ପାଣିପାଗ କେନ୍ଦ୍ର ଅନେକ ସ୍ଥାନର ପାଇଁ ଘନ କୁହୁଡ଼ି ସତର୍କ ସୂଚନା ଜାରି କରିଛି। ବିଶେଷକରି ସକାଳ ସମୟରେ କନ୍ଧମାଳ, କୋରାପୁଟ, ନୟାଗଡ଼, ଗଞ୍ଜାମ, ଜଗତସିଂହପୁର, କଟକ, ଢେଙ୍କାନାଳ, ଅନୁଗୁଳ ଓ ଖୋର୍ଦ୍ଧା ଆଦିରେ ଘନ କୁହୁଡ଼ି ହେବାର ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ସତର୍କତା ରହିବାକୁ ୟେଲୋ ଆଲର୍ଟ ଜାରି କରିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ରାଜ୍ୟରେ ଜାରି ରହିଥିବା ଥଣ୍ଡା ନୂଆ ବର୍ଷ ପର୍ଯ୍ୟନ୍ତ ରହିବ। ଡିସେମ୍ବର ୩୧ ରାତିରେ ଭୁବନେଶ୍ୱର ତାପମାତ୍ରା ୧୨-୧୩ ଡିଗ୍ରୀ ରହିବାର ସମ୍ଭାବନା ରହିଛି। ସାରା ରାଜ୍ୟରେ ବର୍ତ୍ତମାନର ସର୍ବନିମ୍ନ ତାପମାତ୍ରା ଊଣା ଅଧିକେ ଚାଲୁ ରହିବ। ମଝିରେ ମଝିରେ ୧ରୁ୨ ଡିଗ୍ରୀ ବଢ଼ିବ ବା କମିବ। ଶିଶିରପାତ ଜାରି ରହିବ। ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ମଝିରେ ମଝିରେ ପତଳା କୁହୁଡ଼ି ହୋଇପାରେ। କିନ୍ତୁ ଘନ କୁହୁଡ଼ି ହେବାର ସମ୍ଭାବନା କମ୍ ରହିଛି। ଏହାସହିତ ଆଗାମୀ କିଛି ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

# ଅତିରିକ୍ତ ସୁରକ୍ଷା ଜମା ସଂପୂର୍ଣ୍ଣ ପ୍ରତ୍ୟାହାର ଦାବି କଲା କଂଗ୍ରେସ



**ଘରୋଇ ଉପଭୋକ୍ତାଙ୍କୁ ୩୦୦ ୟୁନିଟ୍ ମାଗଣା ବିଜୁଳି ଦିଅ**

**କୃଷି କ୍ଷେତ୍ରରେ ଦେୟମୁକ୍ତ ବିଜୁଳି ଯୋଗାଣ ଦାବି**

**୨୯ରେ ରାଜ୍ୟବ୍ୟାପୀ ବିଦ୍ୟୁତ୍ କାର୍ଯ୍ୟାଳୟରେ ତାଲା ପଡ଼ିବ: ଭକ୍ତ**

ଭୁବନେଶ୍ୱର, ୨୬।୧୨(ସମିସ): ଆମ କୋଇଲା, ଆମ ପାଣି ବ୍ୟବହାର କରି ଅଳ୍ପ ମୂଲ୍ୟରେ ବିଜୁଳି ଉତ୍ପାଦନ ହେଉଛି। ମାତ୍ର ସମଗ୍ର ଦେଶରେ ଓଡ଼ିଶାର ବିଜୁଳି ଉପଭୋକ୍ତାମାନେ ସବୁଠାରୁ ଅଧିକ ଶୋଷିତ ଓ ଅବହେଳିତ। ଓଡ଼ିଶାରୁ କୋଇଲା ନେଇ ପଞ୍ଜାବ ପରି ରାଜ୍ୟ ୨୦/୨୫ ଭାଗ କୃଷି ଉପଭୋକ୍ତାଙ୍କୁ ସଂପୂର୍ଣ୍ଣ ଏବଂ ୩୦ରୁ ୩୫ ପ୍ରତିଶତ ଘରୋଇ ଉପଭୋକ୍ତାଙ୍କୁ ୩୦୦ ୟୁନିଟ୍ ଲେଖାଏଁ ବିଜୁଳିଦେୟ ଛାଡ଼ କରୁଛି। ମାତ୍ର ଓଡ଼ିଶାର ୨ ପ୍ରତିଶତ କୃଷି ଉପଭୋକ୍ତା ଏବଂ ୭ରୁ ୮ ପ୍ରତିଶତ ଘରୋଇ ଉପଭୋକ୍ତାଙ୍କୁ ଗୋଟିଏ ୟୁନିଟ୍ ମଧ୍ୟ ମାଗଣାରେ ଦିଆଯାଉନାହିଁ। ଓଡ଼ିଶାରେ ବ୍ୟବହୃତ ହେଉଥିବା ମୋଟ ୭୦ ପ୍ରତିଶତ ବିଜୁଳି ଶିଳ୍ପ କ୍ଷେତ୍ରକୁ ଦିଆଯାଉଛି। ସେଥିରେ ସାମାନ୍ୟ ଦରବୃଦ୍ଧି କଲେ, ଓଡ଼ିଶାର ସମସ୍ତ ଘରୋଇ ଓ କୃଷି ଉପଭୋକ୍ତାଙ୍କୁ ମାଗଣାରେ ବିଜୁଳି ଯୋଗାଇ ଦିଆଯାଇପାରିବ। ତେଣୁ, ଅନ୍ୟାୟମୂଳକ ଭାବେ ଘରୋଇ ଉପଭୋକ୍ତାମାନଙ୍କୁ ଅତିରିକ୍ତ ସୁରକ୍ଷା ଜମା (ଏଏସ୍‌ଡି) ଦାଖଲ କରିବା ପାଇଁ ବାଧ୍ୟ କରିବା ଛାଡ଼ି ସରକାର ସବ୍‌ସିଡି ଜରିଆରେ ଘରୋଇ ଉପଭୋକ୍ତାଙ୍କୁ ୩୦୦ରୁ ୪୦୦ ୟୁନିଟ୍ ବିଦ୍ୟୁତ୍ ଦେୟ ଛାଡ଼ କରିବା ସହ ସଂପୂର୍ଣ୍ଣ କୃଷିକ୍ଷେତ୍ରକୁ ବିଜୁଳି ଦେୟମୁକ୍ତ କରନ୍ତୁ। ଶୁକ୍ରବାର ଅପରାହ୍ଣରେ କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ ରାଜ୍ୟ ସରକାରଙ୍କ ନିକଟରେ ଏଭଳି ଦାବି ରଖିଛନ୍ତି।

ଶ୍ରୀ ଦାସ ଆହୁରି କହିଛନ୍ତି ଯେ ଓଡ଼ିଶାରୁ ଉତ୍ପାଦିତ ୨୪୦ ନିୟୁତ ମେଟ୍ରିକ୍ ଟନ କୋଇଲାରୁ କେବଳ ୨୨ନିୟୁତ ଟନ୍ କୋଇଲା ରାଜ୍ୟର ଘରୋଇ ଉପଭୋକ୍ତାଙ୍କ ପାଇଁ ଉପଯୋଗ ହେଉଛି। ଏଥିପାଇଁ ଓଡ଼ିଶାକୁ ବହୁ ମୂଲ୍ୟ ଦେବାକୁ ପଡୁଛି। ଅନୁଗୋଳ ଦେଶର ଷଷ୍ଠ ପ୍ରଦୂଷିତ ସହର ହୋଇଥିବା ବେଳେ ଭୁବନେଶ୍ୱର ସମେତ ଓଡ଼ିଶାର ୩୦ସହର ପ୍ରଦୂଷିତ ତାଲିକାରେ ସ୍ଥାନ ପାଉଛି। ଏ ସମସ୍ତ ତଥ୍ୟକୁ ବିଚାରକୁ ନେଇ ସରକାର ତୁରନ୍ତ ଏଏସ୍‌ଡି ପ୍ରତ୍ୟାହାର କରିବା ସହିତ ନିର୍ବାଚନୀ ଇସ୍ତାହାର ଅନୁସାରେ ଅନ୍ୟୂନ ୩୦୦ରୁ ୪୦୦ ୟୁନିଟ୍ ଛାଡ଼ କରନ୍ତୁ। ସେହିପରି, ରାଜ୍ୟର କୃଷି ଉତ୍ପାଦନ ଆଖିଦୃଶିଆ ଭାବେ ବଢ଼ାଇବାକୁ ହେଲେ କୃଷିଭିତ୍ତିକ ଶିଳ୍ପର ପ୍ରୋତ୍ସାହନ କରନ୍ତୁ ବୋଲି ଶ୍ରୀ ଦାସ ଆହ୍ୱାନ ଦେଇଛନ୍ତି। ଦାବି ପୂରଣ ଦିଗରେ ପଦକ୍ଷେପ ନିଆନଗଲେ, ଆସନ୍ତା ୨୯ ଡିସେମ୍ବରରେ କଂଗ୍ରେସ ପକ୍ଷରୁ ରାଜ୍ୟର ସବୁ ବିଜୁଳି ଅଫିସ୍‌ରେ ତାଲା ପକାଯିବ ବୋଲି ଶ୍ରୀ ଦାସ ଚେତାବନୀ ଦେଇଛନ୍ତି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଥିଲେ, ଓଡ଼ିଶାର ଖଣି ଖାଦାନରେ ପରିପୁଷ୍ଟ ଟାଟା ପାୱାର୍ ଓଡ଼ିଶା ପାଇଁ କରିଛି କ'ଣ? ଓଡ଼ିଶାବାସୀ କଂଗ୍ରେସର ଡାକରାରେ ଏଏସ୍‌ଡି ଦେବେ ନାହିଁ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ସେହିପରି, ଏଏସ୍‌ଡି ଏକ ଜିଜିୟା କର ଛଡ଼ା ଆଉ କିଛି ନୁହଁ ବୋଲି ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି। ସରକାରଙ୍କ କମ୍ପାନୀ ପ୍ରୀତି ପାଇଁ ଉପଭୋକ୍ତାଙ୍କ ଜମା ରାଶି ବାବଦ ସୁଧର ପରିମାଣ ୬.୫ ପ୍ରତିଶତ ହୋଇଥିବା ବେଳେ କମ୍ପାନୀ କାହିଁକି ଉପଭୋକ୍ତାଙ୍କ ବକେୟା ବାବଦ ୧୫ପ୍ରତିଶତ ଦେୟ ଗଣିବେ ବୋଲି ସେ ପ୍ରଶ୍ନ କରିଛନ୍ତି। କଂଗ୍ରେସ ସବୁବେଳେ ଲୋକଙ୍କ ସହ ରହିଛି। ଏଏସ୍‌ଡି ପ୍ରସଙ୍ଗରେ ମଧ୍ୟ ଓଡ଼ିଶାର ବିଜୁଳି ଉପଭୋକ୍ତାଙ୍କ ସହ ରହିବ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ କହିଛନ୍ତି।

ପୂର୍ବରୁ ଟିପିସିଓଡିଏଲ ସିଇଓ ଅରବିନ୍ଦ ସିଂ, ମୁଖ୍ୟ ଆଇନ ଉପଦେଷ୍ଟା ଭାରତ ଭଦ୍ଓତ ଓ ଜନସମ୍ପର୍କ ବିଭାଗ ମୁଖ୍ୟ ମନୋଜ ପଟ୍ଟନାୟକ ପ୍ରମୁଖଙ୍କୁ ନେଇ ଗଠିତ ଏକ ପ୍ରତିନିଧିଦଳ କଂଗ୍ରେସ ଭବନଠାରେ ପିସିସି ସଭାପତି ଓ ଅନ୍ୟ ନେତାମାନଙ୍କୁ ଏନେଇ କମ୍ପାନୀର ଆଭିମୁଖ୍ୟ ବିଷୟରେ ଅବଗତ କରାଇଥିଲେ। ସେମାନେ ଦଳର ଦାବି ଓଇଆରସି ସମ୍ମୁଖରେ ଉପସ୍ଥାପନ କରିବାର ପ୍ରତିଶ୍ରୁତି ଦେଇଥିଲେ।

# ବଡ଼ଭାଇକୁ ପଥରରେ ଛେଚି ହତ୍ୟା

ଡୁଙ୍ଗୁରିପାଲି,୨୬ ।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଲଛିପୁର ଥାନା ଅଧୀନ ଲୁପୁରସିଂହା ଇନ୍ଦିରାପଲ୍ଲି ଗ୍ରାମରେ ଶୁକ୍ରବାର ଭୋର୍ ୫ଟାରେ ଏକ ଅଭାବନୀୟ ଘଟଣା ଘଟିଛି। ବଡ଼ଭାଇକୁ ପଥରରେ ଛେଚି ହତ୍ୟା କରିଛି ସାନ। ମୃତକ ହେଲେ, ଦାସ ମଲ୍ଲିକ (୪୮)। ଏହି ଘଟଣାରେ ଅଭିଯୁକ୍ତର ସ୍ତ୍ରୀ ମଧ୍ୟ ସହଯୋଗ କରିଛି। ଦୁଇ ଭାଇଙ୍କ ମଧ୍ୟରେ ସବୁବେଳେ କଳି ଝଗଡ଼ା ଲାଗି ରହୁଥିଲା। ଆଜି କୌଣସି କଥାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ବଚସା ହୋଇଥିଲା। କଥା କଟାକଟିରୁ ଆରମ୍ଭ ଏହି ବଚସା ହାତାହାତି, ମାରପିଟ୍ ପର୍ଯ୍ୟନ୍ତ ଯାଇଥିଲା। ଏପରିକି, ରାଗରେ ଜଳୁଥିବା ସୁରୁ ପାଖରେ ପଡ଼ିଥିବା ଏକ ପଥରରେ ବଡ଼ଭାଇର ମୁଣ୍ଡକୁ ଛେଚି ଦେଇଥିଲା। ଫଳରେ ଘଟଣାସ୍ଥଳରେ ଦାସଙ୍କର ମୃତ୍ୟୁ ଘଟିଥିଲା। ଘଟଣା ପରେ ଅଭିଯୁକ୍ତ ସାନଭାଇ ଓ ଭାଇବୋହୂ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଲଛିପୁର ଥାନାରେ ମୃତ ଦାସଙ୍କ ପୁଅ ବିଘ୍ନରାଜ ମଲ୍ଲିକ ଅଭିଯୋଗ କରିବା ପରେ ପୁଲିସ ଇନ୍ଦିରାପଲି ଗାଁରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ଲାଗି ଡାକ୍ତରଖାନା ପଠାଇଥିଲା। ଏହାସହ ଫେରାର୍ ଦୁଇ ଅଭିଯୁକ୍ତଙ୍କୁ ଧରିବାକୁ ପୁଲିସ ତନାଘନା ଚଳାଇଛି।

# ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ; ୧ ଲକ୍ଷ ଜରିମାନା

**ଯାଜପୁର,୨୬।୧୨(ସମିସ):** ଗତ ୨୦୨୪ ମସିହା ଏପ୍ରିଲ ୨୪ ତାରିଖ ଦିନ ଦ୍ୱିପ୍ରହରରେ ଜନୈକ ବ୍ୟକ୍ତିକୁ ହତ୍ୟା କରିବା ଘଟଣାରେ ଯାଜପୁର ଜିଲ୍ଲାଜଜ ରାୟ ପ୍ରକାଶ କରିଛନ୍ତି। ଏହି ରାୟରେ ୨୬ଜଣଙ୍କ ସାକ୍ଷୀ ଓ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ ସହ ୧ଲକ୍ଷ ଟଙ୍କା ଜରିମାନା କରି ରାୟ ପ୍ରକାଶ କରାଯାଇଛି। ୧ଲକ୍ଷ ଟଙ୍କା ଜରିମାନା ଅନାଦେୟରେ ଅଧିକ ୬ ମାସ କାରାଦଣ୍ଡ ଭୋଗିବ ବୋଲି ରାୟରେ ନିର୍ଦ୍ଦେଶ ରହିଛି।

ବିବରଣୀରୁ ପ୍ରକାଶ, ଯାଜପୁର ସହରର ସାନବଜାର ଅଞ୍ଚଳରେ ରହୁଥିବା ଜୟଦେବ ମହାଲିକ ଓରଫ ଚିନୁ (୨୮) କୁ ବଡ଼ବଜାର ଅଞ୍ଚଳର ଜନୈକ ବ୍ୟକ୍ତି ୨୦୨୪ ମସିହା ଏପ୍ରିଲ ମାସ ୨୪ ତାରିଖ ଦିନ ଦ୍ୱିପ୍ରହରରେ ଘରେ ପଶି ଏକ ଧାରୁଆ ଅସ୍ତ୍ରରେ ବେକକୁ କାଟି ପକାଇବା ଫଳରେ ତାର ମୃତ୍ୟୁ ଘଟିଥିଲା। ପରେ ଅଭିଯୁକ୍ତ ଥାନାରେ ଆତ୍ମସମର୍ପଣ କରିଥିଲା। ଚିନୁ ଦୀର୍ଘବର୍ଷ ଧରି ଅଭିଯୁକ୍ତଙ୍କ ସ୍ତ୍ରୀ ସହ ଅନୈତିକ ସଂପର୍କ ରଖିଆସୁଥିଲା। ୨ବର୍ଷ ପୂର୍ବରୁ ଚିନୁ ଅଭିଯୁକ୍ତଙ୍କ ସ୍ତ୍ରୀକୁ ତାଙ୍କ ଘରେ ପଶି ବାରମ୍ବାର ବଳାତ୍କାର କରୁଥିଲେ ବୋଲି ଅଭିଯୁକ୍ତ ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ କେନ୍ଦ୍ରକରି ଚିନୁକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲେ। ପରେ କିଛି ସ୍ଥାନୀୟ ଭଦ୍ରଲୋକଙ୍କ ମାଧ୍ୟମରେ ଉଭୟଙ୍କ ମଧ୍ୟରେ ଆପୋଷ ବୁଝାମଣା ହୋଇଥିଲା। କିଛିଦିନ ପରେ ଚିନୁ ପୁନର୍ବାର ଅଭିଯୁକ୍ତଙ୍କ ସ୍ତ୍ରୀ ସହ ସଂପର୍କ ରଖିଥିଲେ ବୋଲି ଶୁଣିବାକୁ ମିଳିଥିଲା। ଚିନୁ ଅଭିଯୁକ୍ତଙ୍କ ସ୍ତ୍ରୀର କିଛି ଆପତ୍ତିଜନକ ଫଟୋକୁ ରଖି ବ୍ଲାକ୍‌ମେଲିଂ କରୁଥିବା କଥା ଅଭିଯୁକ୍ତଙ୍କ ପରିବାର ପକ୍ଷରୁ କୁହାଯାଉଥିଲା। ତେବେ ଚିନୁ ସହ ସଂପର୍କ ରଖି ଅଭିଯୁକ୍ତର ସ୍ତ୍ରୀ ୪ଲକ୍ଷ ଟଙ୍କା ନେଇଯାଇଥିବାରୁ ଉକ୍ତ ଅର୍ଥକୁ ମାଗିବାରୁ ଅଭିଯୁକ୍ତ କ୍ରୋଧାନ୍ୱିତ ହୋଇ ମାରିଦେଇଛି ବୋଲି ଚିନୁର ପରିବାର ପକ୍ଷରୁ କୁହାଯାଇଥିଲା। ତେବେ ୨୦୨୪ ମସିହା ଏପ୍ରିଲ ୨୪ ତାରିଖ ଦିନ ଅଭିଯୁକ୍ତ ଯାଜପୁରରୋଡରେ କାର୍ଯ୍ୟରେ ଥିବାବେଳେ ଦିବା ୧୨ଘଟିକା ସମୟରେ ଚିନୁ ଅଭିଯୁକ୍ତଙ୍କ ଘରେ ପଶି ଅଭଦ୍ରୋଚିତ ବ୍ୟବହାର କରିବାରୁ ଘରେ ଥିବା ଅଭିଯୁକ୍ତର ମାମୁଁ ଏହାକୁ ବିରୋଧ କରିଥିଲେ। ଫଳରେ ଚିନୁ ଅଭିଯୁକ୍ତର ମାମୁଁକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା। ଏହି ଘଟଣାକୁ ଅଭିଯୁକ୍ତର ମାମୁଁ ତାକୁ ଜଣାଇବାରୁ ଅଭିଯୁକ୍ତ ଯାଜପୁରରୋଡରୁ ଆସି ସିଧା ସାନବଜାରସ୍ଥିତ ଚିନୁ ଘରେ ପହଞ୍ଚି ଏକ ଧାରୁଆ ଅସ୍ତ୍ର ଯୋଗେ ଚିନୁର ବେକକୁ କାଟିଦେଇଥିଲେ। ଫଳରେ ପ୍ରବଳ ରକ୍ତସ୍ରାବ ହେବାରୁ ଚିନୁକୁ ମୁଖ୍ୟଚିକିତ୍ସାଳୟକୁ ଆଣୁଥିବା ସମୟରେ ରାସ୍ତାରେ ମୃତ୍ୟୁ ଘଟିଥିଲା। ଏହି ମାମଲାଟିକୁ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ମୋନାଲି ରାଇସା ପରିଚାଳନା କରୁଥିଲେ।

# ଗାଡ଼ି ଧକ୍କାରେ ବିଜ୍ଞାନ ଛାତ୍ରଙ୍କ ମୃତ୍ୟୁ

**ପାଣିକୋଇଲି,୨୬।୧୨(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ଅମୃତିଆ ରାସ୍ତାର ବିଦ୍ୟା କଲେଜ ନିକଟରେ ଆଜି ମଧ୍ୟାହ୍ନ ସମୟରେ ଆଇଚର ଧକ୍କାରେ ସେହି ମହାବିଦ୍ୟାଳୟର ଯୁକ୍ତ ଦୁଇ ବିଜ୍ଞାନର ଦ୍ୱିତୀୟ ବର୍ଷର ଛାତ୍ରର ମୃତ୍ୟୁ ଘଟିଛି। ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ମିର୍ଜାପୁର ଗ୍ରାମର ପ୍ରହଲ୍ଲାଦ ପଣ୍ଡାଙ୍କ ପୁଅ ଆଶୁତୋଷ ପଣ୍ଡା (୧୭) ବିଦ୍ୟା କଲେଜରେ ଯୁକ୍ତ ଦୁଇ ବିଜ୍ଞାନ ବିଭାଗର ଦ୍ୱିତୀୟ ବର୍ଷ ଛାତ୍ର ଅଟେ। ଆଜି କଲେଜରୁ ଏକ ବାଇକ (ଓଡି୦୪ଏକ୍ସ ୨୪୮୮) ଯୋଗେ କ୍ଲାସ ସାରି ଘରକୁ ଫେରୁଥିବା ବେଳେ ପାଣିକୋଇଲି ପଟୁ ଯାଉଥିବା ଏକ ଗାଡ଼ି (ଡବ୍ଲୁବି ୫୭ଏଫ ୩୫୭୫) ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଦୁର୍ଘଟଣା ଘଟାଇ ଗାଡ଼ିଟି ସ୍ଥାନ ଛାଡ଼ି ଚମ୍ପଟ ମାରି ପଳାଇଥିଲା। ଖବର ପାଇପାଣିକୋଇଲି ପୁଲିସ ଘଟଣାସ୍ଥଳେ ପହଞ୍ଚି ତାକୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରାମବାସୀଙ୍କ ଠାରୁ ଖବର ପାଇ ଷଠିପୁର ଛକ ନିକଟରେ ଦୁର୍ଘଟଣା ଘଟାଇଥିବା ଗାଡ଼ି ସହ ଚାଳକକୁ ଅଟକ ରଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ଷଠିପୁରରେ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ଚାଳକୁ ଅଟକ ରଖି ତଦନ୍ତ ଜାରି ରଖିଛି। ଅପରପକ୍ଷେ ଏନେଇ ଅଭିଯୋଗ ପରେ ଏକ ମାମଲା ୪୧୦/୨୫ ରୁଜୁ କରାଯାଇ ତଦନ୍ତ ଅଧିକାରୀ ସବଇନ୍ସପେକ୍ଟର ବିଶ୍ୱରଞ୍ଜନ ଦାସ ପଞ୍ଚନାମା କରି ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି ପୁଲିସ।

# ପୂର୍ବତନ ସେନା କର୍ମଚାରୀଙ୍କ ପରଲୋକ



**ବରୀ,୨୬।୧୨(ସମିସ):** ବରୀ ବ୍ଲକ ଅନ୍ତର୍ଗତ ବାଲିବିଲ ଗ୍ରାମ ପଞ୍ଚାୟତର ବିଶିଷ୍ଟ ସମାଜସେବୀ ପ୍ରାକ୍ତନ ସେନା କର୍ମଚାରୀ ମଦନ ମୋହନ ପତିଙ୍କର ୮୫ ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କ ପରଲୋକରେ ବରୀ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ପତିଙ୍କ ମରଶରୀରକୁ ବିଶାଳ ଶୋଭାଯାତ୍ରାରେ ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘର ସଦସ୍ୟ ଏବଂ ଗ୍ରାମବାସୀ ଗ୍ରାମ୍ୟ ପରିକ୍ରମା କରି ଅବସରପ୍ରାପ୍ତ ସୈନିକ ସଂଘ କାର୍ଯ୍ୟାଳୟରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ଶ୍ରଦ୍ଧାଞ୍ଜଳି ପ୍ରଦାନ ପରେ ଗ୍ରାମ୍ୟ ଶ୍ମଶାନ ଶେଷକୃତ ସମ୍ପନ କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ଅମର ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ଶିଶୁ ସାହିତ୍ୟିକ ଡ. ଅଜୟ କୁମାର ଜେନା, ଭାସ୍କର ଚନ୍ଦ୍ର ନାଥ, ସାମ୍ବାଦିକ ପ୍ରଭାତ ମହାନ୍ତି, ବିଶ୍ୱଭୂଷଣ ଜେନା, ଡ. ଅମୁଲ୍ୟ କୁମାର ପଣ୍ଡା, ଯୁବ ସମାଜସେବୀ ଡ. ବିଶ୍ୱନାଥ ତ୍ରିପାଠୀ, ସତ୍ୟ ରଞ୍ଜନ କରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଶୋକ ପ୍ରକାଶ କରିଥିଲେ। ଖବର ପାଇ ବରୀ ବିଧାୟକ ବିଶ୍ୱରଞ୍ଜନ ମଲିକ, ଉପାଧକ୍ଷା ଅର୍ଚ୍ଚନା ମଲିକ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସନ୍ତୋଷ କୁମାର ସାମଲ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ଧର୍ମଶାଳା ମହୋତ୍ସବ

# ମୟୂରୀ ଓ ବୀଣାପାଣି କଳାକୁଞ୍ଜ ନୃତ୍ୟ ମନମୋହିଲା

**ଧର୍ମଶାଳା,୨୬।୧୨(ସମିସ)**

ଧର୍ମଶାଳା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଜିଲ୍ଲା ଓ ଜିଲ୍ଲା ବାହାରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ମୁକ୍ତାକାଶ ମଞ୍ଚରେ ଆଜି ଚଣ୍ଡିଖୋଲ ବୀଣାପାଣି କଳା ପରିଷଦ ଓ ଜାରକାର ମୟୁର ଡ୍ୟାନ୍ସ ଗ୍ରୁପର କଳାକାରମାନେ ମନଛୁଆଁ ନୃତ୍ୟ ଓ ସଂଗୀତ ପ୍ରଦର୍ଶନ କରିଥିଲେ। ଯାହାକୁ ଉପସ୍ଥିତ ଦର୍ଶକ ଭରପୁର ଉପଭୋଗ କରିଥିଲେ। ପରେ ପରେ ସ୍ଥାନୀୟ ସ୍କୁଲ ପିଲାମାନଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶିତ କରାଯାଇଥିଲା। ଆସନ୍ତା କାଲି ସନ୍ଧ୍ୟାରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ନୃତ୍ୟ ଗୀତ ଓ ସ୍ଥାନୀୟ ସ୍କୁଲ ପିଲାମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି କମିଟିର ସଭାପତି ରବୀନ୍ଦ୍ର ନାରାୟଣ ସାହୁ ଓ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ସୁଚନା ଦେଇଛନ୍ତି।



ଗତକାଲି ସନ୍ଧ୍ୟାରେ ଏହି ମହୋତ୍ସବ ଉଦ୍‌ଘାଟିତ ହୋଇଥିଲା। ମହୋତ୍ସବ କମିଟିର ସଭାପତି ରବି ନାରାୟଣ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଉଦ୍‌ଘାଟକ ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଡ. ରବି ନାରାୟଣ ବେହେରା ମୁଖ୍ୟଅତିଥି ଭାବେ, ସମ୍ମାନିତ ଅତିଥି ଭାବେ ବଡଚଣା ବିଧାୟକ ଅମର ନାୟକ, ସ୍ଥାନୀୟ ବିଧାୟକ ହିମାଂଶୁ ଶେଖର ସାହୁ, ବିଜେପି ଜିଲ୍ଲା ସଭାନେତ୍ରୀ ଦେବଯାନୀ ପ୍ରଧାନ ଯୋଗଦେଇଥିଲେ। ସଂପାଦକ ସତ୍ୟପ୍ରିୟ ମହାନ୍ତି ସଂପାଦକୀୟ ବିବରଣୀ ପାଠ କରିଥିଲେ। ସଂଯୋଜକ ଦେବରାଜ ମିଶ୍ର ଅତିଥି ପରିଚୟଓ ସ୍ୱାଗତ ଭାଷଣ ଦେଇଥିଲେ।

## ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ



**ଧର୍ମଶାଳା:** ଧର୍ମଶାଳା ମହୋତ୍ସବ ଅବସରରେ ରାଜ୍ୟ ସରକାରଙ୍କ ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗ ଓ ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟ ଜାରକା ପକ୍ଷରୁ ହସ୍ତଶିଳ୍ପ ପ୍ରଦର୍ଶନୀ ଆଜି ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ଏହି ପ୍ରଦର୍ଶନୀକୁ ହସ୍ତଶିଳ୍ପ ଜିଲ୍ଲା ଉପନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ହସ୍ତଶିଳ୍ପ ବିକାଶ ଅଧିକାରୀ କମଳଲୋଚନ ସାହୁ, ହସ୍ତଶିଳ୍ପ ବିକାଶ ଅଧିକାରୀ କଲ୍ୟାଣ ଟୁଡୁ, ହସ୍ତଶିଳ୍ପ ବିକାଶ ଅଧିକାରୀ ଶୁଭ୍ରାଂଶୁ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଦର୍ଶନୀରେ ୨୭ ଗୋଟି ଷ୍ଟଲ ଖୋଲାଯାଇଥିବା ବେଳେ ପଥର ଖୋଦେଇ, କାଠ ଖୋଦେଇ, କାଇଁଚ କାମ, ବାଉଁଶ, ଝୋଟ, ଚାନ୍ଦୁଆ, ଟେରାକୋଟା, ବେତ, ପିତଳକାମ ମେଳାରେ ପ୍ରଦର୍ଶନ କରାଯାଇଛି। ଏହି ପ୍ରଦର୍ଶନୀରେ ଅରଙ୍ଗାବାଦ ଗ୍ରାମର ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ରର ଚାନ୍ଦୁଆ ଷ୍ଟଲ ଖୋଲାଯାଇଛି। ରାଜ୍ୟ ପୁରସ୍କାର ପ୍ରାପ୍ତ ପ୍ରସ୍ତରଶିଳ୍ପୀ ଅନନ୍ତ ମହାରଣା, କାରିଗର ପ୍ରଫୁଲ୍ଲ ମହାରଣା, ମୀନତି ରଥ, ଏମ୍‌ସିପି ରମେଶ ସାହୁ, ଲୋକନାଥ ବେହେରା, ରମାକାନ୍ତ ମଲ୍ଲିକ, ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ର ସଭାନେତ୍ରୀ ଶୈଳବାଳା ବେହେରା, ସମ୍ପାଦିକା ମୀନତି ପଣ୍ଡା, ଝୁନାରାଣୀ ମିଶ୍ର, ସ୍ନେହଲତା ଦାଶ, ଜ୍ୟୋସ୍ନାରାଣୀ ବେହେରା, ସସ୍ମିତା ପରିଡା, ସ୍ମୃତିସଂଗୀତା ମିଶ୍ର, ଦ୍ୱିତୀକୃଷ୍ଣ ମିଶ୍ରଙ୍କ ସମେତ ବହୁ ହସ୍ତଶିଳ୍ପ କାରିଗର ଉପସ୍ଥିତ ରହିଥିଲେ।

## ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବ

# 'ବହିର ସ୍ୱର ତରବାରୀର ଧାରଠାରୁ ଆହୁରି ଶାଣିତ'




**ଯାଜପୁର,୨୬।୧୨(ସମିସ):** ୧୫ତମ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବର ଚତୁର୍ଥ ସନ୍ଧ୍ୟ ପୁସ୍ତକ ମହୋତ୍ସବରେ ସଭାପତି ସନ୍ତୋଷ କୁମାର ନନ୍ଦଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ପ୍ରାକ୍ତନ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ତଥା ପ୍ରାକ୍ତନ ଯାଜପୁରର ଜିଲ୍ଲାପାଳର ରଞ୍ଜନ ଦାସ ଯୋଗଦେଇ ବହିର ସ୍ୱର ତରବାରୀର ଧାର ଠାରୁ ଆହୁରି ଶାଣିତ ବୋଲି ପ୍ରକାଶ କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ଯୋଗଦେଇ ପୁସ୍ତକ ଆମକୁ ଭାଷା ଶିଖାଇଥିବା ସହ ଆମ ଜୀବନକୁ ପରିପୁଷ୍ଟ କରେ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତ ଭାବେ ଡ. ସୁବ୍ରତ କୁମାର ପୃଷ୍ଟି ଯୋଗଦେଇ ଭଲ ବହିର ଆଦର ଯୁଗେଯୁଗେ ରହିଛି। ସମ୍ମାନିତ ଅତିଥି ଭାବେ ଅତିଥିଭାବେ ବିଶିଷ୍ଟ ସାହିତ୍ୟିକା ଓ କବୟତ୍ରୀ ଡ. ପ୍ରଜ୍ଞାପରିମିତା ଦାଶ, ସାମ୍ବାଦିକ ପର୍ଶୁରାମ ବିଶ୍ୱାଳ, ଉତ୍କଳ ସାହିତ୍ୟ ସମାଜର ସଂପାଦକ ରାଜୀବ କୁମାର ଷଡ଼ଙ୍ଗି, ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ଡା. ରାଜକିଶୋର ପଣ୍ଡା ଯୋଗଦେଇଥିଲେ। ଅପରାହ୍ନ ଅଧିବେଶନରେ ଓଡ଼ିଶା ସାହିତ୍ୟ ଏକାଡେମୀ ଭୁବନେଶ୍ୱର ଓ ଅନନ୍ୟା ସାହିତ୍ୟର ମିଳିତ ଆନୁକୂଲ୍ୟରେ କବି ସମ୍ମିଳନୀ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବକୁ ମୁଖ୍ୟଅତିଥିଭାବେ ରଞ୍ଜନ କୁମାର ଦାସ ଯୋଗଦେଇଥିଲେ। ବିଶିଷ୍ଟ ଅତିଥିଭାବେ ଡ. ଜୟନ୍ତୀ ରଥ, ସମ୍ମାନିତ ଅତିଥିଭାବେ ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ସଂପାଦକ କାହ୍ନୁ ଚରଣ ମିଶ୍ର ଯୋଗଦେଇଥିଲେ। ସାହିତ୍ୟ ଏକାଡେମୀର ଉଚସଚିବ ସଞ୍ଜୟ କୁମାର, ଛୁଆଳସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପରେ ମୁକ୍ତ କୁଇଜ୍‌କୁ ଅଶୋକ କୁମାର ଦାସ, ଉଦୟ ନାରାୟଣ ପରିଡ଼ା, ବିନୋଦ ଚନ୍ଦ୍ର ନାୟକ, ସୁଧାଂଶୁ ଶେଖର ରଥ, କ୍ଷୀରୋଦ ବେହେରା ପ୍ରମୁଖ ପରି.ଳନା କରିଥିଲେ। ପ୍ରମୋଦ କୁମାର ପତିଙ୍କ ନେତୃତ୍ୱରେ ବାଦ୍ୟ ବିଚିତ୍ରା ଓ ନୃତ୍ୟ ସଂଗୀତ ପରିବେଷଣ କରାଯାଇଥିଲା। ସନ୍ତୋଷ କୁମାର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଆଜି ଏହି ଉକ୍ତ ଦିବସର କାର୍ଯ୍ୟକ୍ରମକୁ ଗଣମାଧ୍ୟମ ସଂଯୋଜକ ଆଦିତ୍ୟ ମହାନ୍ତି ପରି.ଳନା କରିଥିଲେ। କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ମହାପାତ୍ର ଅତିଥି ସ୍ୱାଗତ କରିଥିବା ବେଳେ ଉପସଭାପତି ବିଭୂତି ଭୂଷଣ ମହାପାତ୍ର ପରିଚୟ ପ୍ରଦାନ କରିଥିଲେ। ସଂପାଦକ ଡ. କାହ୍ନୁ ଚରଣ ମିଶ୍ର ସଂପାଦକୀୟ ବିବରଣୀ ପାଠ କରିଥିଲେ।

# ଆମ ଆଶ୍ରମରେ ରକ୍ତଦାନ ଶିବିର

**କବାଟବନ୍ଧ,୨୬।୧୨(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଳରାମପୁରସ୍ଥ ଆମ ଆଶ୍ରମର ୧୯ତମ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ସହିତ ରକ୍ତଦାନ ଶିବିର, ଗୀତା ପାଠ ଆଦି କରାଯାଇଥିଲା। ବିଭିନ୍ନ ସାମାଜିକ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ତଥା ସମାଜସେବାରେ ବେଗଙ୍କ ପତ୍ନୀ ଯୋଗ ଦେଇଥିଲେ। ଆଶ୍ରମ ପରିସରରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ଜାତୀୟ ରେଡ୍‌କ୍ରସ ରକ୍ତ ଭଣ୍ଡାର ପକ୍ଷରୁ ମୋଟ ୪୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

ଆଶ୍ରମର ସହଯୋଗୀ ବିନୟ କୁମାର ଶତପଥୀ ଏବଂ ଗୀତାଞ୍ଜଳି ପଟ୍ଟନାୟକଙ୍କ ଦ୍ୱାରା ଗୀତା ପାଠ କରାଯାଇଥିଲା।




ନିୟୋଜିତ ଥିବା ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଶ୍ରମର ପ୍ରତିଷ୍ଠାତା ଅଧ୍ୟାପକ ମନୋଜ କୁମାର ଧୀରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଏସ୍‌ସିବି ମେଡିକାଲର ଅବସରପ୍ରାପ୍ତ ନିୟୁରୋସର୍ଜନ ଡାକ୍ତର ମନ୍ମଥ ଧୀର ଏବଂ ମାଧୁରୀ ଶତପଥୀଙ୍କ ସହିତ ସ୍ୱର୍ଗତ ଡାକ୍ତର ଡ. ଏମ୍. ଏନ. ଆଶ୍ରମର ବାର୍ଷିକ ପତ୍ରିକା "ଆମ ଆଶ୍ରମ କଥା' ଉନ୍ମୋଚନ କରାଯାଇଥିଲା। ଆଶ୍ରମ ପକ୍ଷରୁ ପ୍ରଦାନ କରାଯାଉଥିବା ଡ.ଏମ୍‌ଏନ ବେଗ ସେବା ସମ୍ମାନରେ ବରିଷ୍ଠ ଚିକିତ୍ସକ ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବିଜୟ କୁମାର ଶତପଥୀଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ମନୋଜ କୁମାର ଧୀର ଧନ୍ୟବାଦ ଅର୍ପଣ କରିଥିଲେ।

# ଖଣି ଅଞ୍ଚଳରେ ଦନ୍ତା ହାତୀ ଆତଙ୍କ

**ସୁକିନ୍ଦା,୨୬।୧୨(ସମିସ):** ସୁକିନ୍ଦା ରେଞ୍ଜ ଟଂଶୋଳ ସେକ୍ସନ ତଳଙ୍ଗି ବିଟ ପାଟଣା ନିକଟରେ ଏକ ଜଙ୍ଗଲି ଦନ୍ତା ହାତୀ ଥିବା ଦେଖିବାକୁ ମିଳିଛି। ଏହି ଦନ୍ତା ହାତୀ ଗୁରୁବାର ବିଳମ୍ବିତ ରାତିରେ ଖାଦ୍ୟ ସନ୍ଧାନରେ ଖଣି ଅଞ୍ଚଳ ସ୍ଥିତ ଓସ୍ତପାଳ ଗ୍ରାମରେ ଏକ ଘର ଭାଙ୍ଗି ଆଖୁ ବାଡ଼ିରେ ପଶି ଆଖୁ ଖାଇବା ପରେ ପାଟଣା ମାଝୀ ସାହିରେ ଏକ ଘର ଭାଙ୍ଗି ଖଳାରେ ଥିବା ଧାନ ଖାଇଥିଲା। ସୂଚନା ପାଇ ବନ ବିଭାଗର ବନପାଳ ରାମ ତୀରିଆଙ୍କ ନେତୃତ୍ୱରେ ଏକ ଟିମ୍ ଜଙ୍ଗଲି ଦନ୍ତା ହାତୀକୁ ଢେଙ୍କାନାଳ ସୀମାନ୍ତକୁ ଘଉଡ଼ାଇବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ଏବେ ହାତୀ ଢେଙ୍କାନାଳ ଜିଲ୍ଲା ସୀମାନ୍ତ ଅଞ୍ଚଳକୁ ଯାଉଥିବା ଜଣାପଡିଛି।

# ଜ୍ୟୋତିରଞ୍ଜନ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ



**ମଙ୍ଗଳପୁର,୨୬।୧୨(ସମିସ):** ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତ ସାଧୁଗୌରେଶ୍ୱର କଲେଜ ପଡିଆରେ ୨୫ତମ ଜ୍ୟୋତିରଞ୍ଜନ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଯାଜପୁର ବିଧାୟିକା ସୁଜାତା ସାହୁ ଓ ସମାଜସେବୀ କର୍ଣ୍ଣାଟ କେଶରୀ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। କ୍ଲବର ସଭାପତି ତଥା କନିକାପଡା ପଞ୍ଚାୟତର ସରପଞ୍ଚ ପ୍ରଦୀପ ଯେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାଧୁଗୌରେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ଜିତେନ୍ଦ୍ର ଦାସ, ବାଣିଜ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ସୁଧାଂଶୁ ଦାସ, କ୍ଲବର ସମ୍ପାଦକ ପଞ୍ଚାବ କେଶରୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲ୍ ମ୍ୟାଚ କେନ୍ଦ୍ରାପଡ଼ା ଜିଲ୍ଲାର ପଞ୍ଚୁପାଣ୍ଡବ କ୍ରିକେଟ୍ ଟିମ ଓ ଯାଜପୁର ଜିଲ୍ଲାର ୟୁନିକ ଇଲେଭେନ କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ପଞ୍ଚୁପାଣ୍ଡବ କ୍ରିକେଟ ଟିମ ନିର୍ଦ୍ଧାରିତ ୧୫ ଓଭରରେ ୭ ୱିକେଟ ହରାଇ ୧୩୧ ରନ ସଂଗ୍ରହ କରିଥିଲେ। ଜବାବରେ ୟୁନିକ ଇଲେଭେନ ସମସ୍ତ ଓଭରରେ ୭ ୱିକେଟ ହରାଇ ୧୦୭ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ପଞ୍ଚୁପାଣ୍ଡବ କ୍ରିକେଟ ଟିମ କେନ୍ଦ୍ରାପଡ଼ା ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ। ସେହିପରି ଭଦ୍ରକର ସୂର୍ଯ୍ୟଶିଖା କ୍ରିକେଟ ଟିମ୍ ଓ କେନ୍ଦ୍ରାପଡ଼ା ଜିଲ୍ଲାର ଏନଏନୱାଇସି କ୍ରିକେଟ ଟିମ ଭାମଣ୍ଡା ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ସୂର୍ଯ୍ୟଶିଖା କ୍ରିକେଟ ଟିମ୍ ନିର୍ଦ୍ଧାରିତ ୧୨ ଓଭର ବିଶିଷ୍ଟ ମ୍ୟାଚରେ ୧୧ ଓଭର ୪ଟି ବଲ ଖେଳି ସମସ୍ତ ୱିକେଟ ହରାଇ ୧୧୭ ରନ ସଂଗ୍ରହ କରିଥିଲେ। ଜବାବରେ ଏନ୍‌ଏନୱାଇସି ୨ ୱିକେଟ ହରାଇ ୬ ଓଭର ୫ଟି ବଲ ଖେଳି ୧୧୮ ରନ ସଂଗ୍ରହ କରି ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ। ଟୁର୍ଣ୍ଣାମେଣ୍ଟରେ ସୁମନ୍ତ ମହାପାତ୍ର ଓ ଚିନ୍ମୟ ଦଳେଇ ଅମ୍ପେୟାର ଦାୟିତ୍ୱ ତୁଲାଇଥିଲେ। ଜ୍ୟାତିପ୍ରକାଶ ସାମଲ, ଉମେଶ ଭଞ୍ଜ ଓ ଦୀପକ ମହାପାତ୍ର (କାକୁଡି) ଭାଷ୍ୟକାର ଦାୟିତ୍ୱ ତୁଲାଇ ଥିଲେ। ପରିଚାଳନାରେ କ୍ଲବର ବରିଷ୍ଠ ସଭ୍ୟ ଗୌତମ ମହାପାତ୍ର, ରାକେଶ କୁମାର ସାହୁ, ପ୍ରମୋଦ ପୁହାଣ, ଜ୍ଞାନରଞ୍ଜନ ସାମଲ, ମନୋରଞ୍ଜନ ବାଇ, ଉତ୍କଳ ମହାପାତ୍ର, ନରେଶ ରାଉତ, ସ୍ମୃତିରଞ୍ଜନ ସାମଲ, ସୂର୍ଯ୍ୟକାନ୍ତ ପୃଷ୍ଟି, ଆଶିଷ ରଞ୍ଜନ ସାହୁ, ଜିତେନ୍ଦ୍ର ଯେନା, ପ୍ରିୟବ୍ରତ ଧଳ, ସୁବାସ ଯେନା ପ୍ରମୁଖ ସହଯୋଗ କରିଥିଲେ।

## ଅଶାନ୍ତ ହେଉଛି କଳିଙ୍ଗନଗର

# ୭ ଦିନ ଧରି ଧାରଣାରେ ବସିଛନ୍ତି ଶ୍ରମିକ

**ଦାନଗଦି,୨୬।୧୨(ସମିସ)**



କଳିଙ୍ଗନଗର ଶିଳ୍ପାଞ୍ଚଳ ଅନ୍ତର୍ଗତ ଟାଟା ରୋହିତ ଫେରୋ ଆଲୟେଜ ପ୍ଲାଣ୍ଟ ଫାଟକ ନିକଟରେ ଶ୍ରମିକ ଓ କର୍ମଚାରୀମାନେ ୭ ଦିନ ଧରି ଧାରଣାରେ ବସି ରହିଛନ୍ତି। ସେମାନଙ୍କ ମଧ୍ୟରୁ ଆଜି ଅଖିଳ ଧଳ ନାମକ ଜଣେ ଶ୍ରମିକ ଅସୁସ୍ଥ ହୋଇ ପଡ଼ିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେ ଏବେ ସୁସ୍ଥ ଅଛି। ହେଲେ ପ୍ରଶାସନ କିମ୍ବା କାରଖାନା କର୍ତ୍ତୃପକ୍ଷ ଏଯାଏ ସମାଧାନ ପାଇଁ ଆଗେଇ ଆସୁନାହାନ୍ତି। ଫଳରେ ଶୀତ କାକରରେ ଶ୍ରମିକ ଓ କର୍ମଚାରୀମାନେ ରାତିଦିନ ଭୋକ ଉପବାସରେ ପଡିରହିଛନ୍ତି। ଯାହା ଫଳରେ ଶ୍ରମିକମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। କଳିଙ୍ଗନଗର ମଜଦୁର ୟୁନିଅନ ପକ୍ଷରୁ ମୁଖ୍ୟତଃ ସଙ୍ଘ ସାଧାରଣ ସମ୍ପାଦକ ସୋଏବ ଅଲ୍ଲୀ ଖାଁନ, ସଭାପତି ମାନସ ଚନ୍ଦ୍ର ବେହେରା, ଉପସଭାପତି ସୁଧାକର ପୃଷ୍ଟି, ଉପସଭାପତି ଅଜୟ ପହି, ଯୁଗ୍ମ ସମ୍ପାଦକ ପ୍ରଦୀପ ସାମଲ, କୋଷାଧ୍ୟକ୍ଷ ମେଶୁକ ଅଲ୍ଲୀ, ସିପକ ରାଉତ ପ୍ରମୁଖ କାରଖାନା କର୍ମଚାରୀଙ୍କ ଦ୍ୱାରା ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଜାରିରହିଛି।

ସୂଚନା ମୁତାବକ ରୋହିତ ଫେରୋ ଆଲଏଜ କମ୍ପାନୀକୁ ଟାଟାଷ୍ଟିଲ କ୍ରୟ କରିବା ପରେ କମ୍ପାନୀର ପୁରୁଣା କର୍ମଚାରୀଙ୍କୁ ଦରମା ବଢ଼ାଯିବ କହି କୋର୍ଟ ଷ୍ଟାମ୍ପ ପେପରରେ ଦସ୍ତଖତ କରେଇ ନେଇଯାଇଥିବା ଶ୍ରମିକମାନେ ଅଭିଯୋଗ ଆଣିଥିଲେ। ଶ୍ରମିକ ମାନଙ୍କ ଅଭିଯୋଗ ମୁତାବକ ସେତେବେଳେ କୋର୍ଟ ପେପରରେ ଲେଖା ଯାଇଥିଲା କି କମ୍ପାନୀ କର୍ମଚାରୀ ମାନେ ୩୦-୮-୨୩ରୁ ୩୦-୮-୨୦୨୯ ମସିହା ପର୍ଯ୍ୟନ୍ତ କମ୍ପାନୀ ପାଖରେ କୌଣସି ଦାବି ରଖିପାରିବେ ନାହିଁ। ଯାହା ଶ୍ରମିକ ମାନେ ଅବଗତ ନଥିଲେ। ପରେ ଏହା ଜାଣିବା ପରେ କର୍ମଚାରୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକଶ ପାଇଥିଲା। ଇତି ମଧ୍ୟରେ ଟାଟାଷ୍ଟିଲ ରୋହିତ ଫେରୋ ଆଲଏଜ ପ୍ଲାଣ୍ଟକୁ ଇମ୍ପା ଷ୍ଟିଲକୁ ବିକ୍ରି କରିସାରିଛି। ବର୍ତ୍ତମାନ ଇମ୍ପା ସେଇ କୋର୍ଟ ପେପର ସାହାଯ୍ୟରେ ପ୍ଲାଣ୍ଟ କର୍ମଚାରୀଙ୍କୁ ବିଭିନ୍ନ ପ୍ରକାରର ଧମକ ଦେବା ଦେଖାଉଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଶନିବାର କର୍ମଚାରୀମାନେ ପ୍ଲାଣ୍ଟ ଗେଟ୍ ବନ୍ଦ କରି ଗେଟ୍ ସମ୍ମୁଖରେ ବସିରହିଛନ୍ତି। ଶ୍ରମିକମାନଙ୍କ ଦାବି ହେଲା ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଓ ବର୍ଦ୍ଧିତ ହାରରେ ଦରମା ପ୍ରଦାନ କରାଯାଉ। ଜୋର ଜବରଦସ୍ତ ଦସ୍ତଖତ ନେଇ ସେମାନଙ୍କ ଉପରେ ଜୁଲମ କରାନଯାଉ। ଯେ ପର୍ଯ୍ୟନ୍ତ ସେମାନଙ୍କ ଦାବି ପୂରଣ ନ ହୋଇଛି ଧାରଣା ଜାରି ରହିବ ବୋଲି ୟୁନିଅନର ସଭାପତି ମାନସ ଚନ୍ଦ୍ର ବେହେରା କହିଛନ୍ତି।

# ଶ୍ୟାମସୁନ୍ଦର ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ



**ମଙ୍ଗଳପୁର/କୟାଁଗୋଲା,୨୬।୧୨(ସମିସ):** ଦଶରଥପୁର ବ୍ଲକ ଶୁଶୁଆ ପଞ୍ଚାୟତ ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟର ୫୦ତମ ପୂର୍ତ୍ତି ଓ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଲମ୍ନି ସଭାପତି ଇଂ. ଯଶୋବନ୍ତ ନାୟକଙ୍କ ସଭାପତିତ୍ୱ ସଭାରେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଯାଜପୁର ସାଂସଦ ଡ. ରବିନାରାୟଣ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗୌତମ ରାୟ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ମାନେ ଦେଶର ଭବିଷ୍ୟତ କର୍ଣ୍ଣଧାର। ସେମାନଙ୍କୁ ସୁନାଗରିକଭାବରେ ଗଢ଼ି ତୋଳିବା ଶିକ୍ଷକଙ୍କ ଦାୟିତ୍ୱ। ବିକଶିତ ଭାରତ ଗଠନରେ ଛାତ୍ର ସମାଜର ଭାଗିଦାରୀ ଯଥେଷ୍ଟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଥମ ଦିନରେ ଗଣ ଦୌଡ଼, ମାଗଣା ସ୍ୱାସ୍ଥ୍ୟସେବା ଶିବିର ଆୟୋଜିତ କରାଯାଇଥିଲା। ସନ୍ଧ୍ୟାରେ ବିଦ୍ୟାଳୟ ରେ ଛାତ୍ରଛାତ୍ରୀ ନାଚ ଗୀତ ସହ ସୁନାମଧନ୍ୟ କଣ୍ଠଶିଳ୍ପୀ ଇରା ମହାନ୍ତି ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଧାନ ଶିକ୍ଷକ ଉମେଶ ସାମଲ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସଭାପତି ଯଶୋବନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିବାରେ ଆଲମ୍ନି କମିଟିର ସମସ୍ତ ସଦସ୍ୟ, ବିଦ୍ୟାଳୟ ଶିକ୍ଷକ ଶିକ୍ଷୟତ୍ରୀ ସମେତ ବର୍ତ୍ତମାନ ବିଦ୍ୟାଳୟ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ଘୁଆମାଳ ଡାକ୍ତରଖାନାରେ ଘଣ୍ଟାଏ ରୋଗୀ ସେବା ବନ୍ଦ




**ଦୋଲସାହି, ୨୬।୧୨(ସମିସ):** ରାଜ୍ୟରେ ଓମ୍ସା ପକ୍ଷରୁ ଘଣ୍ଟିକିଆ ଆନ୍ଦୋଳନ ସେବା ବନ୍ଦ ଆନ୍ଦୋଳନ ଆଜିଠାରୁ ଆରମ୍ଭ ହୋଇଛି। ସରକାରଙ୍କ ପକ୍ଷରୁ ମଞ୍ଜୁର ହୋଇଥିବା ଡାକ୍ତର ଓ ଅନ୍ୟ ପଦବୀ ଅଧାରୁ ଅଧିକ ଖାଲି ପଡ଼ିଥିବାବେଳେ ସ୍ୱାସ୍ଥ୍ୟ ସେବାରେ ବ୍ୟାଘାତ ସୃଷ୍ଟି ହେଉଥିବା ନେଇ ଓମ୍ସା ପକ୍ଷରୁ ୮ ଦଫା ଦାବି ପୂରଣ ନେଇ ଏହି ଆନ୍ଦୋଳନ ଜାରି ରହିଛି। ଏହି ମାସ ମଧ୍ୟରେ ଡାକ୍ତରଙ୍କ ଦାବି ପୂରଣ ନ ହେଲେ ଆସନ୍ତା ଜାନୁଆରୀ ମାସଠାରୁ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ କରିବାକୁ ଚେତାବନୀ ଦିଆଯାଇଛି। ସେହିପରି ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଘୁଆମାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପ୍ରଣବ ମହାନ୍ତି ଶୁକ୍ରବାର ପୂର୍ବାହ୍ନ ୧୦ରୁ ୧୧ଟା ଯାଏଁ ଆଉଟଡୋର ସେବା ବନ୍ଦ କରିଥିଲେ।

## କଳା ଗବେଷକ ସୁବାସ ମଲ୍ଲିକ ସମ୍ମାନିତ

**ଧାମନଗର, ୨୬।୧୨(ସମିସ):** ଧାମନଗର ମାଟିର ପ୍ରତିଭା କଳା ଗବେଷକ ସୁବାସ ଚନ୍ଦ୍ର ମଲ୍ଲିକ ମୟୂରଭଞ୍ଜ ଜିଲ୍ଲାରେ ସମ୍ମାନିତ ହୋଇଛନ୍ତି। ଧାମନଗର ବ୍ଲକ ଅନ୍ତର୍ଗତ ବୟାଙ୍ଗଡ଼ିହି ପଞ୍ଚାୟତର କମାରବନ୍ଧ ଗାଁର ସୁବାସ ଚନ୍ଦ୍ର ମଲ୍ଲିକ ଜଣେ ଲୋକକଳା ଗୁରୁ, ଭିଡ଼ିଓଗ୍ରାଫି ତାଳସାରି ନିର୍ଦ୍ଦେଶକ, ଲୋକ ସଂସ୍କୃତି ଗବେଷକ ଓ ସୁବକ୍ତା। ମୟୂରଭଞ୍ଜ କପ୍ତିପଦା ଉପଖଣ୍ଡସ୍ତରୀୟ ଧୂମ୍ସା-୨୦୨୫ ମହୋତ୍ସବରେ ସମ୍ମାନିତ ହୋଇଛନ୍ତି। ଉଦଳା ବିଧାୟକ ଭାସ୍କର ମଡ଼େଇ, ମହୋତ୍ସବ କମିଟି ଉପାଧ୍ୟକ୍ଷ ତଥା ଉପଜିଲ୍ଲାପାଳ ସୁଶାନ୍ତ ବାରିକ, ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସାଏ, ଏସ୍‌ପି ବରୁଣ ଗୁଣ୍ଟୁପାଲି ପ୍ରମୁଖ ଯୋଗଦେଇ ଶ୍ରୀ ମଲ୍ଲିକଙ୍କୁ ସ୍ମୃତି ଫଳକ, ମାନପତ୍ର, ଅଙ୍ଗବସ୍ତ୍ର, ଅର୍ଥରାଶି ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଛନ୍ତି।

## ଜନଜୀବନକୁ କଲବଲ କରୁଛି ଥଣ୍ଡା ଓ କୁହୁଡ଼ି



**ବାରିକପୁର, ୨୬।୧୨(ସମିସ):** କିଛିଦିନ ହେବ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଶୀତର ପ୍ରକୋପ ତୀବ୍ର ଭାବେ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି। ବ୍ଲକର ବିଭିନ୍ନ ସ୍ଥାନରେ ଏବେ ହାଡ଼ଭଙ୍ଗା ଶୀତ ସାଙ୍ଗକୁ ପ୍ରବଳ କୁହୁଡ଼ି ଅନୁଭୂତ ହେଉଛି। ବାୟୁମଣ୍ଡଳରେ କୁହୁଡ଼ି ଆଚ୍ଛାଦିତ ହେବା ଯୋଗୁଁ ଦିନ ତମାମ ସୂର୍ଯ୍ୟଦେବତାଙ୍କ ତାପମାତ୍ରା ହ୍ରାସ ପାଉଛି। ଅପରାହ୍ନ ୩ଟା ପରେ ଧୀରେ ଧୀରେ ଶୀତ ଲହରୀ ଆରମ୍ଭ ହେଉଥିବାବେଳେ ରାତିରେ ଏହା ଆହୁରି ବୃଦ୍ଧି ପାଉଛି। ଭୋର ସମୟରେ ଅତ୍ୟଧିକ କୁହୁଡ଼ି ସାଙ୍ଗକୁ ଶୀତର ପ୍ରକୋପ ଲୋକଙ୍କୁ କୋହଲା କରୁଛି। ଶୀତ ଯୋଗୁଁ ସନ୍ଧ୍ୟା ୭ଟା ପରେ ମଞ୍ଜୁରୀ ରୋଡ, ମାଳଦା, କୁଲଣା, ଆଖୁଆପଦା, ଛତାବର, ବିଷ୍ଣୁପୁର, ବାରିକପୁର, ଧାମନଗର ଛକ, ପରମାନନ୍ଦପୁର, ଛଣିଆ ପ୍ରମୁଖ ଗ୍ରାମ୍ୟ ବଜାରରେ ଲୋକଙ୍କ ସମାଗମ ପ୍ରାୟତଃ ଦେଖିବାକୁ ମିଳୁନାହିଁ। ସେହିଭଳି ସକାଳ ପ୍ରାୟ ଆଠଟା ପରେ ଲୋକେ ବଜାରକୁ ଆସୁଛନ୍ତି। ଅସହ୍ୟ ଶୀତରୁ ସାମାନ୍ୟ ଆଶ୍ୱସ୍ତ ପାଇଁ ଗାଁ ଗହଳି ଓ ବଜାର ଗାଦିରେ ନିଆଁ ଜାଳି ପିଲାଠାରୁ ବୁଢ଼ା ଯାଏଁ ସମସ୍ତେ ସେକ ନେଉଥିବା ଦେଖିବାକୁ ମିଳୁଛି। ଆଗାମୀ ଏକ ସପ୍ତାହ ଯାଏଁ ଶୀତ ଲହରୀ ସହିତ ଘନ କୁହୁଡ଼ି ଜାରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ବେଲଗଡ଼ିଆ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ବାରିକପୁର, ୨୬।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ବେଲଗଡିଆ ସରକାରୀ ବିଦ୍ୟାଳୟର ବାର୍ଷିକ ବିଦ୍ୟାର୍ଥୀ ପାରଦର୍ଶିତା ମୂଲ୍ୟାୟନ ତଥା ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଷ୍ଣୁଚରଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଶିଷ୍ଟ ସମାଜସେବୀ ବଦ୍ରିନାରାୟଣ ଧଳ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରଞ୍ଜନ ପରିଡ଼ା, ମୁଖ୍ୟବକ୍ତା ଭାବେ ଆଲୁମ୍ନି କମିଟି ସଭାପତି ମୁକୁନ୍ଦ ରାଉତ, ଅନ୍ୟତମ ଅତିଥି ଭାବେ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ପୀତାମ୍ବର ରାଉତ, ରଘୁନାଥ ଶତପଥୀ, ପ୍ରମୋଦ ଦେବ, ସାମ୍ବାଦିକ ଶ୍ୟାମସୁନ୍ଦର ମହାପାତ୍ର, ନାରାୟଣ ପ୍ରଧାନ, ନିର୍ମଳ ଧଳ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ନରେନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବୈଜୟନ୍ତୀ ବାରିକ ସ୍ୱାଗତ ଭାଷଣ ଓ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆଇନଜୀବୀ ବସନ୍ତ ମହାନ୍ତିଙ୍କ ସ୍ମୃତିସଭା



**ଭଦ୍ରକ, ୨୬।୧୨(ସମିସ):** ଭଦ୍ରକର ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ସରକାରୀ ଓକିଲ ସ୍ୱର୍ଗତ ବସନ୍ତ ଜଣେ ଦକ୍ଷ ଆଇନଜୀବୀ ନ ଥିଲେ, ବରଂ ନିସ୍ୱାର୍ଥପର ଓ ନିଷ୍ଠାପର ଆଇନଜୀବୀ ଭାବେ ପରିଚିତ ଥିଲେ। ତାଙ୍କର ସିଭିଲ ଓ କ୍ରିମିନାଲ ଆଇନ ସହ ଖାଦ୍ୟ ଅପମିଶ୍ରଣଜନିତ ମାମଲାରେ ବିଶେଷ ଦକ୍ଷତା ଥିଲା ବୋଲି ଆଜି ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପରେ ବସନ୍ତ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧ ଅବସରରେ ଅନୁଷ୍ଠିତ ସ୍ମୃତିସଭାରେ ମତପ୍ରକାଶ ପାଇଛି। ଭଦ୍ରକ ଓକିଲ ସଂଘ ସଭାପତି ସନ୍ତୋଷ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଶିକ୍ଷାବିତ ପ୍ରଭାତ ଜେନା, ବରିଷ୍ଠ ନାଗରିକ ସଂଘର ରାମଚନ୍ଦ୍ର ଦାସଙ୍କ ସମେତ ବହୁ ବୁଦ୍ଧିଜୀବୀ, ଆଇନଜୀବୀ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱର୍ଗତ ମହାନ୍ତିଙ୍କ ଭାଇ ଅବସରପ୍ରାପ୍ତ ଚିଫ୍ ଇଂଜିନିୟର ଶିଶିର ମହାନ୍ତି, ତାଙ୍କ ପୁତ୍ର ମିହିର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**ଦୋଲସାହି, ୨୬।୧୨(ସମିସ):** ତିହିଡ଼ି ବ୍ଲକ ଅଧୀନ ଦୋଲସାହି ପଞ୍ଚାୟତସ୍ଥ ରାମନାରାୟଣ ଉଚ୍ଚ ବିଦ୍ୟାଳୟରେ ୧୯୮୩ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ବ୍ୟାଚ୍‌ର ଛାତ୍ରଛାତ୍ରୀ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କ ସମ୍ପର୍କରେ ଅଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଦାଶରଥି ମହାପାତ୍ର, ରବୀନ୍ଦ୍ର ଜେନା, ଗଙ୍ଗାଧର ଓଝା, ମହେଶ୍ୱର ଜେନା, ରାଜକିଶୋର ବେହେରା, ପ୍ରଭାତ ମହାନ୍ତି, କୁମୁଦିନୀ ମହାନ୍ତି, ସୁଶାନ୍ତ ପତି, କରୁଣାକର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



### ଜାତୀୟ ବାଣିଜ୍ୟ ମେଳାର ଦ୍ୱିତୀୟ ସନ୍ଧ୍ୟା

# ସାଂସ୍କୃତିକ ଅନୁଷ୍ଠାନ କଳାକାରଙ୍କ ନୃତ୍ୟରେ ଝୁମିଲେ ଦର୍ଶକ



**ଭଦ୍ରକ, ୨୬।୧୨(ସମିସ)**

ବାଣିଜ୍ୟ କ୍ଷେତ୍ରରେ ଆମ ଓଡ଼ିଶା ପ୍ରଦେଶ ଦିନେ ସମଗ୍ର ଭାରତ ବର୍ଷର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ସମୃଦ୍ଧି ଲାଭ କରିଥିଲା। ଏହି ରାଜ୍ୟର ବଣିକମାନେ ବାଣିଜ୍ୟ କ୍ଷେତ୍ରରେ ସମଗ୍ର ଅଞ୍ଚଳକୁ ବିକଶିତ ସହ ଆର୍ଥିକ ଦୃଷ୍ଟିକୋଣରୁ ସମୃଦ୍ଧ କରିପାରିଥିଲେ। ତେବେ ବର୍ତ୍ତମାନର ପରିସ୍ଥିତିରେ ଆଜିର ଶିକ୍ଷିତ ଯୁବ ଉଦ୍ୟୋଗୀ ଚାକିରି ପଛରେ ନ ଦୌଡ଼ି କୃଷି, ଶିଳ୍ପ କ୍ଷେତ୍ରରେ ସେମାନଙ୍କର ଉତ୍ପାଦିତ ଦ୍ରବ୍ୟକୁ ଅନ୍ୟ ରାଜ୍ୟରେ ବିକ୍ରୟ କରି ନିଜେ ଆର୍ଥିକ ଦୃଷ୍ଟିକୋଣରୁ ଲାଭବାନ ହେବା ସହ ସମଗ୍ର ଓଡ଼ିଶାକୁ ଆଗେଇ ନେବା ହିଁ ଏହି ବାଣିଜ୍ୟ ମେଳାରେ ପ୍ରକୃତ ଉଦ୍ଦେଶ୍ୟ ବୋଲି ଭଦ୍ରକର ସମରାଇପୁର ନାୟାର ପେଟ୍ରୋଲ ପମ୍ପ ନିକଟରେ ଅନୁଷ୍ଠିତ ଜାତୀୟ ସ୍ତରୀୟ ଭଦ୍ରକ ବାଣିଜ୍ୟ ମେଳାର ଦ୍ୱିତୀୟ ସନ୍ଧ୍ୟାରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନର କଳାକାରଙ୍କ ଗୀତ ଓ ନୃତ୍ୟରେ ଦର୍ଶକ ଝୁମିଥିଲେ।

ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ଡିଏଫ୍‌ଓ ସଂସ୍ଥା ଓସ୍‌ମେ ଓ ବିବିଏମ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ମେଳାର ଦ୍ୱିତୀୟ ସନ୍ଧ୍ୟାରେ ଓସ୍‌ମେର ସଭାପତି ସୁରଜ କୁମାର ସାହୁ ଅଧ୍ୟକ୍ଷତା କରିଥିବାବେଳେ ବିବିଏମର ସମ୍ପାଦକ ମନୋଜ କୁମାର ରାୟ ବାଣିଜ୍ୟ ମେଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଓସ୍‌ମେର ଲେଡିଜ୍ ୱିଙ୍ଗ ପକ୍ଷରୁ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯିବା ପରେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ବେହେରା, ମୁଖ୍ୟବକ୍ତା ଭାବେ ଅମୃତ ଦର୍ଶନର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଅଲିମ୍ପିକ ଆସୋସିଏସନର ସଭାପତି ସମୀର ମହାନ୍ତି, କଳିଙ୍ଗ ନଗର ଡିଆଇସିର ଆସିଷ୍ଟାଣ୍ଟ ମ୍ୟାନେଜର ନିରଞ୍ଜନ ନାୟକ, ଓସମେର ଉପସଭାପତି ରାଜେଶ ମିଶ୍ର, ବିବିଏମର ସଂଯୋଜକ କାଳନ୍ଦୀ ବାରିକ ପ୍ରମୁଖ ଯୋଗଦେଇ ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ବ୍ୟବସାୟୀ ତ୍ୟାଗଭୂମି ଭଦ୍ରକବାସୀଙ୍କ ସ୍ନେହ, ସୌହାର୍ଦ୍ଦ୍ୟ ଓ ଆତିଥ୍ୟ ପାଇବାରେ ଜିଲ୍ଲାବାସୀଙ୍କ ସହଯୋଗ କାମନା କରିଥିଲେ। ମେଳାର ଆୟୋଜକଙ୍କ ଏଭଳି ସାଧୁ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ବିବିଏମର ପୃଷ୍ଠପୋଷକ ଶଶୀଶେଖର ବେହେରାଙ୍କ ତତ୍ତ୍ୱାବଧାନରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ବିବିଏମର ଉପସଭାପତି ନମ୍ରତା ରାୟ ଧନ୍ୟବାଦ ଦେବା ପରେ ଜିଲ୍ଲାର ବିଭିନ୍ନ ନୃତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ବେଶ୍ ମନଛୁଆଁ ହୋଇଥିଲା।

## ଉପଖଣ୍ଡ ପୁଲିସ ଅଧିକାରୀଙ୍କ ବଦଳି

**ବାରିକପୁର, ୨୬।୧୨(ସମିସ):** ଇତିମଧ୍ୟରେ ପୁଲିସ ଉପଖଣ୍ଡ ଅଧିକାରୀ ତ୍ରିଲୋଚନ ସେଠୀଙ୍କୁ କଟକ ଭିଜିଲାନ୍ସ ଡିଏସପି ଭାବେ ବଦଳି କରାଯାଇଛି। ଭଣ୍ଡାରିପୋଖରୀ ସମେତ ଆଗରପଡ଼ା, ବନ୍ତ, ଧାମନଗର ଓ ଧୂଷୁରୀ ଥାନାକୁ ଉପଖଣ୍ଡ ଅଧିକାରୀ ଭାବେ ସେ ସଠିକ ପରିଚାଳନା କରୁଥିଲେ। ଏପରି ସ୍ଥଳେ ତାଙ୍କୁ ବଦଳି କରାଯାଇଛି। ଏ ନେଇ ଜନସାଧାରଣଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ତାଙ୍କର ବଦଳି ଆଦେଶକୁ ସାମୟିକ ଭାବେ ରଦ୍ଦ ପାଇଁ ମଧ୍ୟ ଦାବି ହୋଇଛି। ଶ୍ରୀ ସେଠୀ ଏହା ପୂର୍ବରୁ ୨ବର୍ଷରୁ ଅଧିକ ସମୟ ଧରି ଭଣ୍ଡାରିପୋଖରୀ ଥାନା ଅଧିକାରୀ ଭାବେ ସଫଳତାର ସହ କାର୍ଯ୍ୟ କରିଥିଲେ। ଏଠାରୁ ତାଙ୍କୁ ଭୁବନେଶ୍ୱର ଅର୍ଥନୈତିକ ଅପରାଧିକ ଶାଖାକୁ ବଦଳି କରାଯାଇଥିଲା। ସେଠାରେ କିଛିଦିନ କାର୍ଯ୍ୟ କରିବା ପରେ ଧାମନଗର ପୁଲିସ ଉପଖଣ୍ଡ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଥିଲା। ସେ ଦକ୍ଷତାର ସହିତ କାର୍ଯ୍ୟ କରୁଥିବା ସ୍ଥଳେ ହଠାତ୍ ବଦଳି ଖବରକୁ ଜନସାଧାରଣ ସହଜରେ ଗ୍ରହଣ କରିପାରୁନାହାନ୍ତି। ତେଣୁ ବଦଳି ଉପରେ ପୁନର୍ବିଚାର ପାଇଁ ମତପ୍ରକାଶ ପାଇଛି।

# ନଦୀବନ୍ଧ ରାସ୍ତାରେ ପଡ଼ିଲା ପିଚୁ




**ଦୋବଲ, ୨୬।୧୨(ସମିସ):** ଗତ ଛଅମାସ ଧରି ବନ୍ଦ ଥିବା କାମ ପୁଣି ଆରମ୍ଭ ହୋଇଛି। ଦୋବଲ-କରଦା ଭାୟା ନନ୍ଦିପୁର ନଦୀବନ୍ଧ ରାସ୍ତାରେ ପିଚୁ ପକାଯାଇଛି। ଗତ ଜୁନ୍ ମାସଠାରୁ କାମ ବନ୍ଦ ଥିଲା। ଏ ନେଇ ଡିସେମ୍ବର ୧୨ରେ ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏହାପରେ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଜଳ ସମ୍ପଦ ବିଭାଗର କ୍ଷେତ୍ର ଅଧିକାରୀଙ୍କୁ ଭର୍ତ୍ସନା କରିଥିଲେ। ତୁରନ୍ତ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଆଜିଠାରୁ ପିଚୁ ପଡ଼ିବା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୯୦୦ ମିଟର ରାସ୍ତାକୁ ପିଚୁ କରାଯାଇଛି। ଆସନ୍ତାକାଲି ବାକି ରାସ୍ତାକୁ ପିଚୁ କରାଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି।

ଦୀର୍ଘ ବର୍ଷର ଦାବିକୁ ଗ୍ରହଣ କରି ନୂଆ ସରକାର ଆସିବା ପରେ ଗତବର୍ଷ ଗେଙ୍ଗୁଟି ନଦୀବନ୍ଧର କୋରକୋଦାଠାରୁ କରଦା ଭାୟା ଅଙ୍ଗେଇପାଳ ରାସ୍ତା ନବୀକରଣ କାମ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ୪ କିଲୋମିଟର ରାସ୍ତା ଭିତରୁ ପ୍ରାୟ ୨ କିଲୋମିଟର ବନ୍ଧକୁ ପିଚୁ କରିବାକୁ ଟେଣ୍ଡର ହୋଇଥିଲା। ଟେଣ୍ଡର ଜିତିଥିବା ଠିକାଦାର ବୋଲଡର ଆଉ ନାଲିଗୋଡ଼ି ପକେଇ ରୋଲିଂ କରିଦେଲେ। ତା'ଉପରେ ବଜୁରୀ ଓ ବଜୁରୀ ଗୁଣ୍ଡ ପକାଇ ରୋଲିଂ କରିଦେଲେ। ପରେ ଜୁନ୍ ମାସରୁ କାମ ଛାଡ଼ି ଚାଲିଗଲେ। ଦୀର୍ଘ ୬ ମାସ ହେଲା ଏହି ରାସ୍ତା କାମ ବନ୍ଦ ରହିଥିଲା। କୋରକୋଦାରୁ କରଦା ଓ କରଦାରୁ କୋରକୋଦା ଆସୁଥିବା ଲୋକେ ନାହିଁ ନ ଥିବା ହଇରାଣ ହେଉଥିଲେ। ଛୋଟ ଛୋଟ ବଜୁରୀ ପଡ଼ିଥିବାରୁ ବାଇକ୍ ସ୍ଲିପ୍ କରିବା ସହ ଟାୟାର ଲିକ୍ ହେଉଥିଲା। ବଜୁରୀ ଗୁଣ୍ଡ ପଡ଼ିଥିବାରୁ ଆଖପାଖ ଅଞ୍ଚଳରେ ଧୂଳିର ଆସ୍ତରଣ ଜମି ଯାଉଥିଲା। ଏ ନେଇ ସ୍ଥାନୀୟ ଲୋକେ ବାରମ୍ବାର ଦାବି କରିବା ସତ୍ତ୍ୱେ ଠିକାଦାର ଓ ଜଳ ସମ୍ପଦ ବିଭାଗ ଅଧିକାରୀଙ୍କ ମଧ୍ୟରେ ତୁ ତୁ ମେଁ ମେଁରେ ବ୍ୟସ୍ତ ରହିଥିଲେ। ଦୋବଲରୁ କରଦା ଯିବାକୁ ମାତ୍ର ୪ କିଲୋମିଟର ଦୂର। ହେଲେ ବର୍ଷାଦିନେ ଏ ରାସ୍ତାରେ ଯିବା ସମ୍ଭବ ହେଉ ନ ଥିବାରୁ ଅଙ୍ଗେଇପାଳ ଓ କରଦା ଲୋକେ ଖଡ଼ିପଦା, ସୁଜାଣସିଂହପୁର ହୋଇଯିବା ଆସିବା କରିଥା'ନ୍ତି। ଏଥିଲାଗି ସେମାନଙ୍କୁ ପ୍ରାୟ ୮ କିଲୋମିଟର ଅତିକ୍ରମ କରିବାକୁ ପଡ଼ିଥାଏ। ବେଶୀ ମାତ୍ରାରେ ହଇରାଣ ହୋଇଥା'ନ୍ତି ଅଙ୍ଗେଇପାଳ ଲୋକେ। ସେମାନଙ୍କ ପିଲାଛୁଆ ଦୋବଲ କିମ୍ବା ଖଡ଼ିପଦା ସ୍କୁଲରେ ପଢ଼ନ୍ତି। ବର୍ଷାଦିନେ ବନ୍ଧ ବାଟେ ଯିବା ସହଜ ହୁଏନାହିଁ। ଏ ନେଇ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ରାସ୍ତା କାମ ହେଉଥିବା ଜଣାପଡ଼ିଛି।

## ବନ୍ୟା ବିପର୍ଯ୍ୟୟ ସୁରକ୍ଷା ସମିତିର ସମ୍ବର୍ଦ୍ଧନା ଉତ୍ସବ

**ବାରିକପୁର, ୨୬।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀ ପଞ୍ଚାୟତ ପରମାନନ୍ଦପୁର କଲ୍ୟାଣ ମଣ୍ଡପରେ ଆଞ୍ଚଳିକ ବନ୍ୟା ସୁରକ୍ଷା ସମିତି ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ତଥା ବନ୍ୟା ସୁରକ୍ଷା ସମିତି ସମ୍ପାଦକ ଅକ୍ଷୟ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଖୁଆପଦା ଜଳସମ୍ପଦ ଡିଭିଜନର ପୂର୍ବତନ ଅଧୀକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡେଇ ଯୋଗଦେଇ ବିଭାଗ ପକ୍ଷରୁ ହୋଇଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀ ହିତେଶ ସାହୁ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନରନାରାୟଣ ଜେନା, ଗୋଲଖ ବେହେରା, ଯୁବ ଉଦ୍ୟୋଗୀ ସଞ୍ଜୀବ ପରିଡ଼ା, ଶିକ୍ଷାବିତ ଅଲେଖ ଘଡ଼ାଇ, ନାରାୟଣ ଘଡେଇ, ସମାଜସେବୀ ଶ୍ରୀଧର ସ୍ୱାଇଁ, ଅଜୟ ସାହୁ, ଗଗନବିହାରୀ ସେଠୀ, ବିଜୟ ମହାନ୍ତି, ପିଇଓ ନିଶିକାନ୍ତ ସାହୁ, ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ସୁଶାନ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏବେ ବାଲି ପୋଖରୀ ଏସକେପ ନବୀକରଣ ଓ ବୈତରଣୀ ବାମ ପାର୍ଶ୍ୱ ବନ୍ଧ ସୁଦୃଢ଼ୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାବେଳେ ବାକି ଥିବା କଣ୍ଟି ଏସକେପକୁ ତୁରନ୍ତ ନବୀକରଣ ପାଇଁ ସମିତି ସଦସ୍ୟ ଦାବିକୁ ଦୋହରାଇଥିଲେ। ଏ ଅବସରରେ ବନ୍ୟା ସୁରକ୍ଷା ସମିତି ପକ୍ଷରୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀ ଘଡେଇ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଦସ୍ୟ ବସନ୍ତ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମିତି ଉପସଭାପତି ନାରାୟଣ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଜିତେନ୍ଦ୍ର ମହାପାତ୍ର, ମୃତ୍ୟୁଞ୍ଜୟ ମହାପାତ୍ର, ମନୋଜ ମହାପାତ୍ର, କମଳାକାନ୍ତ ଲେଙ୍କା, ଯଯାତିକେଶରୀ ମହାପାତ୍ର, ରତ୍ନାକର ବାରିକ, ଅଶୋକ ବାରିକ ପ୍ରମୁଖ ପରିଚାଳନା କରିଥିଲେ।



# ମା' ଝାଡ଼େଶ୍ୱରୀଙ୍କ ପୀଠର ବିକାଶ ଦାବି

**ଅସୁରାଳି, ୨୬।୧୨ (ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗାଁରେ ବିରାଜିତ ମା' ଝାଡ଼େଶ୍ୱରୀ ମନ୍ଦିର। ଏ ଅଞ୍ଚଳର ପ୍ରସିଦ୍ଧ ଦେବୀ ପୀଠ ମଧ୍ୟରୁ ଅନ୍ୟତମ। ପୁରାତନ କଥାନୁସାରେ, ଏକ ଝାଡ଼ି ମଧ୍ୟରୁ ଦେବୀଙ୍କ ମୂର୍ତ୍ତି ଆବିର୍ଭାବ ହୋଇଥିଲା। ସେଥିପାଇଁ ଦେବୀଙ୍କୁ 'ଝାଡ଼େଶ୍ୱରୀ' ବୋଲି ନାମକରଣ କରାଯାଇଥିଲା। ପ୍ରାୟ ଏକ ଶତାବ୍ଦୀ ପୂର୍ବରୁ ଗ୍ରାମବାସୀଙ୍କ ଉଦ୍ୟମରେ କାଠ ଓ ବାଉଁଶରେ ନିର୍ମିତ ଛୋଟ ଘରେ ମା'ଙ୍କୁ ବିରାଜିତ କରାଯାଇଥିଲା। ପରେ ପ୍ରାୟ ୭–୮ ବର୍ଷ ତଳେ ମନ୍ଦିର ନିର୍ମାଣ ହୋଇଥିଲା। ଗୋବିନ୍ଦପୁରର ମା' ଝାଡେଶ୍ୱରୀ ପୀଠ କେବଳ ଧାର୍ମିକ ଆସ୍ଥାର କେନ୍ଦ୍ର ନୁହେଁ, ଏଠାରେ ଲୋକଙ୍କ ଅନୁଭବ ଓ ଆଶ୍ଚର୍ଯ୍ୟଜନକ ପ୍ରଥା ମଧ୍ୟ ଜଡିତ। ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଅନୁସାରେ ଯେଉଁ ପିଲାଙ୍କ ପାଟି ଖୋଲି ନ ଥାଏ, ସେମାନଙ୍କର ମାନସିକ ରଖିଲେ ଖୁବଶୀଘ୍ର ପାଟି ଖୋଲିଯାଏ। ଏହି ପ୍ରଥାରେ ଗ୍ରାମବାସୀଙ୍କ ଗଭୀର ଆସ୍ଥା ରହିଛି। ବର୍ଷର ସବୁ ସମୟରେ ଫଳ, ଗୋଦୁଗ୍ଧ ଓ ଧାନଜାତ ସାମଗ୍ରୀ ମା'ଙ୍କୁ ଭୋଗ ରୂପେ ଲାଗେ। ପ୍ରତିବର୍ଷ ଶିବରାତ୍ରରେ ମନ୍ଦିର ପରିସରରେ ବଡ଼ ମେଳା ପଡ଼େ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, କୀର୍ତ୍ତନ, ଯାତ୍ରା ଆୟୋଜିତ ହୁଏ। ଅପରାହ୍ନରେ ବାବାଙ୍କ ଦାସୀଙ୍କୁ 'କାଳିସୀ' ଲାଗେ। ଯଦ୍ୱାରା ଭକ୍ତଙ୍କ ମାଗୁଣି ପୂରଣ ହୁଏ ବୋଲି ବିଶ୍ୱାସ। ପୂଜା କମିଟି ଗଠିତ ହୋଇ ସମସ୍ତ କାର୍ଯ୍ୟକ୍ରମ ସୁଚାରୁ ଭାବେ ସମ୍ପାଦନ କରାଯାଉଛି। ସ୍ଥାନୀୟ ଲୋକ, ବାହାରେ ରହୁଥିବା ଅଞ୍ଚଳବାସୀ ଓ ଦାନଶୀଳ ବ୍ୟକ୍ତିଙ୍କ ସହଯୋଗରେ ମନ୍ଦିରର ବିକାଶ ହୋଇଆସୁଛି। ସରକାରଙ୍କ ପକ୍ଷରୁ ପାନୀୟଜଳ ଓ ବିଦ୍ୟୁତ ସୁବିଧା ଯୋଗାଣ ହୋଇଛି। ସରକାର ଓ ପ୍ରଶାସନର ନଜର ପଡ଼ିଲେ, ଏହି ପୀଠ ଆହୁରି ବିକାଶ ପାଇ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କୁ ଆକର୍ଷଣ କରିବ।



### ଏନ୍‌ଆର୍‌ଆଇ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ସ୍ପନ୍ଦନ'

## 'ଶିକ୍ଷା ଉତ୍ତମ, ପୂର୍ଣ୍ଣାଙ୍ଗ ମଣିଷ ଗଠନ କରେ'




**ଭଦ୍ରକ, ୨୬।୧୨(ସମିସ):** ଭଦ୍ରକ ସହର ଆରଡ଼ି ଛକସ୍ଥିତ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଏନଆର୍‌ଆଇ ଇଣ୍ଟରନ୍ୟାସନାଲ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ସ୍ପନ୍ଦନ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଦିଲୀପ ରାଉତରାଏ ମୁଖ୍ୟଅତିଥି, ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ସମ୍ମାନିତ ଅତିଥି ଓ ଅବସରପ୍ରାପ୍ତ ପ୍ରାଧ୍ୟାପକ ଏସକେ. ନାସିର ବକ୍ସ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। 'ଶିକ୍ଷା ମଣିଷ ଜୀବନର ଏକ ଅପରିହାର୍ଯ୍ୟ ଅଙ୍ଗ। ଏହା ଉତ୍ତମ ତଥା ପୂର୍ଣ୍ଣାଙ୍ଗ ମଣିଷ ଗଠନ କରେ' ବୋଲି ମୁଖ୍ୟଅତିଥି ଜିଲ୍ଲାପାଳ ଶ୍ରୀ ରାଉତରାୟ ମତ ବ୍ୟକ୍ତ କରିଥିଲେ। ଏହାସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ନିର୍ଦ୍ଦେଶକ ଗୌରାଙ୍ଗ ଚରଣ ନାଥ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟକ୍ଷ ବିବେକାନନ୍ଦ ସେନାପତି ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ମୁଖ୍ୟ ନରେନ୍ଦ୍ର ପ୍ରସାଦ ସାହୁ, କମଳା ସାହୁ, ନିର୍ଦ୍ଦେଶକ ଲକ୍ଷ୍ମୀଧର ନାୟକ, ଅଖୁଜୀ ନାଥ, ଜ୍ୟୋତ୍ସ୍ନାରାଣୀ ନାୟକ, ସୁଶାନ୍ତ ପାଣି, ଲିପିପୁଷ୍ପା ପାଣି ପ୍ରମୁଖ ଅତିଥି ମଞ୍ଚାସୀନ ଥିଲେ। ଚକ୍ରଧର ବେହେରା, ଅଜୟ ମହାନ୍ତି ଓ ଜାହାନ ପରବିନ, ନୀଳିମା ମିଶ୍ର, ବିଜୟଲକ୍ଷ୍ମୀ ମହାନ୍ତି, ଇତିଶ୍ରୀ ଦାସ, ଦେବାଶିଷ ପାଣିଗ୍ରାହୀ, ଭୋଳାନାଥ ନାୟକ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ଶିକ୍ଷକ ନିରଞ୍ଜନ ସାମଲ ଧନ୍ୟବାଦ ଦେଇଥିଲେ।

### ବିନା ସୂଚନା ଫଳକରେ ହେଉଛି ସରକାରୀ ପ୍ରକଳ୍ପ

# ନିମ୍ନମାନର ରଡ୍ ଓ ଇଟାରେ ଚାଲିଛି କାମ

**ଦୋବଲ, ୨୬।୧୨(ସମିସ)**



ସରକାରୀ ନିୟମକୁ ବେଖାତିର କରି ଧାମନଗର ଜଳ ସମ୍ପଦ ବିଭାଗ ଅଧୀନରେ ଚାଲିଛି ଏକ କୋଠା ନିର୍ମାଣ କାମ। ବେଦପୁର ଛକଠାରେ ନିର୍ମାଣାଧୀନ ଷେଣ୍ଢପୁର ଜଳ ସମ୍ପଦ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବ୍ୟାପକ ଦୁର୍ନୀତି ଓ ନିମ୍ନମାନର ସାମଗ୍ରୀ ବ୍ୟବହାର ହେଉଥିବା ନେଇ ଅଭିଯୋଗ ହୋଇଛି। ପ୍ରାୟ ୪୦ ଫୁଟ୍ ଲମ୍ବ ଓ ୩୦ ଫୁଟ୍ ଚଉଡ଼ାର ଏହି କୋଠା ନିର୍ମାଣ ସ୍ଥଳରେ କୌଣସି ସୂଚନା ଫଳକ ଲାଗି ନ ଥିବାବେଳେ ପ୍ରକଳ୍ପର ବ୍ୟୟ ଅଟକଳ ସମ୍ପର୍କରେ ବିଭାଗୀୟ ଅଧିକାରୀ ମୁହଁ ଖୋଲୁନାହାନ୍ତି।

ସରକାରୀ ନିୟମ ଅନୁଯାୟୀ, କୌଣସି ତାପଜ ବିଦ୍ୟୁତ କେନ୍ଦ୍ର ବା ଶିଳ୍ପାଞ୍ଚଳର ୧୦୦ କିଲୋମିଟର ପରିଧି ମଧ୍ୟରେ ହେଉଥିବା ସମସ୍ତ ସରକାରୀ ନିର୍ମାଣରେ 'ଫ୍ଲାଏ ଆଶ୍' ବା ପାଉଁଶ ଇଟା ବ୍ୟବହାର କରିବା ବାଧ୍ୟତାମୂଳକ। ଏ ନେଇ ୨୦୧୪ରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରାଳୟ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରିଛନ୍ତି। ମାତ୍ର ବେଦପୁର ପ୍ରକଳ୍ପ ସ୍ଥଳରୁ ଭଦ୍ରକ ଫେକର ଓ କଳିଙ୍ଗନଗର ଶିଳ୍ପାଞ୍ଚଳ ମାତ୍ର ୫୦ କିଲୋମିଟର ଭିତରେ ଥିଲେ ହେଁ ଏଠାରେ ବେଆଇନ ଭାବେ ମାଟିଇଟା ବା ପୋଡ଼ା ନାଲି ଇଟା ବ୍ୟବହାର କରାଯାଉଛି। ଧାମନଗର ଅଞ୍ଚଳରେ ୧୦ରୁ ଅଧିକ ପାଉଁଶ ଇଟା କାରଖାନା ଥାଇ ମଧ୍ୟ ସ୍ଥାନୀୟ ଉଦ୍ୟୋଗୀଙ୍କୁ ଅଣଦେଖା କରି ନାଲି ଇଟା ବ୍ୟବହାର କରାଯିବା ବିଭାଗୀୟ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଖାଲି ଇଟା ନୁହେଁ, କୋଠାର ସ୍ଥାୟିତ୍ୱକୁ ନେଇ ମଧ୍ୟ ଆଶଙ୍କା ପ୍ରକାଶ ପାଇଛି। ରାଜ୍ୟ ପୂର୍ତ୍ତ ବିଭାଗର ୨୦୨୩ ଜୁନ୍ ୨୩ ତାରିଖ ଚିଠି ସଂଖ୍ୟା ୧୦୪୬୬ ଅନୁସାରେ, ସରକାରୀ ପ୍ରକଳ୍ପରେ ନିର୍ଦ୍ଦିଷ୍ଟ ମାନର ଟିଏମଟି ବାର୍ ବ୍ୟବହାର ପାଇଁ ନିର୍ଦ୍ଦେଶ ରହିଛି। ବିଶେଷକରି ସ୍ରିଷ୍ଟି ଟିଏମଟିର ୧୨ଏମ୍‌ଏମ୍ ଓ ୧୬ଏମ୍‌ଏମ୍ ରଡ୍ ବ୍ୟବହାର ପାଇଁ ଅନୁମତି ଥିବାବେଳେ ଏହି ପ୍ରକଳ୍ପରେ ନିୟମ ବାହାରେ ସ୍ରିଷ୍ଟି ଟିଏମଟିର ୮ ଏମଏମ୍ ଓ ୧୦ ଏମଏମ୍ ରଡ୍ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଛି। ମନ୍ତ୍ରୀଙ୍କ ନିକଟତର ବ୍ୟକ୍ତି କାମ କରୁଥିବାରୁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସ୍ୱାଗତ ଦାସ ଓ ଜଳ ସମ୍ପଦ ବିଭାଗର ଏସଡିପିଓ ଏ ସମ୍ପର୍କରେ କୌଣସି ମତାମତ ଦେବାକୁ ମନା କରିଦେଇଛନ୍ତି। ସରକାରୀ ଅର୍ଥରେ ନିର୍ମାଣ ହେଉଥିବା କୋଠା ପାଇଁ କାହିଁକି ସୂଚନା ଫଳକ ଲଗାଯାଇନାହିଁ? କେଉଁ ଆଧାରରେ ନିୟମକୁ ଉଲ୍ଲଂଘନ କରି ନାଲି ଇଟା ଓ ନିମ୍ନମାନର ରଡ୍ ବ୍ୟବହାର କରାଯାଉଛି? ଶାସକ ଦଳର ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପୃକ୍ତି ଯୋଗୁଁ ବିଭାଗୀୟ ଅଧିକାରୀ ଚୁପ୍ ରହିଛନ୍ତି କି? ଏଭଳି ଅନେକ ପ୍ରଶ୍ନ ଏବେ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ସ୍ଥାନୀୟ ଜନସାଧାରଣ ଏହାର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ଶିକ୍ଷାର ଲକ୍ଷ୍ୟ କେବଳ ତଥ୍ୟଭିତ୍ତିକ ଜ୍ଞାନ ଆହରଣ ନୁହେଁ, ଏହା ମୂଲ୍ୟବୋଧ ମଧ୍ୟ ଶିଖାଏ
-ୱିଲିୟମ ଏସ୍ ବରୋସ

## ଦୁର୍ଲ୍ଲଭ ପରିବା

ଶୀତଋତୁ ଶେଷ ହେବାକୁ ଆଉବେଶୀ ଦିନ ନାହିଁ। ହେଲେ ପରିବା ବଜାରର ଭାଉ ଯେମିତି ସେମିତି ଅଛି। ଏକଥା ସତ ଯେ ବର୍ଷା ଲାଗିଥିବାରୁ ପରିବା ଚାଷ ବିଳମ୍ବିତ ହୋଇଥିଲା। ହେଲେ ମୃତ୍ତିକାରେ ଆର୍ଦ୍ରତା ରହିଥିବାରୁ ପରିବା ଚାଷ ପାଇଁ ଯେଉଁ ସୁଯୋଗ ସୃଷ୍ଟି ହୋଇଥିଲା ସେଥିରେ ଚାଷୀଙ୍କ ସହ ଖାଉଟି ବେଶ ଉପକୃତ ହେବେ ବୋଲି ଆଶା କରାଯାଉଥିଲା। କିନ୍ତୁ କେଜାଣି କାହିଁକି ଦେଶୀ ବିଲାତି ବଜାରରେ ହାଉଜାଉ ହୋଇନାହିଁ। ଏବେ ବି ବାଙ୍ଗାଲୋର ବିଲାତିର ରାଜୁତି ଜାରି ରହିଛି। କିଲୋ ପ୍ରତି ମୂଲ୍ୟ ୬୦ ରୁ ୭୦ ଟଙ୍କାରେ ଅଟକି ଯାଇଛି। ଅନ୍ୟ ବର୍ଷମାନଙ୍କରେ ଏହି ଦିନରେ ବିଲାତି ବିଲରେ ଗୋରୁ ଚରିବା ଭଳି ଅବସ୍ଥା ଉପୁଜିଥାଏ। ଫୁଲକୋବିକୁ ଖାଉଟି ମୁହଁ ମୋଡ଼ିବା ଅବସ୍ଥା ସୃଷ୍ଟି ହୋଇଥାଏ। ଏବେ କଅଁଳ ଛନଛନ ଫୁଲକୋବି ଗୋଟାକୁ ୪୦ ଟଙ୍କା କିମ୍ବା ଶହେ ଟଙ୍କାକୁ ୩ଟା। ପରିସ୍ଥିତିକୁ ଦେଖିଲେ ଦୁଇଟି କଥା ବିଚାରକୁ ଆସେ। ଚାଷୀ ଏହି ଋତୁକାଳୀନ ଫସଲରେ ବେଶ ଦୁଇ ପଇସା ଲାଭବାନ ହେଉଥିବ, ନଚେତ ମଧ୍ୟସ୍ଥିଙ୍କ ବାଟ ମାରଣାରେ ସେମାନଙ୍କ ବିକଳ ଅବସ୍ଥା ଅପରିବର୍ତ୍ତିତ ରହିଛି।

ଶୀତଦିନିଆ ପରିବା ଫସଲରୁ ହଟି ଯିଏ ନୂଆ ପରିବା ଖୋଜୁଥିବା ତାହା ପାଇଁ ଭେଣ୍ଡିର ବିକଳ୍ପ ନାହିଁ। କଅଁଳ ଛନଛନ ଗଜା ଭେଣ୍ଡି କିଲୋ ଶହେ ଟଙ୍କା। ଋତୁକାଳୀନ ପରିବା ଚାଷ ନକରି ଯେଉଁ ଚାଷୀ ଭେଣ୍ଡି ଚାଷକରିଛି ସେ ଏହି ସ୍ଥିତିରୁ ବେଶ ଲାଭବାନ ନିଶ୍ଚୟ ହୋଇଛି। ବିନ୍, ବାଇଗଣ, କଲରା ଭଳି ପରିବା ବରଂ ପୂର୍ବାପେକ୍ଷା ଚଢ଼ା ଥିବାର ଲକ୍ଷ୍ୟ କରାଯାଉଛି। ଏହିସବୁ ପରିବା କିଲୋ ପ୍ରତି ମୂଲ୍ୟ ୬୦ ଟଙ୍କାରୁ କମୁନି। ଗାଜର ଓ ବିଟ୍ ଆମ ସ୍ଥାନୀୟ ପରିବା ନ ହେଲେ ମଧ୍ୟ କିଲୋ ୨୦ ଟଙ୍କାରେ ବିକ୍ରି ହେଉଛି। ସବୁଠାରୁ ଆଚମ୍ବିତ କଥା ହେଲା, ବଜାରରେ ଦେଶୀ କାକୁଡ଼ି ମିଳୁନି। ଯାହାବି ମିଳୁଛି ତାହାର କିଲୋ ୬୦ ରୁ ୭୦ ଟଙ୍କା। ଆମେ ଏଠାରେ କଟକ ସିଡିଏର କୃଷକ ବଜାର କଥା ଉଲ୍ଲେଖ କରୁଛୁ, ଯେଉଁଠି ଆଠଗଡ଼ ଓ ତିଗିରିଆ ଅଞ୍ଚଳର ଚାଷୀ ହାଉଜାଉ ହୁଅନ୍ତି। ପିଣ୍ଡିକୁ ଦଲାଲମାନେ ମାଡ଼ିବସିଥିବାରୁ ସେମାନଙ୍କ ପାଇଁ ପରିବା ବିକିବାର ରାହା ନାହିଁ। ରାସ୍ତାକଡ଼ରେ ବସି ସେମାନେ ବିକିଦେଇ ଘରକୁ ଫେରିଯିବା ପାଇଁ ବ୍ୟସ୍ତ। ସେମାନେ ଖାଉଟିଙ୍କୁ ଅପେକ୍ଷାକୃତ କମ ମୂଲ୍ୟରେ ପରିବା ବିକିଥା'ନ୍ତି। ହେଲେ ସେମାନଙ୍କୁ ବସିବାକୁ ସୁଯୋଗ ଦେଉନି ପୁଲିସ। ତୁହାକୁ ତୁହା ଚଢ଼ାଉ ଓ ହାତ ଗୁଞ୍ଜାରେ ସେମାନଙ୍କ ଲାଭ ବାଟମାରଣା ହୋଇଯାଉଛି।

ଦିନକୁ ଦିନ ଚାଷ ଜମି ସଂକୁଚିତ ହୋଇଯାଉଥିଲେ ମଧ୍ୟ ଖାଉଟିଙ୍କ ପରିବା ଚାହିଦା ପୂରଣ କରିବାରେ ଯେ ନିଅଣ୍ଟିଆ ଅବସ୍ଥା ସୃଷ୍ଟି ହୋଇଛି ଏକଥା ନୁହେଁ। ଚାଷୀ ବଜାର ସ୍ଥିତିକୁ ପଢ଼ି ସାରିଛନ୍ତି। ତେଣୁ ତିନିଟି ପର୍ଯ୍ୟାୟରେ ଶୀତଦିନିଆ ପରିବା ଫସଲ ଅମଳ କରି ବଜାରକୁ ଛାଡୁଛନ୍ତି। ଏଭଳି ସ୍ଥିତିରେ ହଠାତ୍ ଦର କମିବାର ସମ୍ଭାବନା ଊଣା। ଯେହେତୁ ଶୀତଳଭଣ୍ଡାରର ସୁଯୋଗ ନାହିଁ, ତେଣୁ ଏହି ବିକଳ୍ପ ପନ୍ଥାକୁ ସେମାନେ ଆଦରିଛନ୍ତି। ଗୋଟିଏ ଭାଡ଼ିର ଫସଲ ଶେଷ ହେବା ବେଳକୁ ପୁଣି ନୂଆ ଫସଲ ବଜାରକୁ ଆସୁଛି। ଏହା ଫଳରେ ଲମ୍ବା ସମୟ ପାଇଁ ପନିପରିବା ବଜାରରେ ଉପଲବ୍ଧ ହେବ। ଏହି ନୂଆ ଉପାୟରେ ସେମାନେ ମଧ୍ୟ ଲାଭବାନ ହେବେ।

## ଶିଳ୍ପ ନା କୃଷି?

ଦ୍ରୁତ ଶିଳ୍ପାୟନ ସ୍ୱପ୍ନରେ ଆମେ ବିଭୋର। କେବଳ ବୁଝାମଣାପତ୍ର ସ୍ୱାକ୍ଷର ହେଲା ଓ ଏକକ ବାତାୟନରେ କେତୋଟି ଶିଳ୍ପ ସଂସ୍ଥାକୁ ମଞ୍ଜୁରୀ ଦିଆଗଲା। ବିପୁଳ ନିବେଶର ସୁଯୋଗ ସୃଷ୍ଟି ସହ ବ୍ୟାପକ ନିଯୁକ୍ତିର ସୁଦୀର୍ଘ ଘୋଷଣା ହେଲା। କିନ୍ତୁ ଘୋଷଣା ଓ ରୂପାୟନରେ ଅନ୍ତର କେତେ ତାହା ସମସ୍ତେ ବୁଝିଛନ୍ତି। କୃଷି ଉପରେ ନିର୍ଭରଶୀଳ ଆମ ରାଜ୍ୟର ଆତ୍ମା ଗ୍ରାମୀଣ ଜନଜୀବନରେ ତିଷ୍ଠି ରହିଛି। ଶିଳ୍ପାୟନ ଓ ସହରୀକରଣରେ ଯେଉଁ ବିକାଶର ନକ୍ସା ଟାଣାଯାଉଛି ତାହା ରାଜ୍ୟର ୭୦ ପ୍ରତିଶତ ଲୋକଙ୍କୁ ଆକାଙ୍କ୍ଷିତ ସୁଫଳ ଦେବାକୁ ସମର୍ଥ ହେବନାହିଁ। ପ୍ରଥମେ ସରକାର ଆଦର୍ଶ ଗ୍ରାମ ଗଢ଼ନ୍ତୁ। ଯେଉଁଠି କେବଳ ସ୍ୱଚ୍ଛତା ନୁହେଁ, ବିଶୁଦ୍ଧ ପାନୀୟ ଜଳ, ନିରବଚ୍ଛିନ୍ନ ବିଜୁଳି ବ୍ୟବସ୍ଥା ଓ ଶିକ୍ଷାୟତନ ଉପଲବ୍ଧ ହେବ। ସେଠାରେ ବିକାଶର ପୃଷ୍ଠଭୂମି ହେବ ଯୁଗୋପଯୋଗୀ କୃଷି।

ରାଜ୍ୟର ପ୍ରମୁଖ ଚାଷ ଧାନ ହୋଇଥିବା ବେଳେ ପ୍ରତିଶ୍ରୁତି ଅନୁଯାୟୀ ତାହାକୁ ସଂଗ୍ରହ କରିବାରେ ସରକାରୀ କଳର ଅସାମର୍ଥ୍ୟ ଏବେ ପଦାରେ ପଡ଼ିଯାଉଛି। ଏକ୍ଷେତ୍ରରେ ବିଶୃଙ୍ଖଳା ଓ ବିଭ୍ରାଟ ସୃଷ୍ଟି ହେଲେ ଚାଷୀ ମୁହଁ ଖୋଲିବେ ଓ ରାଜରାସ୍ତାକୁ ଓହ୍ଲାଇବେ। ସେମାନଙ୍କୁ କୃଷିଜୀବୀ ବଦଳରେ ଆନ୍ଦୋଳନଜୀବୀ କହିବାର ଯଥାର୍ଥତା କେତେ? ଏ ପ୍ରଶ୍ନ ପଚାରିବାର ହକ୍ ସେମାନଙ୍କ ଅଛି। ଧାନସଂଗ୍ରହ ସହ ସଂପୃକ୍ତ ତିନିଟି ବିଭାଗ ମଧ୍ୟରେ ସମନ୍ୱୟ ଓ ସହଯୋଗ ଅଭାବ ସ୍ପଷ୍ଟ ବାରି ହୋଇପଡୁଛି। ବର୍ଷ ଶେଷ ହେବାକୁ ବସିଲା। କେଉଁଠି ମଣ୍ଡି ଖୋଲିନି ତ କେଉଁଠି ଚାଷୀଙ୍କୁ ଟୋକନ ମିଳିନି। ଏଭଳି ପରିସ୍ଥିତିରେ ଧାନର ମାନ ନିର୍ଦ୍ଧାରଣ ସକାଶେ ଯାନ୍ତ୍ରିକ ସୁବିଧା ଉପଲବ୍ଧ ନଥିବା ଉଲ୍ଲେଖ କରିବା ଅନାବଶ୍ୟକ। ଚାଷୀର ଦୁଃଖ ବୁଝିବାକୁ ସରକାର ଅସମର୍ଥ। ମହାଜନଙ୍କ କରଜ ବୋଝ ଓ ପିଆଦାଙ୍କ ତାଗିଦ୍ ମଧ୍ୟରେ ଅସମ୍ଭାଳ ସ୍ଥିତିରେ ସେମାନେ ଅଛନ୍ତି। ପରିସ୍ଥିତିର ସୁଯୋଗ ନେବା ପାଇଁ ଦାଣ୍ଡରେ ଅପେକ୍ଷାରତ ଆନ୍ଧ୍ରବେପାରୀ। ତେଣୁ ଅଭାବୀ ବିକ୍ରି ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ସମ୍ବଲପୁର, ବଲାଙ୍ଗୀର, କଳାହାଣ୍ଡି ଓ ବରଗଡ଼ରେ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିଛି। ଏଠାରେ ମନେ ରଖିବାକୁ ହେବ ଯେ ଏହି ଜିଲ୍ଲାର ଚାଷୀଙ୍କ ସମର୍ଥନରେ ସରକାର ବିପୁଳ ବିଜୟ ହାସଲ କରିଛି। ସେମାନଙ୍କୁ ଆନ୍ଦୋଳଜୀବୀ କହି ଅପମାନିତ କରିବାର ପରିଣାମ ଆଗକୁ କ'ଣ ହେବ ବୋଧହୁଏ ମନ୍ତ୍ରୀ ମହାଶୟ ହୃଦୟଙ୍ଗମ କରିନାହାନ୍ତି। ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଶୁଣିଲେ ମନେହେବ ଅବ୍ୟବସ୍ଥା ସବୁ ଆପେ ଆପେ ସୁଧୁରିଯିବ। ଏକଥା ସତ ଯେ ଚଳିତ ଋତୁରେ ରାଜ୍ୟସରକାର କ୍ୱିଣ୍ଟାଲ ପିଛା ଧାନରେ ୮୦୦ ଟଙ୍କା ବୋନସ କମାଇଥିଲେ ବି ଧାନ କିଣାରେ ଟାଳଟୁଳ ନୀତି ଅବଲମ୍ବନ କରିଛନ୍ତି। ଘୋଷଣା ଅନୁଯାୟୀ ୯୩ ଲକ୍ଷଟନ ଧାନ କିଣିଲେ ତାହା ଗଚ୍ଛିତ ବା ଭଣ୍ଡାରୀକରଣ କରିବେ କେଉଁଠି? ତେଣୁ ସରକାର ଓ ମିଲର ସଲାସୁତରାରେ ଉଦ୍ଦେଶ୍ୟମୂଳକ ଭାବେ ଚାଷୀଙ୍କୁ ହଇରାଣ କରୁଛନ୍ତି। ଏକ୍ଷେତ୍ରରେ ଅଧିକ ବିଳମ୍ବ ହେଲେ ଛୋଟଚାଷୀ ଧାନର ଅଭାବୀ ବିକ୍ରି କରିବାକୁ ବାଧ୍ୟ ହେବେ। ଶେଷରେ ବଡ଼ ଚାଷୀ ହିଁ ସରକାରୀ ବୋନସର ଫାଇଦା ନେବେ।

ଆମକୁ ପୁଣି ଥରେ କହିବାକୁ ପଡୁଛି ଯେ ଶିଳ୍ପ ସହ କୃଷିକୁ ମଧ୍ୟ ସରକାର ଉଚିତ ପ୍ରାଧାନ୍ୟ ଦେବା ଉଚିତ। ଗ୍ରାମୀଣ ଜୀବନ ବିକଶିତ ହେବାରେ କୃଷିର ରହିଛି ଗୁରୁତ୍ୱପୂର୍ଣ୍ଣ ଅବଦାନ। କର୍ପୋରେଟ ସଂସ୍କୃତି କେବଳ ଖଣି, ଜଙ୍ଗଲ ଓ ଜଳ ଲୁଟି ରାଜ୍ୟକୁ ରସାତଳକୁ ନେଇଯିବ। ସେମାନେ କେବେ ବିକଶିତ ଓଡ଼ିଶାର ବାହକ ହୋଇପାରିବେନି।

## ଆର୍ଥିକ ସାକ୍ଷରତା ଓ ମହିଳା

ଡ.ଅନ୍ତର୍ଜିତା ନାୟକ

ଆଜିକା ସମୟରେ ଆର୍ଥିକ ସାକ୍ଷରତାକୁ ଆଧୁନିକ ଦକ୍ଷତା ଭାବରେ ବର୍ଣ୍ଣନା କରାଯାଉଛି। ଆର୍ଥିକ ସାକ୍ଷରତା କହିଲେ ଅର୍ଥ ବିଷୟରେ ବୁଝିବା, ତା'କୁ ପରିଚାଳନା କରିବା ଏବଂ ଆର୍ଥିକ ନିଷ୍ପତ୍ତି ନେବାର କ୍ଷମତା ଓ ଦକ୍ଷତାକୁ ବୁଝାଏ। ବଜେଟ୍ ପ୍ରସ୍ତୁତ କରିବା, ଋଣର ଆକଳନ କରିବା, ସୁଧ ହାର ବୁଝିବା, ଭବିଷ୍ୟତ ପାଇଁ ଯୋଜନା କରିବା, ଆର୍ଥିକ ବିପଦ ଓ ସୁଯୋଗକୁ ସ୍ୱୀକୃତି ଦେବା ଭଳି କୌଶଳ, ଆର୍ଥିକ ସାକ୍ଷରତାରେ ଅନ୍ତର୍ଭୁକ୍ତ। ଏହି ଆର୍ଥିକ ସାକ୍ଷରତାକୁ ଯେତେବେଳେ ମହିଳାମାନଙ୍କ ସାଙ୍ଗରେ ଯୋଡ଼ି ଦିଆଯାଏ, ସେତେବେଳେ ଅନୁଭବ ହୁଏ ଯେ, ଆଜି ବି ସମାଜ ଆର୍ଥିକ ସାକ୍ଷରତା ଭଳି ଆବଶ୍ୟକତାକୁ ମହିଳାମାନଙ୍କଠାରୁ ଦୂରେଇ ରଖିଛି। ଏହି ଚିନ୍ତାଧାରା ଏକ ପୁରୁଷକୈନ୍ଦ୍ରିକ ଧାରଣାରୁ ଉତ୍ପନ୍ନ, ଯାହା ମହିଳାମାନଙ୍କୁ କେବଳ ପରିବାରର ଯତ୍ନ ନେବା ଭୂମିକା ମଧ୍ୟରେ ସୀମିତ ରଖିଥାଏ ଏବଂ ଆର୍ଥିକ ନିଷ୍ପତ୍ତି ନେବାର କ୍ଷମତାକୁ ପୁରୁଷଙ୍କ ପାଖରେ ଅବସ୍ଥାପିତ କରିଥାଏ। ଫଳସ୍ୱରୂପ, ମହିଳାମାନେ ବ୍ୟାଙ୍କ ମାମଲା, ନିବେଶ ନିଷ୍ପତ୍ତି, ସମ୍ପତ୍ତି କାରବାର, ଏପରିକି ସେମାନଙ୍କର ନିଜସ୍ୱ ଆୟ ପରିଚାଳନା କରିବାରେ ନିରୁତ୍ସାହିତ ହୋଇଥା'ନ୍ତି।

ଅର୍ଥନୀତିର କିଛି କ୍ଷେତ୍ର, ଯେପରି ବଜେଟ୍, ସଞ୍ଚୟ, ଖର୍ଚ୍ଚ, କିମ୍ବା ଆର୍ଥିକ ବିପଦ ପରିଚାଳନା ପରି ଧାରଣା ଆନୁଷ୍ଠାନିକ ହେବାର ବହୁ ପୂର୍ବରୁ ମହିଳାମାନେ ସେମାନଙ୍କର ଦୈନନ୍ଦିନ ଜୀବନରେ ଏହି ସ୍ୱଜାତ ଅଭ୍ୟାସରେ ପାରଙ୍ଗମ। ଆଦିବାସୀ ଗ୍ରାମରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ, ମହିଳାମାନେ ନିୟମିତ ଭାବେ ଯୁକ୍ତିସଙ୍ଗତ ଖର୍ଚ୍ଚ ଓ ସଞ୍ଚୟ ବିଷୟରେ ଏକ ସହଜାତ ବୁଝାମଣା ପ୍ରଦର୍ଶନ କରନ୍ତି। ମହିଳାମାନେ ଐତିହାସିକ ଭାବେ ପରିବାରର ନିରବ ଅର୍ଥନୀତିଜ୍ଞ, ଯିଏ ସୀମିତ ସମ୍ବଳକୁ ସନ୍ତୁଳିତ କରେ, ଅନିଶ୍ଚିତତା ପାଇଁ ଯୋଜନା କରେ ଏବଂ ପ୍ରଚୁରତା ଓ ସଙ୍କଟର ଚକ୍ର ମଧ୍ୟରେ ପରିବାରର ଆର୍ଥିକ ସ୍ଥିତିକୁ ବଜାୟ ରଖେ। ଏହି ଦୃଷ୍ଟିରୁ ଆର୍ଥିକ ସାକ୍ଷରତା ଏପରି କିଛି ନୂଆ ନୁହେଁ, ଯାହା ମହିଳାମାନେ ନୂତନ ଭାବରେ ହାସଲ କରିବେ। କିନ୍ତୁ ଦୁଃଖର ବିଷୟ ଏହା ଯେ ସବୁ ଜାଣି ମଧ୍ୟ ସମାଜ ମହିଳାମାନଙ୍କୁ ଆର୍ଥିକ ପରିଚାଳନା ଦକ୍ଷତା ପାଇଁ କେବେ ମାନ୍ୟତା ଦିଏ ନାହିଁ। ବ୍ୟାଙ୍କିଙ୍ଗ, ସମ୍ପତ୍ତି ମାଲିକାନା, ଋଣ ନିୟନ୍ତ୍ରଣ, ବିନିଯୋଗ ନିଷ୍ପତ୍ତି ପାରମ୍ପରିକ ଭାବରେ ମହିଳାଙ୍କ ପରିସର ବାହାରେ ରଖାଯାଏ।

ଯେଉଁ ସମାଜ ପାରିବାରିକ ଆର୍ଥିକ ସ୍ଥିତି ସ୍ଥିର କରିବା ପାଇଁ ମହିଳାମାନଙ୍କ ଉପରେ ନିର୍ଭର କରେ, ସେହି ସମାଜ ସେମାନଙ୍କୁ ଆର୍ଥିକ ସ୍ୱାୟତ୍ତତା ହାସଲ କରିବାରେ ପ୍ରତିବନ୍ଧକ ସୃଷ୍ଟି କରେ। ଧନ, ସମୃଦ୍ଧି, ସନ୍ତୁଳନ ଓ କଲ୍ୟାଣର ଦିବ୍ୟଶକ୍ତି ଭାବେ ମା'ଲକ୍ଷ୍ମୀଙ୍କୁ ଘରେ ଘରେ ପୂଜା କରାଗଲା ବେଳେ ବିପରୀତ ଭାବରେ ଆମେ ଆମ ଚାରିପାଖରେ ଥିବା ନାରୀସ୍ୱରୂପିଣୀ ଲକ୍ଷ୍ମୀମାନଙ୍କୁ ଆର୍ଥିକ ସାକ୍ଷରତା ବା ଆର୍ଥିକ ସୁଯୋଗ ଦେବାରେ କୃପଣତା ଦେଖାଇଥାଉ। ମହିଳାମାନଙ୍କ ପାଖରେ ସାମର୍ଥ୍ୟର ଅଭାବ ନାହିଁ। କେବଳ ସ୍ୱୀକୃତି, ସୁଯୋଗ ଓ ସୁବିଧାର ଅଭାବ ରହୁଛି। ତେଣୁ ମହିଳାମାନଙ୍କର ଆର୍ଥିକ ସାକ୍ଷରତାକୁ ସୁଦୃଢ଼ କରିବା, ସେମାନଙ୍କୁ ଭିନ୍ନ କିଛି ଶିକ୍ଷା ଦେବା ବିଷୟରେ ନୁହେଁ, ବରଂ ସେମାନେ ପୂର୍ବରୁ ଅଭ୍ୟାସ କରୁଥିବା ଆର୍ଥିକ ସାମର୍ଥ୍ୟକୁ ଆନୁଷ୍ଠାନିକ ଆକାର, ଶକ୍ତି ଓ ସ୍ୱାଧୀନତା ଦେବା ବିଷୟରେ ଚିନ୍ତା କରିବା ଆବଶ୍ୟକ। ଏହା କେବଳ ମହିଳାମାନଙ୍କ ଜୀବନକୁ ସମୃଦ୍ଧ କରିବ ନାହିଁ, ବରଂ ପରିବାର, ସମ୍ପ୍ରଦାୟ ଓ ବ୍ୟାପକ ଅର୍ଥନୀତିକୁ ମଜବୁତ ମଧ୍ୟ କରିବ।

ଆଜି ଆର୍ଥିକ ସାକ୍ଷରତା କେବଳ ସଞ୍ଚୟ କରିବାର ଜ୍ଞାନ ମଧ୍ୟରେ ସୀମିତ ନାହିଁ। ଆର୍ଥିକ ପରିଦୃଶ୍ୟରେ ପରିବର୍ତ୍ତନ, ଯେପରି ଡିଜିଟାଲ୍ ପେମେଣ୍ଟ, ଅନଲାଇନ୍ ବ୍ୟାଙ୍କିଙ୍ଗ୍, ମାଇକ୍ରୋଫାଇନାନ୍ସ, ବୀମା, ପେନସନ, କ୍ରେଡିଟ୍ ସ୍କୋର ଓ ଔପଚାରିକ ସମ୍ପତ୍ତି ମାଲିକାନା, ସାମାଜିକ-ଅର୍ଥନୈତିକ ଗତିଶୀଳତତାକୁ ନିର୍ଦ୍ଧାରଣ କରୁଛି। ଦ୍ରୁତ ଡିଜିଟାଇଜେସନ୍ ମଧ୍ୟରେ ଆର୍ଥିକ ଓ ଡିଜିଟାଲ୍ ସାକ୍ଷରତାର ଅଭାବ ଆଜି ମହିଳାମାନଙ୍କ ପାଇଁ ଏକ ନୂଆ ଆହ୍ୱାନ ସାଜିଛି। ସରକାରୀ ଆର୍ଥିକ କାର୍ଯ୍ୟକ୍ରମ ବା ସହାୟତା ଓ ଡିଜିଟାଲ ଆର୍ଥିକ ସେବା ଯେମିତି ସମ୍ପ୍ରସାରିତ ହେଉଛି ସେଇ ପରିପ୍ରେକ୍ଷୀରେ ମହିଳାମାନଙ୍କର ଆର୍ଥିକ ବ୍ୟବସ୍ଥାଗୁଡ଼ିକୁ ବୁଝିବା ଏବଂ ସେଗୁଡ଼ିକୁ ହାସଲ କରିବାର କ୍ଷମତା ଆଜି ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ଉଦ୍ୟୋଗିତା, ଇ-କମର୍ସ, ଗିଗ୍ କାର୍ଯ୍ୟ ଓ ଗ୍ରାମୀଣ ସ୍ୱୟଂସହାୟକ ଗୋଷ୍ଠୀ ଆଧାରିତ ମୂଲ୍ୟ ଶୃଙ୍ଖଳାରେ ନୂତନ ସୁଯୋଗ ପାଇଁ ମହିଳାମାନଙ୍କୁ ଆନୁଷ୍ଠାନିକ ଆର୍ଥିକ କୌଶଳ ସହିତ ସଜ୍ଜିତ କରାଯିବା ଆବଶ୍ୟକ ହୋଇପଡ଼ିଛି, ଯାହା ସେମାନଙ୍କର ଅନ୍ତର୍ଦୃଷ୍ଟିସମ୍ପନ୍ନ ସାମର୍ଥ୍ୟକୁ ପରିପୂରଣ କରିପାରିବ।

ଆର୍ଥିକ ଜ୍ଞାନ ଦ୍ୱାରା ସଶକ୍ତ ହେଲେ ମହିଳାମାନେ ଆୟରେ ବିବିଧତା ଆଣିବା, ନୂତନ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବା, ଲୁଣ୍ଠନକାରୀଙ୍କ ଋଣ ଓ ଶୋଷଣକୁ ଏଡ଼ାଇବା ଏବଂ ସ୍ୱୟଂସହାୟକ ଗୋଷ୍ଠୀ, ସମବାୟ ସମିତି ଭଳି ଗୋଷ୍ଠୀ ସଂସ୍ଥାଗୁଡ଼ିକୁ ମଜବୁତ କରିବାର ସମ୍ଭାବନା ଅଧିକ ରହିଥାଏ। ତଥାପି ମହିଳାମାନଙ୍କ ମଧ୍ୟରେ ଆଧୁନିକ ଆର୍ଥିକ ସାକ୍ଷରତା ଆଣିବା ବା ତାହାକୁ କାର୍ଯ୍ୟକାରୀ କରାଇବାରେ ରହିଛି ଅନେକ ଆହ୍ୱାନ। ସାମାଜିକ ନିୟମ, ଗତିଶୀଳତା ଉପରେ କଟକଣା, ଡିଜିଟାଲ୍ ଉପକରଣଗୁଡ଼ିକର ସୀମିତ ଉପଲବ୍ଧତା, ଆନୁଷ୍ଠାନିକ ଅନୁଷ୍ଠାନଗୁଡ଼ିକ ଉପରେ କମ୍ ଆତ୍ମବିଶ୍ୱାସ ଭଳି ସମସ୍ୟା, ମହିଳାମାନଙ୍କ ଅନ୍ତର୍ନିହିତ ସାମର୍ଥ୍ୟକୁ ବ୍ୟବହାରିକ ସଶକ୍ତୀକରଣରେ ରୂପାନ୍ତରିତ କରିବାରେ ବାଧା ସୃଷ୍ଟି କରିଥାଏ। ଅନେକ ମହିଳା ଆଜି ମଧ୍ୟ ଏଟିଏମ୍ ବ୍ୟବହାର କରିବାକୁ ଦ୍ୱିଧାପ୍ରକାଶ କରନ୍ତି, ଡିଜିଟାଲ୍ ଠକେଇ ବିଷୟରେ କିଛି ଜାଣନ୍ତି ନାହିଁ, ସେମାନଙ୍କ ପାଇଁ ତିଆରି ହୋଇଥିବା ଆର୍ଥିକ ଯୋଜନା ବିଷୟରେ ମଧ୍ୟ ପର୍ଯ୍ୟାପ୍ତ ଜ୍ଞାନ ରଖନ୍ତି ନାହିଁ। ଏହି ଢାଞ୍ଚାଗତ ପ୍ରତିବନ୍ଧକ ମହିଳାମାନଙ୍କ ଆର୍ଥିକ ସାକ୍ଷରତାର ପରିବର୍ତ୍ତନଶୀଳ ସମ୍ଭାବନାକୁ ସୀମିତ କରିଥାଏ।

ଏହି ବ୍ୟବଧାନଗୁଡ଼ିକୁ ଦୂର କରିବା ପାଇଁ ସାଂସ୍କୃତିକ ଦୃଷ୍ଟିରୁ ସମ୍ବେଦନଶୀଳ ଏବଂ ସାମାଜିକ ଭିତ୍ତି ଆଧାରିତ ଆଭିମୁଖ୍ୟର ଆବଶ୍ୟକତା ରହିଛି, ଯାହା ଗୋଷ୍ଠୀଭିତ୍ତିକ ଆର୍ଥିକ ସାକ୍ଷରତା ତାଲିମ୍, ସ୍ୱୟଂସହାୟକ ଗୋଷ୍ଠୀ ନେତୃତ୍ୱାଧୀନ ସହକର୍ମୀ ଶିକ୍ଷା, ଡିଜିଟାଲ୍ ସମାବେଶନ ଶିବିର, ଗ୍ରାମସ୍ତରୀୟ ବ୍ୟାଙ୍କିଙ୍ଗ୍ ସମ୍ବାଦଦାତା ଓ ସରଳୀକୃତ ବହୁଭାଷୀ ଆର୍ଥିକ ଉପକରଣ ଜ୍ଞାନର ପାର୍ଥକ୍ୟକୁ ଦୂର କରିପାରିବ। ମହିଳାମାନଙ୍କ ପାଖରେ ବ୍ୟକ୍ତିଗତ ମୋବାଇଲ୍ ଫୋନ୍, ଡିଜିଟାଲ୍ ପରିଚୟ ଓ ମୋବାଇଲ୍ ବ୍ୟାଙ୍କିଙ୍ଗ୍ ସୁବିଧା ସୁନିଶ୍ଚିତ କରିବା ମଧ୍ୟ ଆବଶ୍ୟକ। ନୀତିଗତ ପ୍ରୟାସ କେବଳ ଆର୍ଥିକ ଶିକ୍ଷା ଉପରେ ଧ୍ୟାନ ଦେବା ନୁହେଁ, ବରଂ ସଂସ୍ଥାଗତ ସଂସ୍କାର ଉପରେ ଧ୍ୟାନ ଦେବା ମଧ୍ୟ ଜରୁରୀ। ମିଳିତ ଜମି ମାଲିକାନା, ଲିଙ୍ଗ-ଅନୁକୂଳ ବ୍ୟାଙ୍କ ପ୍ରକ୍ରିୟା, ସହଜରେ ଉପଲବ୍ଧ ଅଭିଯୋଗ ବ୍ୟବସ୍ଥା ଏବଂ ଦୃଢ଼ ସାମାଜିକ ସମର୍ଥନ ବ୍ୟବସ୍ଥା ମହିଳାମାନଙ୍କୁ ସ୍ୱାଧୀନ ଭାବରେ ଆର୍ଥିକ ନିଷ୍ପତ୍ତି ନେବାକୁ ଉତ୍ସାହିତ କରିପାରିବ। ଅଧିକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପୁରୁଷ ଓ ପରିବାରର ସଚେତନତା, ଯାହାଦ୍ୱାରା ଆର୍ଥିକ ସଶକ୍ତୀକରଣ ଘରୋଇ ବିବାଦର ଏକ ଉତ୍ସ ନହୋଇ, ପ୍ରଗତି ପାଇଁ ଏକ ସହଭାଗୀ ମାର୍ଗ ତିଆରି କରିପାରିବ।

ମହିଳାମାନେ ଆର୍ଥିକ ଦୃଷ୍ଟିରୁ ସାକ୍ଷର ହେଲେ ସ୍ୱାସ୍ଥ୍ୟ, ଶିକ୍ଷା, ପୁଷ୍ଟିସାଧନ ଓ ମାନବ ପୁଞ୍ଜିରେ ଅଧିକ ନିବେଶ କରିଥା'ନ୍ତି। ସେମାନଙ୍କର ଉଦ୍ୟୋଗ, ସ୍ଥାନୀୟ ଅର୍ଥବ୍ୟବସ୍ଥାରେ ବିବିଧତା ଆଣିଥାଏ, ଘରୋଇ ସ୍ଥିତିସ୍ଥାପକତା ବୃଦ୍ଧି କରିଥାଏ ଏବଂ ଜାତୀୟ ଉତ୍ପାଦନରେ ସିଧାସଳଖ ଯୋଗଦାନ କରିଥାଏ। ବୈଶ୍ୱିକ ପ୍ରମାଣ ଦର୍ଶାଉଛି ଯେ ଅଧିକ ମହିଳା ଆର୍ଥିକ ଅନ୍ତର୍ଭୁକ୍ତ ଥିବା ଅର୍ଥବ୍ୟବସ୍ଥା, ସୁଦୃଢ଼ ମୋଟ ଘରୋଇ ଉତ୍ପାଦରେ ଅଭିବୃଦ୍ଧି, ଉନ୍ନତ ବିକାଶମୂଳକ ଫଳାଫଳ ଏବଂ ଅଧିକ ସନ୍ତୁଳିତ ସାମାଜିକ ପ୍ରଗତି ଆଣିଥାଏ। ମହିଳାମାନଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଏକ ସାଂସ୍କୃତିକ ପୁନରୁଦ୍ଧାର ଏବଂ ଏକ ବିକାଶମୂଳକ ଆବଶ୍ୟକତା। ପ୍ରତ୍ୟେକ ମହିଳା ସ୍ୱୟଂଶାସିତ, ସୂଚିତ, ସୁରକ୍ଷିତ ଓ ସମ୍ମାନିତ ଭାବରେ ନିଜ ଜୀବନରେ ନିଜେ ଲକ୍ଷ୍ମୀ ହେବାକୁ ଅନୁମତି ପାଇଲେ ଆଧୁନିକ ଆର୍ଥିକ ସାକ୍ଷରତା ଆଉ ସମସ୍ୟା ନ ହୋଇ ଅଭିବୃଦ୍ଧିର ନୂତନ ପନ୍ଥା ହୋଇପାରିବ।

ଭୁବନେଶ୍ୱର, ମୋ: ୬୩୭୦୯୦୫୯୪୭

## ତମାଖୁ ଛାଡ଼ିବା ସମ୍ଭବ

ଡି ଦେବହରି ରେଡି

ସାଂପ୍ରତିକ ସମୟରେ ଦିନକୁ ଦିନ ତମାଖୁ ଅଭ୍ୟାସ ଏକ ଭୟଙ୍କର ସ୍ୱାସ୍ଥ୍ୟ, ସାମାଜିକ, ଅର୍ଥନୈତିକ ସମସ୍ୟା ହୋଇ କାୟା ମେଲାଇ ଚାଲିଛି। ଭାରତ ହେଉଛି ବିଶ୍ୱର ତୃତୀୟ ତମାଖୁ ଉତ୍ପାଦନକାରୀ ରାଷ୍ଟ୍ର ଏବଂ ବ୍ୟବହାରରେ ବିଶ୍ୱରେ ଦ୍ୱିତୀୟ। ଗ୍ଲୋବାଲ ଆଡଲଟ୍ ଟୋବାକୋ ସର୍ଭେ-୨ ଅନୁଯାୟୀ ଭାରତରେ ଶତକଡ଼ା ୨୮.୬ ପ୍ରତିଶତ ଲୋକ ତମାଖୁ ବ୍ୟବହାର କରୁଥିବା ବେଳେ ଓଡ଼ିଶା ଏ କ୍ଷେତ୍ରରେ ଦେଶରେ ଷଷ୍ଠରେ ରହିଛି। ଓଡ଼ିଶାରେ ଶତକଡ଼ା ୪୫.୬ ପ୍ରତିଶତ ଲୋକ ଯେକୌଣସି ପ୍ରକାର ତମାଖୁ ସେବନ କରନ୍ତି। ତମାଖୁ ସେବନ ତାଲିକାର ପ୍ରଥମରେ ଥିବା ତ୍ରିପୁରା ହାରାହାରି ୬୪.୫% ଏବଂ ଶେଷରେ ଥିବା ଗୋଆ ସର୍ବନିମ୍ନ ପ୍ରାୟ ୯.୭% ତମାଖୁ ବ୍ୟବହାର କରନ୍ତି। ଭାରତ ଓ ଓଡ଼ିଶାରେ ଯଥାକ୍ରମେ ୧୦.୭% ଓ ୭.୦% ଲୋକ ଧୂମକାରୀ ତମାଖୁ ଏବଂ ଯଥାକ୍ରମେ ୨୧.୪% ଓ ୪୨.୯% ଲୋକ ଧୂମହୀନ ତମାଖୁ ବ୍ୟବହାର କରୁଛନ୍ତି। ଦେଶରେ ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ତମାଖୁ ବ୍ୟବହାରକାରୀ ସଂଖ୍ୟା ଅଧିକ।

ଅପରପକ୍ଷରେ ଭାରତରେ ବାର୍ଷିକ ୧୩.୫ ଲକ୍ଷ ଲୋକ ତମାଖୁ ବ୍ୟବହାର ଦ୍ୱାରା ମୃତ୍ୟୁବରଣ କରିଥା'ନ୍ତି, ଯାହା ସମୁଦାୟ ମୃତ୍ୟୁ ସଂଖ୍ୟାର ୯.୫%। ତମାଖୁ ମଧ୍ୟ କର୍କଟ, ହୃଦରୋଗ, ମସ୍ତିଷ୍କାଘାତ ଓ ଦୀର୍ଘସ୍ଥାୟୀ ଶ୍ୱାସ ଅବରୋଧୀ ଫୁସଫୁସ୍ ରୋଗ ଭଳି ଦୁରାରୋଗ୍ୟ ସୃଷ୍ଟି କରେ। ଏହାଦ୍ୱାରା ଶାରୀରିକ ଯନ୍ତ୍ରଣା ସହିତ ସାମାଜିକ ଓ ଅର୍ଥନୈତିକ ଜୀବନ ମଧ୍ୟ କ୍ଷତିଗ୍ରସ୍ତ ହୁଏ। ତମାଖୁ ସେବନକାରୀ ରୋଗଗ୍ରସ୍ତ ହେଲେ ଜୀବିକା ହରାଏ, ପରିବାରର ରୋଜଗାରର ପନ୍ଥା ବନ୍ଦ ହୋଇଯାଏ। ଏପରିକି ଚିକିତ୍ସା ପାଇଁ ଜମିବାଡ଼ି ଘର ଆଦି ବନ୍ଧା ପକେଇବାର କିମ୍ବା ବିକ୍ରି କରିଦେବାର ଉଦାହରଣ ଅନେକ।

କିଛି ବ୍ୟକ୍ତି ତମାଖୁ ସେବନରୁ ନିବୃତ୍ତ ରହିବା ପାଇଁ ପ୍ରୟାସ କରନ୍ତି। କିନ୍ତୁ ସଠିକ୍ ମାର୍ଗ ଦର୍ଶନର ଅଭାବରେ ପୁନଃ ବ୍ୟବହାର କରନ୍ତି। ସାଧାରଣତଃ ତମାଖୁଜାତ ଦ୍ରବ୍ୟରେ ଥିବା ନିକୋଟିନ୍ ନାମକ ରାସାୟନିକ ପଦାର୍ଥ ଯୋଗୁଁ ତମାଖୁଠାରୁ ଦୂରେଇ ରହିବା ଟିକେ କଷ୍ଟକର ହୋଇପଡ଼େ। ନିକୋଟିନ ସେବନର ୭-୧୦ ସେକେଣ୍ଡ ମଧ୍ୟରେ ଶରୀରରେ ଚର୍ମ, ପାଟି ଓ ଫୁସଫୁସ୍ ଦ୍ୱାରା ଅବଶୋଷିତ ହେଇ ରକ୍ତରେ ମିଶ୍ରଣ ଘଟି ଦ୍ରୁତଗତିରେ ମସ୍ତିଷ୍କରେ ପହଞ୍ଚି ଡୋପାମାଇନ୍ ଭଳି ହରମୋନ୍ ବା ଜୀବରସକୁ କ୍ଷରିତ କରାଏ, ଯାହାକି ଖୁସି, ଉତ୍ସାହିତ ଉଦ୍ଦୀପନା ଜାଗ୍ରତ କରାଏ। ଫଳରେ ତମାଖୁ ବ୍ୟବହାରକାରୀ ଅଳ୍ପ ସମୟ ପାଇଁ ଆନନ୍ଦ ଅନୁଭବ କରେ। କିନ୍ତୁ ଧୀରେ ଧୀରେ ସେ ନିକୋଟିନର ଗୋଲାମ୍ ହୋଇଯାଏ।

ଅପରପକ୍ଷରେ ତମାଖୁ ଛାଡ଼ିବା ସମ୍ପୂର୍ଣ୍ଣ ଭାବେ ସମ୍ଭବ। ଅନେକ ଲୋକ ତମାଖୁଠାରୁ ଦୂରେଇ ଅଛନ୍ତି। ଏଥିପାଇଁ ନିଜର ଇଚ୍ଛାଶକ୍ତି ଦରକାର। ତମାଖୁ ପ୍ରତି ଆକର୍ଷିତ ହେବା ମଧ୍ୟ ଏକ କାରଣ। ତମାଖୁ ଉତ୍ପାଦନ ଶିଳ୍ପ ସଂସ୍ଥା ଯୁବଗୋଷ୍ଠୀକୁ ବୃହତ୍ ଉପଭୋକ୍ତା ଭାବରେ ବାନ୍ଧି ରଖିଛି। ମୁଖ୍ୟତଃ ସିନେ କିମ୍ବା କ୍ରିକେଟ୍ ତାରକା ଓ ସମାଜରେ ଉତ୍ତୁଙ୍ଗ ବାକ୍ତିତ୍ୱଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଆକର୍ଷଣମୂଳକ ବିଜ୍ଞାପନ ପ୍ରଚଳନ କରି ଯୁବପିଢ଼ି ଓ କିଶୋରବର୍ଗଙ୍କୁ ତମାଖୁ ସେବନ ପାଇଁ ଆକୃଷ୍ଟ ଓ ଉତ୍ସାହିତ କରୁଛନ୍ତି। ସମାଜ ପାଇଁ ଏଭଳି ଆଦର୍ଶ ଓ ସମ୍ମାନାସ୍ପଦ ବ୍ୟକ୍ତିତ୍ୱମାନେ ଅର୍ଥଲୋଭୀ ବିଜ୍ଞାପନ ଜରିଆରେ ଯାହା କରୁଛନ୍ତି, ତାହାର ସୁଦୂରପ୍ରସାରୀ କୁପ୍ରଭାବ ସମାଜ ଉପରେ ପଡୁଛି। ଯଦିଓ ସେଭଳି ବ୍ୟକ୍ତିତ୍ୱ ଚଳଚ୍ଚିତ୍ର ଜଗତର ନାୟକ ହୋଇଥାଇପାରନ୍ତି, କିନ୍ତୁ ମଣିଷ ସମାଜ ପାଇଁ କଳଙ୍କ ଓ ଖଳନାୟକ ବୋଲି କହିଲେ କିଛି ତ୍ରୁଟି ହେବ ନାହିଁ।

ଏହି ସବୁ ଭିତରେ ଏକ କଥା ସ୍ପଷ୍ଟ ଭାବରେ କହିହେବ ଯେ ତମାଖୁ ଛାଡ଼ିବା ସମ୍ପୂର୍ଣ୍ଣ ସମ୍ଭବପର। ତମାଖୁ ଛାଡ଼ିବା ପାଇଁ ଆଜି ହିଁ ପ୍ରୟାସ ଆରମ୍ଭ କରନ୍ତୁ। ଏଥିପାଇଁ ପ୍ରଥମ ଓ ଗୁରୁତ୍ୱପୂର୍ଣ୍ଣ କଥା ନିଜର ଇଚ୍ଛାଶକ୍ତି। ତେଣୁ ତା'କୁ ପ୍ରଥମେ ଜାଗ୍ରତ କରାନ୍ତୁ। ସତେଜ ହୁଅନ୍ତୁ, ବାରମ୍ବାର ଉତ୍ସାହିତ ହୁଅନ୍ତୁ। ଛାଡ଼ିବା ପାଇଁ ତାରିଖ ନିର୍ଦ୍ଧାରିତ କରନ୍ତୁ। ହଁ ଏକ ଲମ୍ବା ଯାତ୍ରା ହୋଇପାରେ, କିନ୍ତୁ କିଛି ଅସମ୍ଭବ ନୁହେଁ। ତେଣୁ ଏହି ଯାତ୍ରାରେ ନିଜେ ଚାଳକ ହୁଅନ୍ତୁ ବା ନେତୃତ୍ୱ ନିଅନ୍ତୁ। ନିଜର ପରିବାର ବର୍ଗ, ସାଙ୍ଗସାଥୀ, କାର୍ଯ୍ୟାଳୟ ଓ ପରିବେଶକୁ ସହଚର ଭାବେ ଗ୍ରହଣ କରନ୍ତୁ। ନିଜ ଯାତ୍ରା ବିଷୟରେ ସମସ୍ତଙ୍କ ସହ ଆଲୋଚନା କରି ସଫଳ ଆଉ ବିଜୟୀ ହେବା ପାଇଁ ସହଯୋଗ ଏକାନ୍ତ କାମ୍ୟ ବୋଲି ପ୍ରକାଶ କରନ୍ତୁ। ଯେତେସମ୍ଭବ ନକାରାତ୍ମକ ବ୍ୟକ୍ତି ଯଥା ତମାଖୁ ବ୍ୟବହାର କରୁଥିବା ବ୍ୟକ୍ତି ଏବଂ ତମାଖୁ ବ୍ୟବହାର ପାଇଁ ଉତ୍ସାହିତ କରୁଥିବା ବ୍ୟକ୍ତି ଓ ପରିବେଶଠାରୁ ଦୂରେଇ ରୁହନ୍ତୁ। ଏହି ଯାତ୍ରାରେ ଅଧିକ ଓ ଶୀଘ୍ର ସଫଳତା ହାସଲ ପାଇଁ ପ୍ରତିଦିନ କିଛି ସମୟ ପାଇଁ ଧ୍ୟାନ, ପ୍ରାଣାୟମ ଆଦି କରିବା ସହ ନିଜ ସହ ନିଜେ କଥା ହୁଅନ୍ତୁ। ମନେ ରଖନ୍ତୁ ତମାଖୁ ଛାଡ଼ିବା ସମ୍ପୂର୍ଣ୍ଣ ସମ୍ଭବ। ନିଜେ ଟିକେ ଚେଷ୍ଟା କରନ୍ତୁ।

ତମାଖୁ ଛାଡ଼ିବା ପାଇଁ ସଂକଳ୍ପ ରାସ୍ତାରେ ବିଭିନ୍ନ ପ୍ରକାର ଉଦବେଗ ଆସିପାରେ। ଯେପରିକି ପାଟି ଅସ୍ୱାଭାବିକ ହେବା, ମନ ଅସ୍ଥିର ହେବା, ଚିଡ଼ିଚିଡ଼ା ଲାଗିବା, ବିରକ୍ତ ଅନୁଭବ ହେବା ଇତ୍ୟାଦି ଇତ୍ୟାଦି। ଏହିଭଳି ଉଦ୍‌ବେଗ ଆସିବା ସମୟରେ ନିଜକୁ ଦୁର୍ବଳ ନ ଭାବି ତା'କୁ ସାମନା କରିବା। ସେହି ସମୟରେ ମୁହଁହାତ ଧୋଇ ପ୍ରଚୁର ପାଣି ପିଇବା, ନିଜ ମନ ପସନ୍ଦ କାର୍ଯ୍ୟ, ଯେମିତି କି ଗପ ବହି ପଢ଼ିବା, ଚଳଚ୍ଚିତ୍ର ଦେଖିବା, ଗୀତ ଶୁଣିବା, ସାଙ୍ଗସାଥି ପରିବାର ବର୍ଗଙ୍କ ସହ କଥା ହେବା ଭଳି କାର୍ଯ୍ୟ କରି ନିଜର ଧ୍ୟାନ ସେପଟେ ରଖି ପାରିଲେ ତମାଖୁ ପ୍ରତି ଜାଗ୍ରତ ହେଉଥିବା ଆସକ୍ତି ଆପେ ଆପେ ଆୟତ୍ତ ହେଇଯିବ। ଏହିଭଳି ସାତଦିନରୁ ଚଉଦଦିନ ପ୍ରୟାସ କଲେ ତମାଖୁଠାରୁ ସମ୍ପୂର୍ଣ୍ଣ ଦୂରେଇ ରହିପାରିବା।

ଏହିଯାତ୍ରାରେ ଆପଣଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ଅଭିଜ୍ଞ ସ୍ୱାସ୍ଥ୍ୟ ପରାମର୍ଶଦାତାଙ୍କ ସାହାଯ୍ୟ ଓ ପରାମର୍ଶ ନେଇପାରିବେ। ତା'ଛଡ଼ା ସରକାରଙ୍କ ପକ୍ଷରୁ ନିଃଶୁଳ୍କ ପରାମର୍ଶ ପାଇଁ ଉପଲବ୍ଧ ୧୮୦୦ ୧୧ ୨୩୫୬୮ର ସାହାଯ୍ୟ ନେଇପାରିଲେ ନିଶ୍ଚିନ୍ତ ଭାବେ ସୁଫଳ ମିଳିବ। ଯେତେଶୀଘ୍ର ତମାଖୁଠାରୁ ଦୂରେଇ ରହିବା ସେତେ ଶୀଘ୍ର ସ୍ୱାସ୍ଥ୍ୟ ସମସ୍ୟାଠାରୁ ଦୂରେଇ ରହି ପାରିବା। ତମାଖୁ ଛାଡ଼ିବା ଜୀବନ ବାଛିବା।

(ସ୍ୱାସ୍ଥ୍ୟ ପରାମର୍ଶଦାତା)
ଛତ୍ରପୁର, ମୋ: ୯୪୩୭୨୫୩୩୩୨

## ଓଡ଼ିଆ ଅସ୍ମିତାର ଅନନ୍ୟ ପ୍ରତୀକ: ଗୁରୁ ପଦ୍ମସମ୍ଭବ

ପ୍ରବୀର କୁମାର ପଟ୍ଟନାୟକ

ପୂର୍ବ ପ୍ରକାଶିତ ଉତ୍ତାରୁ...

ଚୀନ ପରିବ୍ରାଜକ ହୁଏନ ସାଂ ସପ୍ତମ ଶତାବ୍ଦୀ ମଧ୍ୟଭାଗରେ ଗାନ୍ଧାର-ଉଦ୍ୟାନ-ସ୍ୱାତ୍-କାଶ୍ମୀର ଅଞ୍ଚଳ ଅତିକ୍ରମ କରୁଥିବା ବେଳର ଘଟଣାକ୍ରମ ମଧ୍ୟରେ ନିର୍ଦ୍ଦିଷ୍ଟ ଭାବେ ଗୋଟିଏ କଥା ଦର୍ଶାଇଛନ୍ତି ଯେ ସେହି ଅଞ୍ଚଳର ସାଧାରଣ ଜନତା, ଏପରିକି ସନ୍ନ୍ୟାସୀମାନେ ମଧ୍ୟ ଚମତ୍କାରିତା ତଥା କୁହୁକ ବିଦ୍ୟା ପ୍ରଦର୍ଶନ କରୁଥିଲେ। ବୌଦ୍ଧ ସାହିତ୍ୟରୁ ଏହା ମଧ୍ୟ ଜଣା ଯେ ବୁଦ୍ଧଙ୍କ କାଳରୁ ବି ଗାନ୍ଧାର ଲୋକମାନଙ୍କୁ ଏହି ଯାଦୁ ଓ କୁହୁକ ବିଦ୍ୟା ଜଣାଥିଲା। ଯାଦୁ ଓ କୁହୁକ ତଥା ଚମତ୍କାରିତା ପ୍ରଦର୍ଶନ ଆଦି ସେ ଅଞ୍ଚଳର ଏକ ଲୋକକଳା ଭଳି ରହିଥିଲା ଯୁଗେ ଯୁଗେ। ଏହି ବିଦ୍ୟାର ପ୍ରୟୋଗରେ ସେହି ଅଞ୍ଚଳର ଅନେକ ଲୋକ ନିଜର ଭରଣପୋଷଣ କରୁଥିଲେ। ଏଣୁ ହୁଏନସାଂଙ୍କ କାଳରେ ସେ ଏହି ଅଞ୍ଚଳରେ ସେହି କଥା ହିଁ ଦେଖିଥିଲେ। ଏହା ଯାଦୁବିଦ୍ୟା ଆଦିର ପ୍ରଦର୍ଶନ କୌଣସି ମତେ ବଜ୍ରଯାନ ବୌଦ୍ଧ ଧର୍ମର ସାଧନା ଅଥବା ଅଭ୍ୟାସ ନ ଥିଲା, ଏହା ନିର୍ଦ୍ଦିଷ୍ଟଭାବେ ସେ ଅଞ୍ଚଳର କିଛି ଲୋକଙ୍କର ସାଧାରଣ ପେଷା ହିଁ ଥିଲା।



ଦ୍ୱିତୀୟ-ବୁଦ୍ଧ କଥା

କିଛି ଗବେଷକ ହୁଏନସାଂଙ୍କର ଏହି ଗାନ୍ଧାର କାଶ୍ମୀର ଅଞ୍ଚଳରେ ଭ୍ରମଣ ବେଳେ ସେଠାରେ ଯାଦୁବିଦ୍ୟା ପ୍ରଦର୍ଶନର ବର୍ଣ୍ଣନାକୁ ବଜ୍ରଯାନ ବୌଦ୍ଧଧର୍ମର ତାନ୍ତ୍ରିକ କାର୍ଯ୍ୟକଳାପ ଭାବରେ ଭୁଲ ଧାରଣାର ବଶବର୍ତ୍ତୀ ହୋଇ ଉପସ୍ଥାପନ କରିଛନ୍ତି। ଉଡ୍ଡୀୟାନ କ୍ଷେତ୍ର ହେଉଛି ବଜ୍ରଯାନର ପ୍ରଥମ ତଥା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ପୀଠ। ବଜ୍ରଯାନ କେବଳ ଯାଦୁ ଚମତ୍କାରିତା ତଥା କୁହୁକ ପ୍ରଦର୍ଶନର ଏକ ଧର୍ମ ନୁହେଁ। ବଜ୍ରଯାନର ଦୁଇଗୋଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥ 'ସାଧନାମାଳା' ଓ 'ନିଷ୍ପନ୍ନଯୋଗାବଳୀ'ରେ ପ୍ରାୟ ଛଅଶହରୁ ଅଧିକ ବଜ୍ରଯାନୀ ଦେବଦେବୀଙ୍କର ସାଧନା ତଥା ମଣ୍ଡଳ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ସ୍ୱାତ୍-ଉପତ୍ୟାକା ଅଞ୍ଚଳ ଅଥବା ସମଗ୍ର ଗାନ୍ଧାର- ଉଦ୍ୟାନ-କାଶ୍ମୀର ଅଞ୍ଚଳର ପଦ୍ମସମ୍ଭବଙ୍କ କାଳ(ଅଷ୍ଟମ-ନବମ ଶତାବ୍ଦୀ)ରେ ବଜ୍ରଯାନର କୌଣସି ଚିହ୍ନବର୍ଣ୍ଣ ମଧ୍ୟ ନଥିଲା କିମ୍ବା ସେଠାରେ ତାହାର ଉପସ୍ଥିତି ମଧ୍ୟ ନଥିଲା। ଏହି ପ୍ରସଙ୍ଗରେ ସେ ଅଞ୍ଚଳରୁ କୌଣସି ତଥ୍ୟ ପ୍ରମାଣ ମଧ୍ୟ ମିଳିପାରିନାହିଁ। ବଜ୍ରଯାନ ଦେବଦେବୀମାନଙ୍କର କୌଣସି ଗୋଟିଏ ମଧ୍ୟ ମୂର୍ତ୍ତି ଏ ଅଞ୍ଚଳରୁ ଠାବ କିମ୍ବା ଉଦ୍ଧାର କରାଯାଇନାହିଁ, ଯେଉଁଠି କି ଓଡ଼ିଶାର କୋଣ ଅନୁକୋଣରୁ ହଜାର ହଜାର ସଂଖ୍ୟାରେ ବଜ୍ରଯାନୀ ଦେବଦେବୀ ମୂର୍ତ୍ତିମାନ ଉଦ୍ଧାର କରାଯାଇପାରିଛି।

ଗାନ୍ଧାର ଅଞ୍ଚଳରୁ ବହୁସଂଖ୍ୟକ ବୋଧିସତ୍ତ୍ୱ ମୈତ୍ରେୟଙ୍କର ମୂର୍ତ୍ତିମାନ ଯାହା ଉଦ୍ଧାର କରାଯାଇଛି ତାହା ଅତ୍ୟନ୍ତ ସ୍ପଷ୍ଟ ଭାବରେ ଏ ଅଞ୍ଚଳରେ ଏହି ବୌଦ୍ଧ ଦେବତାଙ୍କର ଧର୍ମତତ୍ତ୍ୱର ପ୍ରଚଳନ ଖୁବ ପ୍ରଭାବଶାଳୀ ଢଙ୍ଗରେ କାୟାବିସ୍ତାର କରିଥିବା ଦର୍ଶାଇଥାଏ। ଏହି 'ମୈତ୍ରେୟ ତତ୍ତ୍ୱ' ହେଉଛି 'ସର୍ବାସ୍ତିବାଦୀ'ମାନଙ୍କର। ଏହି 'ମୈତ୍ରେୟ ତତ୍ତ୍ୱ' ମହାଯାନଠାରୁ ଭିନ୍ନ। 'ସର୍ବାସ୍ତିବାଦ' ହେଉଛି 'ହୀନଯାନ' ଅଥବା 'ଥେରବାଦ' ଗୋଷ୍ଠୀର। 'ସର୍ବାସ୍ତିବାଦ' ଏହି ଗାନ୍ଧାର କାଶ୍ମୀର ଅଞ୍ଚଳ ଏବଂ କେନ୍ଦ୍ର ଏସିଆ ଅଞ୍ଚଳରେ ବ୍ୟାପକଭାବେ ପ୍ରଚଳିତ ଥିଲା। ପୁନଶ୍ଚ ଗାନ୍ଧାରରେ ବିକାଶ ଲାଭ କରିଥିଲା ବୌଦ୍ଧ କଳା ଓ ସ୍ଥାପତ୍ୟ। ତେଣୁ କରି ବୁଦ୍ଧ, ଶାକ୍ୟ ମୁନି ଓ ବୋଧିସତ୍ତ୍ୱ ମୈତ୍ରେୟ କୈନ୍ଦ୍ରିକ।

ପଦ୍ମସମ୍ଭବ ହେଉଛନ୍ତି ଜଣେ ଖାତନାମା ବୌଦ୍ଧ ଆଚାର୍ଯ୍ୟ। ତେଣୁ ତାଙ୍କ ଜୀବନ ଚରିତ, କାର୍ଯ୍ୟକଳାପ ତଥା ସଫଳତା ଆଦି ସଂପର୍କରେ ଆଲୋଚନା କଲା ବେଳେ ତାଙ୍କ କାଳରେ ଭାରତବର୍ଷ, ଓଡ଼ିଶା ତଥା ତିବ୍ବତରେ ବୌଦ୍ଧ ଧର୍ମର ସ୍ଥିତି ସଂପର୍କରେ ଜାଣିବା ନିତାନ୍ତ ଆବଶ୍ୟକ। ଏହାବ୍ୟତୀତ କେତେକ ଗବେଷକ ଉଡ୍ଡୀୟାନ କ୍ଷେତ୍ର ସହ ସ୍ୱାତ୍ ଉପତ୍ୟକାର ବିବାଦୀୟ ସଂପର୍କ ଦର୍ଶାଇଥିବାରୁ ଗାନ୍ଧାର-କାଶ୍ମୀର-ସ୍ୱାତ୍-ଉଦ୍ୟାନ ଅଞ୍ଚଳରେ ସେ ସମୟକୁ ବୌଦ୍ଧକଳା ସ୍ଥାପତ୍ୟର ପ୍ରଭାବ ରହିଥିଲା। ଏ ସମସ୍ତ ବିଷୟ ଏବଂ ପ୍ରସଙ୍ଗ ପୂର୍ବରୁ ସମ୍ୟକଭାବେ ବିଭିନ୍ନ ଅଧ୍ୟାୟରେ ସୂଚିତ କରିଦିଆ ଯାଇଛି।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତିଙ୍କ ପରଲୋକ



### ଶେଷଦର୍ଶନ କଲେ ମୋହନ

### ଶୋକବ୍ୟକ୍ତ କଲେ ନବୀନ

### ବିଧାନସଭାରେ ଦିଆଗଲା ଗାର୍ଡ ଅଫ ଅନର

ବ୍ୟାସନଗର/ ଭୁବନେଶ୍ୱର, ୨୬।୧୨ (ସମିସ): କୋରେଇର ପ୍ରଥମ ମହିଳା ବିଧାୟିକା ସଞ୍ଚିତା ମହାନ୍ତିଙ୍କ ପରଲୋକ ଘଟିଛି। ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ସକାଳେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସଞ୍ଚିତା ବିଜେପି ଟିକଟରେ ବିଜୟୀ ହୋଇ ୨୦୦୪ରୁ ୨୦୦୯ ମସିହା ପର୍ଯ୍ୟନ୍ତ ଓଡ଼ିଶା ବିଧାନସଭାକୁ କୋରେଇ ବିଧାନସଭା କ୍ଷେତ୍ରରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିଲେ। ବିଧାୟିକା ଭାବେ ସେ କୋରେଇର ଅନେକ ବିକାଶମୂଳକ କାର୍ଯ୍ୟ କରିଥିଲେ। ସଞ୍ଚିତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହିତ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇ ମୁଖ୍ୟମନ୍ତ୍ରୀ ଦିବଙ୍ଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ସେହିପରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ 'ଏକ୍ସ' ମାଧ୍ୟମରେ ଶୋକ ପ୍ରକାଶ କରିଛନ୍ତି। ଲୋକଙ୍କ ସେବା ଓ ଉନ୍ନତିରେ ସଞ୍ଚିତାଙ୍କ କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ ବୋଲି ନବୀନ କହିଛନ୍ତି। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ସମବେଦନା ଜଣାଇଛନ୍ତି।

ଆଜି ଅପରାହ୍ଣରେ ବିଧାନସଭା ପରିସରକୁ ସଞ୍ଚିତାଙ୍କ ପାର୍ଥିବ ଶରୀରକୁ ଅଣାଯାଇଥିଲା। ସେଠାରେ ତାଙ୍କୁ ଗାର୍ଡ-ଅଫ୍-ଅନର୍ ପ୍ରଦାନ କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ବାବୁ ସିଂ, ଅମରେନ୍ଦ୍ର ଦାସ, ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଓ ବିଧାନସଭାର କର୍ମଚାରୀମାନେ ତାଙ୍କର ଶେଷଦର୍ଶନ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

୧୯୫୮ରେ କଟକ ଗଙ୍ଗାମନ୍ଦିର ଅଞ୍ଚଳରେ ଜନ୍ମିତ ଶ୍ରୀମତୀ ମହାନ୍ତି ସ୍ନାତକ ପରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଆଇନ ଶିକ୍ଷା ସମାପନ କରି ଜଣେ ଆଇନଜୀବୀ ଭାବେ କାର୍ଯ୍ୟ କରିଥିଲେ। ସେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଗୋପୀନାଥ ମହାନ୍ତିଙ୍କୁ ବିବାହ କରିଥିଲେ। ତାଙ୍କର ୨ ଗୋଟି ପୁତ୍ର ସନ୍ତାନ ରହିଥିବା ବେଳେ କିଛି ବର୍ଷ ତଳେ ସ୍ୱାମୀ ଗୋପୀନାଥ ମହାନ୍ତି ମୃତ୍ୟୁବରଣ କରିଥିଲେ। କୋରେଇ ବିଧାୟିକା ଭାବେ ନିର୍ବାଚିତ ହେବା ପରେ ସେ ବିଧାନସଭାରେ ଗୃହ, ମହିଳା ଶିଶୁ ବିକାଶ ବିଭାଗ କମିଟିରେ ସଭ୍ୟ ରହିଥିଲେ। କିଛି ମାସ ହେବ, ସେ ବିଭିନ୍ନ ରୋଗରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ଥିଲେ।

# ବାଲେଶ୍ୱର ଓ ନୟାଗଡ଼ରେ ଧାନ କିଣା ୨୯ରୁ

### ୩୦ ତାରିଖରେ ଗଜପତି, ୩୧ରେ କନ୍ଧମାଳ

ଭୁବନେଶ୍ୱର,୨୬।୧୨(ସମିସ): ଚଳିତ ଖରିଫ ଋତୁରେ ରାଜ୍ୟରେ ଧାନକିଣା ଜାରି ରହିଥିବାବେଳେ ଆଉ ଚାରୋଟି ଜିଲ୍ଲା ବାଲେଶ୍ୱର, ନୟାଗଡ଼, ଗଜପତି ଓ କନ୍ଧମାଳ ଜିଲ୍ଲାର ଚାଷୀମାନଙ୍କ ପାଇଁ ଆଗୁଆ ଟୋକନ ପ୍ରଦାନ କରାଯାଇଛି। ବାଲେଶ୍ୱର ଓ ନୟାଗଡ଼ ଜିଲ୍ଲାରେ ଆସନ୍ତା ୨୯ ତାରିଖରେ ଧାନସଂଗ୍ରହ ଆରମ୍ଭ ହେଉଥିବାବେଳେ ଗଜପତିରେ ଆସନ୍ତା ୩୦ ତାରିଖରେ ଏବଂ କନ୍ଧମାଳରେ ୩୧ ତାରିଖରେ ଧାନସଂଗ୍ରହ ଆରମ୍ଭ କରାଯିବ ବୋଲି ରାଜ୍ୟ ଯୋଗାଣ ବିଭାଗ କହିଛି। ବାଲେଶ୍ୱର ଜିଲ୍ଲାରେ ୬୫୨୭୩ ଜଣ, ନୟାଗଡ଼ ଜିଲ୍ଲାରେ ୨୮ ୭୨୩, ଗଜପତିରେ ୧୦୧୧୨ ଜଣ ଏବଂ କନ୍ଧମାଳ ଜିଲ୍ଲାରେ ୩୧୭୬ ଜଣ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇଛି। ଏହି ସବୁ ଜିଲ୍ଲାର ମଣ୍ଡି ଗୁଡିକରେ ଅସ୍ଥାୟୀ ଆଶ୍ରୟସ୍ଥଳୀ, ପାନୀୟ ଜଳ, ଶୌଚାଳୟ ଭଳି ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି ପ୍ରତ୍ୟେକ ମଣ୍ଡିରେ ସିସିଟିଭି ଲଗାଯିବା ସହ ମଣ୍ଡି ମନିଟରିଂ ଅଧିକାରୀ ଓ ସୁପରଭାଇଜିଂ ଅଧିକାରୀମାନେ ଉପସ୍ଥିତ ରହି ଧାନସଂଗ୍ରହ ପ୍ରକ୍ରିୟାର ତଦାରଖ କରିବେ ବୋଲି ବିଭାଗ କହିଛି। ଏତଦ୍‌ବ୍ୟତୀତ ବର୍ତ୍ତମାନ ରାଜ୍ୟର ୧୨ଟି ଜିଲ୍ଲା ବରଗଡ଼, ବଲାଙ୍ଗିର, ବୌଦ୍ଧ, ଗଞ୍ଜାମ, ଝାରସୁଗୁଡ଼ା, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ରେ ଧାନସଂଗ୍ରହ ଜାରି ରହିଛି। ଏହି ସବୁ ଜିଲ୍ଲାଗୁଡ଼ିକରୁ ବର୍ତ୍ତମାନ ସୁଦ୍ଧା ଏକ ଲକ୍ଷ ୪୧ ହଜାର ୩୮୧ ଜଣ ଚାଷୀଙ୍କଠାରୁ ୬ ଲକ୍ଷ ୩୦ ହଜାର ୪୩୮ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇ ସାରିଲାଣି। ଏହି ଜିଲ୍ଲାଗୁଡ଼ିକରେ ଚାଷୀମାନଙ୍କୁ ସହାୟକ ମୂଲ୍ୟ ବାବଦକୁ ୯୧୯ କୋଟି ୧୩ ଲକ୍ଷ ଟଙ୍କା ଓ ଇନ୍‌ପୁଟ୍ ସହାୟତା ବାବଦକୁ ୨୮୩ କୋଟି ୬୧ ଲକ୍ଷ ଟଙ୍କା ଚାଷୀମାନଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇସାରିଛି ବୋଲି ବିଭାଗ ସୂଚନା ଦେଇଛି।

**AFFIDAVIT**

By virtue of an affidavit (CF No. 63, Dt-13/11/2025) sworn before the Executive Magistrate, Bhubaneswar, I, Gitanjali Mahakuda, W/o- Gandharba Mahakuda, current resident of Udayagiri Vihar, Patrapada, P.s: Khandagiri, Bhubaneswar-751019, Dist-Khurda & permanent resident of At-Bhuktabhuin, Po-Chhamenda, P.S- Jagannath Prasad, Dist-Ganjam, Odisha, Pin-761121 declare that I have changed my minor son's name from Sibaram Gouda to Sibaram Mahakuda. Henceforth, he shall be known as **Sibaram Mahakuda** (new name) for all purposes.

Gitanjali Mahakuda

**AFFIDAVIT**

By virtue of an affidavit sworn before Executive Magistrate, Bargarh, I Renu Bansal, D/o-Kailash Prasad Bansal residing at Ward No.1, Nadipada, Bargarh, Po./Ps./ Dist.- Bargarh, Odisha, Pin-768028 state that, I have changed my name from **Renu Agrawal** to **Renu Bansal**. Henceforth I shall be known as **Renu Bansal** for all future purposes.

**AFFIDAVIT**

I, L Abhinash, aged about 26 years, S/o-Chandrasena Lima, resident of At-Allada, Po-Vallada, Ps- Kashinagar, Dist- Gajapati, Pin-761206, Odisha declare by this affidavit No. 2601, dtd- 26/12/2025, that now onwards I shall be known as **L ABHINASH NAYAK** for all future purposes.

# କୋଟିପତି କନିଷ୍ଠ ଯନ୍ତ୍ରୀଙ୍କ ଘର ସମେତ ୪ ସ୍ଥାନରେ ଭିଜିଲାନ୍ସ ଚଢ଼ଉ

ମାଲକାନଗିରି,୨୬।୧୨(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମାଲକାନଗିରି ଜିଲ୍ଲା ସଦର ବ୍ଲକରେ କାର୍ଯ୍ୟ କରୁଥିବା କନିଷ୍ଠ ଯନ୍ତ୍ରୀ ନୀହାର ରଞ୍ଜନ ସରକାରଙ୍କ ଘର ସମେତ ୪ଟି ସ୍ଥାନରେ ଭିଜିଲାନ୍ସ ଚଢ଼ଉ କରିଛି। ସୂଚନାନୁଯାୟୀ, ମାଲକାନଗିରି ବ୍ଲକ୍‌ରେ କାର୍ଯ୍ୟ କରୁଥିବା କନିଷ୍ଠ ଯନ୍ତ୍ରୀ ନୀହାର ରଞ୍ଜନ ସରକାର ୨୦୧୫ ମସିହାରେ କାର୍ଯ୍ୟରେ ଯୋଗ ଦେଇଥିଲେ। ତାଙ୍କ ଚାକିରି ୨୦୨୨ ମସିହାରେ ନିୟମିତ ହୋଇଥିଲା। ଏହାରି ମଧ୍ୟରେ ସେ ବିପୁଳ ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ଭିଜିଲାନ୍ସ ବିଭାଗକୁ ସୁରାକ ମିଳିଥିଲା। ଏହାକୁ ଆଧାର କରି ଜୟପୁର ଓ ସ୍ଥାନୀୟ ଭିଜିଲାନ୍ସର ୪ ଜଣ ଡିଏସପି, ୭ଜଣ ଇନ୍ସପେକ୍ଟର ଏବଂ ଅନ୍ୟାନ୍ୟ କର୍ମଚାରୀ ମିଳିତ ଭାବେ ଏକକାଳୀନ ଶ୍ରୀ ସରକାରଙ୍କ ନିଜସ୍ୱ ଘର ସମେତ ୪ଟି ସ୍ଥାନରେ ଏହି ଚଢ଼ଉ କରିଥିଲେ। ଜିଲ୍ଲା ସଦରରେ ଥିବା ଜୟନଗର ସ୍ଥିତ ୩ ମହଲା ବିଶିଷ୍ଟ କୋଠା ଘର ସମେତ ଜିଲ୍ଲାର କାଲିମେଳା ବ୍ଲକ୍ ଅନ୍ତର୍ଗତ ଏମ୍‌ପିଭି-୧୦ଗାଁରେ ଥିବା ପୈତୃକ ଘର, ନବରଙ୍ଗପୁର ଜିଲ୍ଲା ରାଇଘରରେ ଥିବା ତାଙ୍କ ସମ୍ପର୍କୀୟଙ୍କ ଘର ଓ ମାଲକାନଗିରିର ବ୍ଲକ୍ କାର୍ଯ୍ୟାଳୟରେ ଥିବା ତାଙ୍କ କକ୍ଷରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ ଜାରି ରହିଛି। ତେବେ ତାଙ୍କ ନିକଟରୁ ୨ ଲକ୍ଷ ୧୧ ହଜାର ୮୦୦ ଟଙ୍କା ନଗଦ ଜବତ ହୋଇଥିବା ବେଳେ ୮ଟି ମୂଲ୍ୟବାନ ଜମି, ବିଭିନ୍ନ ବ୍ୟାଙ୍କ ଓ ପୋଷ୍ଟାଲ ଜମା ରାଶି ସହ ଅନେକ କିଛି ମିଳିଥିବା ସୂଚନା ମିଳିଛି। ତେବେ ବର୍ତ୍ତମାନ ମଧ୍ୟ ଏହି ଚଢ଼ଉ ଜାରି ରହିଥିବା ଜଣାପଡ଼ିଛି।

## ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ | ଯୁବକଙ୍କ ସ୍ୱାର୍ଥକୁ ଉପେକ୍ଷା କରିଛି ଡବଲ ଇଞ୍ଜିନ ସରକାର

ଭୁବନେଶ୍ୱର,୨୬।୧୨(ସମିସ): ଆଜିର ପରିବର୍ତ୍ତିତ ପରିସ୍ଥିତିରେ ଯେଉଁ ନୂତନ ସୂର୍ଯ୍ୟୋଦୟ ହେବ, ଓଡ଼ିଶାର ଯୁବ ସମାଜ ତା'ର ନେତୃତ୍ୱ ନେବ। ଓଡ଼ିଶାରେ ଯୁବ ସମାଜ ହିଁ ପରିବର୍ତ୍ତନର ସୂତ୍ରଧର ହେବେ। ଡବଲ ଇଞ୍ଜିନ ସରକାର ଯୁବକ ମାନଙ୍କ ସ୍ୱାର୍ଥକୁ ଉପେକ୍ଷା କରିଛି। ବିଜେପି ସରକାର ପ୍ରତି ଓଡ଼ିଶାର ଯୁବ ସମାଜ ବିମୁଖ। ସେମାନଙ୍କୁ କର୍ମ ସଂସ୍ଥାନ ଯୋଗାଇବାରେ ସରକାର ଅକ୍ଷମ। ଓଡ଼ିଶାର ମାଟିତଳେ ଅମୂଲ୍ୟ ଖଣିଜ ସମ୍ପଦ ଥାଇ ଓଡ଼ିଆ ଯୁବକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ସୁତରାଂ ଯୁବ ଆନ୍ଦୋଳନ ମାଧ୍ୟମରେ କ୍ଷମତାସୀନ ସରକାର ହଟାଇବା ପାଇଁ ସଂକଳ୍ପ ନେବାକୁ ପିସିସି ସଭାପତି ଭକ୍ତ ଚରଣ ଦାସ ଆହ୍ୱାନ ଦେଇଛନ୍ତି। ଶୁକ୍ରବାର ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ଅଧ୍ୟକ୍ଷତାରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକରେ ଶ୍ରୀ ଦାସ ଓଡ଼ିଶାର ପ୍ରତି ବୁଥ୍‌ରେ ୫ ଜଣ ସଂଗ୍ରାମୀ ଯୁବ ସାଥୀଙ୍କୁ ଯୁବ କଂଗ୍ରେସ ମୁଖ୍ୟ ସୋତ୍ରରେ ସାମିଲ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ପାତ୍ର ବେକାରୀ, ବିଜୁଳି ସଂକଟ, ଚାଷୀ ସମସ୍ୟା, ଦରଦାମ ବୃଦ୍ଧି ଓ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରସଙ୍ଗରେ ବୁଥସ୍ତରରୁ ଆନ୍ଦୋଳନ ଆରମ୍ଭ ହେବ ବୋଲି ଘୋଷଣା କରିଛନ୍ତି। ସେହିପରି ଅଖିଳ ଭାରତ ଯୁବ କଂଗ୍ରେସ ସଂପାଦକ ତଥା ଓଡ଼ିଶା ପ୍ରଭାରୀ ମହେଶ ଦେଶମୁଖ୍, ସହ ପ୍ରଭାରୀ ରିୟାନା ରାଜୁ, ଖୁସି ଟିଗା, ଯୁବ କଂଗ୍ରେସର ଆଗାମୀ କାର୍ଯ୍ୟକ୍ରମ ଓ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହାପରେ ମାଷ୍ଟରକ୍ୟାଣ୍ଟିନ ଛକରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଉନ୍ନାଓ ପିଡ଼ୀତାର ବଳତ୍କାରୀ କୁଲଦିପ୍ ସେନଗାଲକୁ ମିଳିଥିବା ଜାମିନ ପ୍ରତିବାଦରେ ବିକ୍ଷୋଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦିପ ସାମଲଙ୍କ ସମେତ ପ୍ରଦେଶ ଯୁବ କଂଗ୍ରେସ କର୍ମକର୍ତ୍ତା, ଜିଲ୍ଲା ସଭାପତି ଏବଂ ବିଧାନସଭା ଯୁବ କଂଗ୍ରେସ ସଭାପତିମାନେ ଯୋଗ ଦେଇଥିଲେ।

## ଧାନ ବିଲରୁ ନରକଙ୍କାଳ ଜବତ

ବିଞ୍ଝାରପୁର, ୨୬।୧୨(ସମିସ): ବିଞ୍ଝାରପୁର ବ୍ଲକ ବାଛୋଳ ପଞ୍ଚାୟତ ବାମଦେବପୁର ଚାଷ ଜମିରୁ ଶୁକ୍ରବାର ଏକ ନରକଙ୍କାଳ ଜବତ ହୋଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ସୂଚନା ମୁତାବକ ବିଞ୍ଝାରପୁର ବ୍ଲକ ବାଛୋଳ ପଞ୍ଚାୟତ ବାମଦେମପୁର ଗ୍ରାମ ସନ୍ନିକଟ ବିଲରେ ନର କଙ୍କାଳ ପଡ଼ିଥିବା ଗ୍ରାମବାସୀ ଦେଖି ବିଞ୍ଝାରପୁର ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି କଙ୍କାଳଟିକୁ ଜବତ କରିବା ସହ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ଗତ ୨ ମାସ ହେବ, ସେହି ଗ୍ରାମର ଶ୍ରୀଧର ମଲ୍ଲିକ ନିଖୋଜ ଥିବାରୁ ଏହି କଙ୍କାଳଟି ଶ୍ରୀଧରଙ୍କର ବୋଲି ତାଙ୍କ ପରିବାର ଆଶଙ୍କା କରିଛନ୍ତି। କେହି ତାଙ୍କୁ ହତ୍ୟା କରି ବିଲକୁ ଫିଙ୍ଗିଦେଇଥିବା ଅଭିଯୋଗ କରିଛନ୍ତି। ତେବେ ଏହି ଘଟଣାର ତଦନ୍ତ ପରେ କଙ୍କାଳର ପ୍ରକୃତ ରହସ୍ୟ ଜଣାପଡିବ ବୋଲି ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

## ତେଲଙ୍ଗାନାରେ ଓଡ଼ିଆ ଯୁବତୀଙ୍କୁ ହତ୍ୟା

କୋକସରା,୨୬।୧୨(ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଅଞ୍ଚଳରେ ଦାଦନ ସମସ୍ୟା ଉତ୍କଟ ହେବାରେ ଲାଗିଛି। ସପ୍ତାହକରେ ୩ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଗତ ୧୮ ତାରିଖ ଦିନ କୋକସରା ବ୍ଲକ୍ ଖୁଣ୍ଟିଆପଞ୍ଚାୟତ ମିର୍ଜାପୁର ଗ୍ରାମର ଅନୀଲ ସାଗର (୪୫)ଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦ତାରିଖ ଦିନ ଧର୍ମଗଡ ବିଜ୍ଞାପନ ଅଞ୍ଚଳ କେବିଡ଼ି ଗ୍ରାମର ନନ୍ଦ ଗୋପାଳଙ୍କ ମୃତ୍ୟୁ ହୋଇଛି। ପୁଣି କଳାହାଣ୍ଡି ଜିଲ୍ଲା ଦଣ୍ଡପାଟ ଅଞ୍ଚଳ ଜୟନ୍ତପୁର ପଞ୍ଚାୟତ କାଣ୍ଡପଡାଗ୍ରାମର ଜଣେ ଦାଦନ ଶ୍ରମିକ ଯୁବତୀଙ୍କ ହତ୍ୟା ହୋଇଥିବା ଚର୍ଚ୍ଚା ହୋଉଛି। କାଣ୍ଡପଡା ଗ୍ରାମର ଯୁବତୀ ଜେମାମଣି କାଣ୍ଡ (୧୯)ଙ୍କ ତେଲେଙ୍ଗାନା ଖମନପ୍ରକାଶ ନଗର ନଦୀବ୍ରିଜ ନିକଟରେ ମୃତଦେହ ପଡିଥିବା ସକାଳେ ଦେଖିବାକୁ ମିଳିଥିଲା। ତେବେ ପରିବାରଙ୍କ ସୂଚନା କ୍ରମେ କୌଣସି କାରଣ ପାଇଁ ବଡ଼ିଫରରୁ ସେ ନଦୀବ୍ରିଜକୁ ଯାଇ ଫେରି ନଥିଲେ। ତାଙ୍କ ମୃତଦେହ ବ୍ରିଜ ତଳେ ପଡି ରହିଥିବା ଲୋକେ ଦେଖି ପୁଲିସକୁ ଖବର ଦେବାରୁ ସେଠାକାର ପୁଲିସ ପହଞ୍ଚି ଶବଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଯୁବତୀଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଆଲୋଚନା ହୋଉଛି। କିଛି ମାସ ତଳେ ପରିବାର ସହ ଯୁବତୀ ଜଣକ ତେଲେଙ୍ଗାନା ଖମନପ୍ରକାଶନଗର ଅଞ୍ଚଳର ଜଣେ ଠିକାଦାର ପାଖରେ ଦାଦନ ଶ୍ରମିକ ଭାବେ ଇଟା ଭାଟିରେ ନିୟୋଜିତ ରହି କାମ କରୁଥିଲେ। ବାପା ଦୈତାରି ମାଆ ଓ ଭାଇ ମିଶି ଉଦେ ନାମକ ଠିକାଦାର ପାଖରେ କାମ କରିଆସୁଥିଲେ।

## ଜାନୁଆରି ୨୧ରେ ଏସ୍‌ଏସ୍‌ଟିଇଟି

କଟକ, ୨୬।୧୨ (ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଆନୁକୂଲ୍ୟରେ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଏସଏସଟିଇଟି) ପରୀକ୍ଷା ଆସନ୍ତା ଜାନୁଆରି ୨୧ତାରିଖରେ ଅନୁଷ୍ଠିତ ହେବ ବୋଲି ଧାର୍ଯ୍ୟ ହୋଇଛି। ଏ ସଂକ୍ରାନ୍ତରେ ବୋର୍ଡ ପକ୍ଷରୁ ଆଜି ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ଦୁଇଟିଯାକ ପେପର୍‌ର ପରୀକ୍ଷା ଗୋଟିଏ ସିଟିଂରେ କରାଯିବ। ପରୀକ୍ଷା ସକାଳ୧୦ଟାରୁ ଦିନ ସାଢ଼େ ୧୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେହିଭଳି ଜାନୁଆରି ୧୦ରୁ ଆଡମିଟ୍ କାର୍ଡ ବୋର୍ଡ ୱେବସାଇଟ୍‌ରେ ଉପଲବ୍ଧ କରାଯିବ। ପରୀକ୍ଷାର୍ଥୀମାନେ ଏହାକୁ ଡାଉନଲୋଡ୍ କରିପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ବିଜେଡି ଅଛି...

ଅନ୍ୟପକ୍ଷରେ ଯୁବ ସମାଜକୁ ଦଳର ଅମୂଲ୍ୟ ସମ୍ପତ୍ତି ଭାବରେ ବର୍ଣ୍ଣନା କରି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସେବା, ସଂଗ୍ରାମ ଓ ସ୍ୱାଭିମାନ ବିଜେଡିର ମନ୍ତ୍ର; ବିକାଶ ଆମର ପରିଚୟ। ତେଣୁ ବିଜେଡିର ଯୁବ ବନ୍ଧୁ ମାନେ ସାମାଜିକ ଗଣମାଧ୍ୟମରେ ସକ୍ରିୟ ରହିବା ସହ ଦଳ ବିରୋଧରେ ଚାଲିଥିବା ଅପପ୍ରଚାରର ଫଳପ୍ରଦ ମୁକାବିଲା କରନ୍ତୁ। ରାଜନୀତିରେ ଧୈର୍ଯ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ। ଦଳର ଲକ୍ଷ ଲକ୍ଷ କର୍ମୀ ଭାଇ ଭଉଣୀ ମାନଙ୍କ କଠିନ ପରିଶ୍ରମ ଓ ପ୍ରତିବଦ୍ଧତା ଉପରେ ତାଙ୍କର ଗଭୀର ବିଶ୍ୱାସ ରହିଛି। ବର୍ତ୍ତମାନର ଆହ୍ୱାନକୁ ସୁଯୋଗରେ ରୂପାନ୍ତରିତ କରି ଏକ ସଶକ୍ତ ଓଡିଶା ଗଠନ ଦିଗରେ ବ୍ରତୀ ହେବାକୁ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି।

### ଓଡ଼ିଶାରେ ବିଷ...

ଶୁକ୍ରବାର ବାଲେଶ୍ୱରରେ ଏକ୍ୟୁଆଇ ୩୨୭ ରହିଛି, ଯାହାକି ଅତି ଖରାପ ସ୍ଥିତିରେ ଆସୁଛି। ଏହି ବାୟୁ ଛୋଟ ପିଲା ଓ ବୟସ୍କ ମାନଙ୍କ ପାଇଁ ଅତି ଅସ୍ୱାସ୍ଥ୍ୟକର ହୋଇଥିବାରୁ ଆଗାମୀ ଦିନରେ ଏହା ବାଲେଶ୍ୱରବାସୀଙ୍କ ପାଇଁ ବଡ଼ ଆହ୍ୱାନ ଠିଆ କରିବ ବୋଲି ପରିବେଶବିତ୍ ମତ ଦେଇଛନ୍ତି।

ବାଲେଶ୍ୱର ସହ ଅନୁଗୋଳ, କଟକ, ବାରିପଦା, ତାଳଚେର ଓ ଭୁବନେଶ୍ୱରର ବାୟୁମାନ ଅତି ଖରାପ ଶ୍ରେଣୀରେ ରହିଛି। ବାୟୁର ମାନ ବି ଖରାପ ଶ୍ରେଣୀରେ ଯାଉଛି। ଅନୁଗୋଳରେ ଏକ୍ୟୁଆଇ ୩୨୧ ରହିଥିବା ବେଳେ କଟକରେ ୩୧୦, ବାରିପଦାରେ୨୮୦, ତାଳଚେରରେ ୨୮୪, ଭୁବନେଶ୍ୱର ୨୬୭ରେ ପହଞ୍ଚିଛି। ଗତକାଲି ଅର୍ଥାତ୍ ଗୁରୁବାର ବାଲେଶ୍ୱରରେ ବାୟୁ ପ୍ରଦୂଷଣ ଦିଲ୍ଲୀ ପରି ହୋଇଥିଲା। ଗୁରୁବାର ଅପରାହ୍ନ ୪ଟା ସମୟରେ ବାଲେଶ୍ୱର ଏକ୍ୟୁଆଇ ୩୩୮ ସହ ଦେଶରେ ଶୀର୍ଷ ପ୍ରଦୂଷିତ ସହର ମାନ୍ୟତା ପାଇଥିବାବେଳେ ୩୨୦ ଏକ୍ୟୁଆଇ ସହିତ ତାଳଚେର ଦେଶର ଦ୍ୱିତୀୟ ସ୍ଥାନରେ ରହିଥିଲା। ଦେଶର ସର୍ବାଧିକ ପ୍ରଦୂଷିତ ସହର ଭାବରେ ପରିଚିତ ଦିଲ୍ଲୀରେ ଏକ୍ୟୁଆଇ ୨୩୪ରେ ଥିବାବେଳେ ଓଡ଼ିଶାର ବାଲେଶ୍ୱର, ବାରିପଦା, ତାଳଚେର ଦିଲ୍ଲୀକୁ ବି ଅତିକ୍ରମ କରିଥିଲା।

ବାୟୁର ମାନ ଦିନକୁ ଦିନ ଖରାପ ହେଉଥିବା ହେତୁ ଓୟୁଏଟିର ପୂର୍ବତନ କୁଳପତି ତଥା ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ ସକାଳେ ଓ ବିଳମ୍ବିତ ସନ୍ଧ୍ୟା (୮ଟା ପର୍ଯ୍ୟନ୍ତ) ବୟସ୍କ ଓ ଶିଶୁମାନଙ୍କୁ ବାହାରକୁ ନ ଯିବାକୁ ପରାମର୍ଶ ଦେଇଛନ୍ତି। ଖରାପ ବାୟୁ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥିବାରୁ ପ୍ରାତଃଭ୍ରମଣ ଓ ସନ୍ଧ୍ୟା ଭ୍ରମଣରେ ନ ଯିବା ପାଇଁ ମଧ୍ୟ ସେ କହିଛନ୍ତି। ନିର୍ମାଣ ଶ୍ରମିକ, ବୃଦ୍ଧ, ଶିଶୁ, ହୃଦରୋଗୀ ଓ ଶ୍ୱାସ ରୋଗୀମାନେ ଏନ୍- ୯୫ ମାସ୍କ ବ୍ୟବହାର କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ଏଭଳି ପ୍ରଦୂଷଣକୁ ଲୁଗା, ରୁମାଲ ଓ ସାଧାରଣ ମାସ୍କ ପ୍ରତିହତ କରିପାରିବ ନାହିଁ। ପିଏମ୍ ୨.୫ ଅତି କ୍ଷୁଦ୍ର ଓ ଏହା ଶ୍ୱାସନଳି ଦେଇ ରକ୍ତରେ ସିଧା ମିଶିଥାଏ। ତେଣୁ ପିଲାମାନେ ସ୍କୁଲ୍ ଗଲା ବେଳେ ଅଭିଭାବକମାନେ ସେମାନଙ୍କ ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

ରାଜ୍ୟରେ ସାଧାରଣତଃ ନିର୍ମାଣ କାର୍ଯ୍ୟ ବର୍ଷତମାମ ରହୁଥିବା ବେଳେ ଶୀତ ଦିନେ ଏହାର ଅନେକ କୁ ପ୍ରଭାବ ପଡୁଛି। ରାସ୍ତା ଉପରେ ବାଲି ଗୋଡ଼ି ଆଦି ଜମି ହୋଇ ରହୁଛି। ଗାଡି ଚାଲିବା ଦ୍ୱାରା ସେହି ଧୂଳି ଉଡୁଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଆକ୍ସନ ପ୍ଲାନ ପ୍ରସ୍ତୁତ କରିଛନ୍ତି। ମାତ୍ର ଓଡ଼ିଶାରେ ଏହା ସଠିକ ଭାବରେ କାର୍ଯ୍ୟକାରୀ ହେଉନାହିଁ। ଏହି ସ୍ଥିତି ଆଗକୁ ଆହୁରି ବିଗିଡ଼ିବା ପୂର୍ବରୁ ଠୋସ୍ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଓଡ଼ିଶାରେ ମଧ୍ୟ ଦିଲ୍ଲୀଠାରୁ ଭୟଙ୍କର ବାୟୁ ପ୍ରଦୂଷଣ ହେବା ଏକ ପ୍ରକାର ନିଶ୍ଚିତ ବୋଲି ପରିବେଶବିତ୍ ଆକଳନ କରିଛନ୍ତି।

### ଭାରତ ରତ୍ନ...

ହାର୍ଡିକର ଲେଖା ଯାଇଥିଲା। ଏହା ଉପରେ ବିଚାରପତି ଆପତ୍ତି ଉଠାଇ ଥିଲେ। ଆଇନ ଅନୁଯାୟୀ ଏପରି କରିବା ଭୁଲ୍ ବୋଲି କହିଥିଲେ। ୧୯୯୫ରେ ସୁପ୍ରିମକୋର୍ଟଙ୍କ ସମ୍ବିଧାନ ପୀଠ ଦେଇଥିବା ରାୟ ବିଷୟରେ ମଧ୍ୟ ହାଇକୋର୍ଟ ଉଲ୍ଲେଖ କରିଥିଲେ। ଏହି ରାୟ ଦେଇ ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ ଯେ ପଦ୍ମ ପୁରସ୍କାର ଏବଂ ଭାରତ ରତ୍ନ କୌଣସି ଉପାଧି ନୁହେଁ। ଯଦି କୌଣସି ବ୍ୟକ୍ତି ପୁରସ୍କାରକୁ ନିଜ ନାମ ସହ ଲେଖନ୍ତି ତେବେ ତାଙ୍କ ଜାତୀୟ ପୁରସ୍କାରକୁ ପ୍ରତ୍ୟାହାର କରି ନିଆଯାଇପାରେ। ସମ୍ବିଧାନର ଧାରା ୧୪୧ ଅନୁଯାୟୀ ସୁପ୍ରିମକୋର୍ଟ ଏହି ନିଷ୍ପତ୍ତି ଦେଇଥିଲେ ବୋଲି ଜଷ୍ଟିସ ସୁନ୍ଦରେସନ କହିଥିଲେ। ତାଙ୍କ ମତରେ, ଏହି ରାୟକୁ କଡ଼ାକଡ଼ି ଭାବେ ପାଳନ କରାଯିବା ଉଚିତ। ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନରେ ସବୁ ପକ୍ଷଙ୍କୁ ଏହି ନିୟମ ପାଳନ କରିବା ପାଇଁ ବିଚାରପତି ନିର୍ଦ୍ଦେଶ ଦେଇଥିଲେ।

## ମୁଖ୍ୟମନ୍ତ୍ରୀ କୃଷକ ସହାୟତା ଯୋଜନା (CM-KISAN):

ମୁଖ୍ୟମନ୍ତ୍ରୀ କୃଷକ ସହାୟତା ଯୋଜନା (CM-KISAN) ଓଡ଼ିଶା ସରକାରଙ୍କ ଏକ ରାଜ୍ୟ ସ୍ତରୀୟ ଯୋଜନା, ଯାହା ଅନ୍ତର୍ଗତ ଭୂମିଧାରୀ ଚାଷୀ ଏବଂ ଭୂମିହୀନ କୃଷି ପରିବାରମାନଙ୍କୁ ଆର୍ଥିକ ସହାୟତା DBT (Direct Benefit Transfer) ମାଧ୍ୟମରେ ସିଧାସଳଖ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଉଛି।

**ଅନଲାଇନ୍ ସୁବିଧା (ପୋର୍ଟାଲ୍):**

- ନୂତନ ଆବେଦନ
- ବ୍ୟାଙ୍କ ଖାତା ସଂଶୋଧନ
- e-KYC ସମ୍ପୂର୍ଣ୍ଣ କରିବା

**ବାଧ୍ୟତାମୂଳକ ଆବଶ୍ୟକତା:**

- ବ୍ୟାଙ୍କ ଖାତା ସହ ଆଧାର ସଂଯୋଗିକରଣ
- କୃଷକ ଓଡ଼ିଶା ପୋର୍ଟାଲ୍‌ରେ ପଞ୍ଜିକରଣ
- ଉପରୋକ୍ତ ଆବଶ୍ୟକତା ପୂରଣ କରିବା ପରେ, ହିତାଧିକାରୀମାନେ ଆଧାର ସହ ଲିଙ୍କ୍ ଥିବା ମୋବାଇଲ୍ ନମ୍ବର ମାଧ୍ୟମରେ e-KYC କରାଇ ନିକଟସ୍ଥ ଜନ ସେବା କେନ୍ଦ୍ର କିମ୍ବା ବ୍ୟକ୍ତିଗତ ସ୍ତରରେ CM-KISAN ପୋର୍ଟାଲ୍ ମାଧ୍ୟମରେ ପଞ୍ଜିକରଣ କରାଇ ନେବେ।

**ଆବେଦନ / e-KYC ର ଶେଷ ତାରିଖ: ୩୧ ଡିସେମ୍ବର ୨୦୨୫**

ଯୋଗ୍ୟ କୃଷକମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ e-KYC ସମ୍ପୂର୍ଣ୍ଣ କରି ଯୋଜନାର ଲାଭ ନେବା ପାଇଁ cmkisan.odisha.gov.in ପୋର୍ଟାଲ୍‌ରେ ଆବେଦନ/ଅଦ୍ୟତନ କରିବାକୁ ଅନୁରୋଧ।
ସହାୟତା | ହେଲ୍ପଲାଇନ୍: 155261/011-24300606
ଏହି ଯୋଜନା କୃଷକମାନଙ୍କ ଆର୍ଥିକ ସୁରକ୍ଷା ଓ ଚାଷ କାର୍ଯ୍ୟରେ ସହଯୋଗ ପ୍ରଦାନ କରେ।

**କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର**

Chief District Agriculture Officer,
Bargarh

O-1823
Email:- rw_dharmagarh@yahoo.com
GOVERNMENT OF ODISHA
OFFICE OF THE SUPERINTENDINGENGINEER
RURAL WORKS DIVISION, DHARMAGARH

BID IDENTIFICATION NO. DMGH/Online-11 OF 2025-26 Dates:15.12.2025

**"e" PROCUREMENT NOTICE**

Bid documents consisting of Work, Estimate Cost, Cost of tender Paper, Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

1. Name of the Work :Road & Building works in the district of Kalahandi as mentioned in DTCN
2. Total No of Works : 21No.
3. Estimated Cost :Rs.44.06 lakhs to Rs.2.54 lakhs
4. Period of Completion: : 01 & 02 Calendar Month
5. Other Details:

| Availability of Tender online for bidding | | Last date & time seeking tender clarification | Date &timeof Opening of tender |
|---|---|---|---|
| From | To | | |
| 29.12.2025 At 10.00 AM | 08.01.2026 Up to 5.00 PM | 05.01.2026 Up to 5.00 PM | 09.01.2026 At 11.00 AM |

Further details can be seen from the website www.tendersorissa.gov.in

Superintending Engineer
Rural Works Division
Dharmagarh

OIPR-25100/11/0037/2526

ODISHA HYDRO POWER CORPORATION LIMITED
OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT, POST: BALIMELA, DIST.- MALKANGIRI (ODISHA) PIN-764051
Phones: 06861-291058(O)/ 06861-291048(R)
<E mail- bhep.balimela@gmail.com, unit.head_balimela@yahoo.com>
CAD-2820

TENDER CALL NOTICE NO: BHEP/54/2025-26 DATED. 23.12.2025

Sealed Tenders are invited in single part bid basis from Vehicle Owners/ Travel Agencies/ individuals fulfilling the eligibility criteria as per the tender specification for the work as mentioned below.

| SLNO | Description of Services | Cost of tender paper (Non-refundable) in Rs. | EMD in shape of DD/BC (Refundable) in Rs. | Period of availability of tender at OHPC website. | Last date & Time of receipt of Tender. | Date & Time of opening of bid. |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01. | HIRING OF 01 (ONE) NUMBER OF MAHINDRA BOLERO AMBULANCE OR EQUIVALENT VEHICLE ALONG WITH PROVISION OF DRIVER FOR (03) THREE YEARS UNDER BHEP, BALIMELA. | Rs. 7080/- (Rupees Seven Thousand Eighty) only | Rs 19,006/- | From 30.12.2025 to up to 11.30 hrs on 13.01.2026 | 11:30 Hrs of 13.01.2026 | 12:00 Hrs of 13.01.2026 |

For details of the tender documents, terms & conditions please visit our website www.ohpcltd.com.

C&P Head
BHEP, Balimela

OIPR-04019/11/0135/2526

C-1894
ରାଜଗାଙ୍ଗପୁର ପୌରପାଳିକା କାର୍ଯ୍ୟାଳୟ, ରାଜଗାଙ୍ଗପୁର
OFFICE OF THE RAJGANGPUR MUNICIPALITY, RAJGANGPUR
ପୌରପାଳିକା କାର୍ଯ୍ୟାଳୟ: ରାଜଗାଙ୍ଗପୁର-୭୭୦୦୧୭
Municipality Office
Rajgangpur-770017
Tel:-06624-220454
Rajgangpur Municipality Rajgangpur_Mun rajgangpurm.hud@od.gov.in

No. 5472 Date 23.12.2025

**QUOTATION CALL NOTICE**

Quotations in closed cover from the registered manufacturers/suppliers are hereby invited for supply of Wheel Barrows & Tricycle to this Municipality of the specification mentioned hereunder. The quotations should reach to the undersigned on or before **08.01.2026 by 4.00 P.M**. Which will be opened on the same day at 4.30 P.M. in presence of the quotationers or their authorised representatives. The quotation received after due date and time will not be taken into consideration.

WHEEL BARROW

1. 6cft. Capacity Box type double Wheel Barrow – Body made of 18 gauge G.I.Plate, frame with 25mm x 6mm size M.S.Flat with 2 Nos. of handles made of 30 x 30x5mm M.S.Angle, 2 Nos. of M.S.Pipes covered with rubber hand grip, 1 No.25mm M.S.Rod Axel, 2 Nos. 50x6mm M.S.spring, 2 Nos. 12"x2" solid rubber pasted disc type wheel etc. complete with enamel painting over Red oxide primer and written "Rajgangpur Municipality" with Serial No. on the Body.

TRICYCLE

2. The container made of 18 gauge galvanized sheet with 30x30x5mm M.S.Angle iron & 25x5mm Flat iron frame mounted on heavy duty Rickshaw chasis with KW frame, fork, mudguard, handle, seat, break, chain, Rickshw tyre & tubes with heavy duty Rims and Axle painted complete. Container size 4ftx3ftx1ft 8 inch height.

Note:- A supplier can submit quotation either all the items or any of the items.
The following term & conditions should be followed at the time of furnishing the quotations.

1. Copy of up-to date GST clearance certificate should be attached with the quotation.
2. The materials in good condition/quality shall be delivered to the Municipality Office Godown.
3. EMD for Rs.10,000/ and cost of Tender paper for Rs.4,000/- should be deposited - in shape of Bank Draft /Cash in favour of the Executive Officer

The authority reserves the right accept or reject any or all quotations without assigning any reason thereof.

Executive Officer
Rajgangpur Municipality

OIPR-13094/11/0027/2526

## ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ

# କର୍ମୀଙ୍କ ନିଷ୍ଠା ଯୋଗୁଁ ଓଡ଼ିଶା ବିକାଶ ସମ୍ଭବ ହୋଇପାରିଥିଲା











**ଯାଜପୁର, ୨୬।୧୨(ସମିସ)**

ଯାଜପୁର ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଏହି ଅବସରରେ ବିରଜା କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ବୈଠକରେ ଯାଜପୁର ବିଧାୟିକା ସୁଜାତା ସାହୁ, ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ଜିଲ୍ଲା ପରିଷଦ ସଭାପତି ନଳିନୀପ୍ରଭା ଜେନା ପ୍ରମୁଖ ଉପସ୍ଥିତ ରହି ବିଜେଡି ପ୍ରତିଷ୍ଠା ଦିନ ଠାରୁ ଏହା ସାଧାରଣ ଲୋକଙ୍କ ପାଇଁ ସେବା କରିଆସୁଛି। କିନ୍ତୁ ରାଜ୍ୟରେ ବିଜେପି ସରକାର ଆସିବା ପରେ ସାଧାରଣ ଭୋଟର ଆଜି ଅନୁତାପ ନିଆଁରେ ଜଳୁଛନ୍ତି ବୋଲି ମତ ଦେଇଥିଲେ। ଯାଜପୁର ବିଜୁ ଜନତା ଦଳ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ପୌରପାଳିକା ର ଉପାଧକ୍ଷ ସନ୍ତୋଷ ମଲ୍ଲିକ, ଦଶରଥପୁର ବ୍ଲକ ଅଧକ୍ଷ ଦିଗାମ୍ବର ମଲ୍ଲିକ, ଯାଜପୁର ବ୍ଲକ ଅଧକ୍ଷା ସ୍ୱର୍ଣ୍ଣଲତା ପରିଡ଼ା, ପୌରପାଳିକା ସମସ୍ତ କାଉଁସିଲର ଓ ନିର୍ବାଚନୀ ମଣ୍ଡଳୀର ସମସ୍ତ ସରପଞ୍ଚ, ସମିତି ଓ ଜିଲ୍ଲା ପରିଷଦ ସଦସ୍ୟ ମାନେ ଉପସ୍ଥିତ ଥିଲେ।

**ଧର୍ମଶାଳା:** ଧର୍ମଶାଳା ବିଜେଡି ପକ୍ଷରୁ ଜାରକା ନୂଆଗାଁସ୍ଥିତ ବିଜେଡି କାର୍ଯ୍ୟାଳୟ ପରିସରରେ ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବ୍ଲକ ସଭାପତି ପ୍ରସନ୍ନ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଭାତ କୁମାର ବଳବନ୍ତରାୟ, ନରେଶ ଚନ୍ଦ୍ର ମହାନ୍ତି, ଡ. ପ୍ରିୟନାଥ ମହାପାତ୍ର, ଜଳଧର ମହାନ୍ତି, ସୁରେନ୍ଦ୍ର ପଣ୍ଡା, ସନ୍ତୋଷ କୁମାର ଜେନା, ଲୋକନାଥ ପଣ୍ଡା, ଦୁଃଶାସନ ସାହୁ, ଉତ୍କଳମଣି ଦାସ, ଅମରେନ୍ଦ୍ର ରାୟ, ଉତ୍ତମ କୁମାର ଦାସ, ବିକାଶ କୁମାର ବେହେରା, ସୌମ୍ୟପ୍ରକାଶ ବିଶ୍ୱାଳ, ଜଗଦାନନ୍ଦ ରାଉତ, ମମତା ଖୁଣ୍ଟିଆ, ମମତା ଦଣ୍ଡପାଟ ଓ ରାଜଶ୍ରୀ ଦାଶ ପ୍ରମୁଖ ଯୋଗଦେଇଥିଲେ। ବିକାଶ ଦାସ ଧନ୍ୟବାଦ ଦେଇଥିଲେ।

**ବଡ଼ଚଣା:** ବଡ଼ଚଣା ବିଜୁ ଜନତା ଦଳ ତରଫରୁ ଚଣ୍ଡିଖୋଲ ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ୨୯ତମ ପ୍ରତିଷ୍ଠା ଦିବସ କ୍ୟାପଟେନ୍ ରାଜନାରାୟଣ ମହାପାତ୍ର ନେତୃତ୍ୱରେ ପାଳନ କରାଯାଇଛି। ବ୍ଲକ ବିଜେଡି ସଭାପତି ତାପସ ଚନ୍ଦ୍ର ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ଚଣ୍ଡିଖୋଲ ଛକରେ ଥିବା ଦୁଇଟି ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଅନୁଷ୍ଠିତ ସଭାରେ ଜିଲ୍ଲା ପରିଷଦ ଉପାଧକ୍ଷ ଗଣେଶ ବରାଳ, ପୂର୍ବତନ ଅଧକ୍ଷ କୈଳାସ ଚନ୍ଦ୍ର ରାଉତ, ନାରୀ ନେତ୍ରୀ ସରସ୍ୱତୀ ବେହେରା, ସରପଞ୍ଚ ଜୟନ୍ତୀ ସ୍ୱାଇଁ, ଜ୍ଞାନ ରଞ୍ଜନ ସାହୁ, ଦିଲିପ ସାମଲ, ବିବେକ୍ ରଞ୍ଜନ ସୁବୁଦ୍ଧି, ଧୂଳେଶ୍ୱର ଦାସ, ପ୍ରକାଶ ପ୍ରଧାନ, ଆଶିଷ ରଞ୍ଜନ ଚୌଧୁରି, ନିରଞ୍ଜନ ବିଶ୍ୱାଳ, ପ୍ରଦୀପ ମହାନ୍ତି, ପ୍ରିୟବ୍ରତ ଖିଲାର ପ୍ରମୁଖ ଶତାଧିକ ଆଗୁଆ କର୍ମୀ ଯୋଗ ଦେଇଥିଲେ।

**ଯଖପୁରା/ଦାନଗଦି:** ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦାନଗଦିରେ ଥିବା ବିଜୁ ଜନତା ଦଳ କାର୍ଯ୍ୟାଳୟରେ ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ପ୍ରତିଷ୍ଠା ଦିବସରେ ଅନେକ ବିଜୁ ଜନତା ଦଳର କର୍ମୀ, ଶୁଭେଚ୍ଛୁ ସାମିଲ ହୋଇଥିଲେ। ପ୍ରଥମେ ମିଲିଟାରୀ ଛକରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଦିଆଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହି ପ୍ରତିଷ୍ଠା ଦିବସରେ ଦାନଗଦି ବ୍ଲକ ପଞ୍ଚାୟତ ସମିତି ଅଧକ୍ଷା, ଉପାଧକ୍ଷ, ଦାନଗଦି ବିଜୁ ଜନତା ଦଳ ସଭାପତିଙ୍କ ସହିତ ଅନେକ ମହିଳା କର୍ମୀ ଯୋଗଦେଇଥିଲେ।

**ବିଞ୍ଝାରପୁର/ସିଂହପୁର/ପ୍ରୀତିପୁର:** ବିଞ୍ଝାରପୁର ବ୍ଲକ ବିଜେଡି ପକ୍ଷରୁ ଫତେପୁରସ୍ଥିତ ଗଙ୍ଗାଆଙ୍ଗନ କଲ୍ୟାଣ ମଣ୍ଡପ ପରିସରରେ ବିଜୁ ଜନତା ଦଳର ନିର୍ବାଚନ ମଣ୍ଡଳୀସ୍ତରୀୟ ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଞ୍ଝାରପୁର ବିଜେଡି ସଭାପତି ନନ୍ଦ କିଶୋର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଧାୟିକା ପ୍ରମିଳା ମଲ୍ଲିକ ଯୋଗଦେଇଥିଲେ। ଏହି ଅବସରରେ ବ୍ଲକ ଅଧକ୍ଷା ରଞ୍ଜିତା କୁମାରୀ ଦାସ, ଯୁବ ବିଜେଡି ସଭାପତି ଦିଲ୍ଲିପ ରାଉଳ, ଛାତ୍ର ସଭାପତି ଲେନିନ ଦାସ, ଜିଲ୍ଲା ପରିଷଦ ସଭ୍ୟ ଖଗେଶ୍ୱର ମହାନ୍ତି, ସଭ୍ୟା ସୁନୀତା ନାୟକ, ଅହଲ୍ୟା ସ୍ୱାଇଁ, ମାମିନା ମଲ୍ଲିକ, ନିନାରାଣୀ ସାମଲ, ବ୍ଲକ ଉପାଧକ୍ଷ ସେକ ଇର୍ସାଦ, କୃଷକ ନେତା ନିତ୍ୟାନନ୍ଦ ରାଉତ, ବ୍ଲକ ବିଜେଡି ଉପ ସଭାପତି ସୁଖରଞ୍ଜନ ପରିଡ଼ା, ମାଁସଡ଼ା ପଞ୍ଚାୟତ ସରପଞ୍ଚ ପ୍ରତିନାଧି ରଞ୍ଜନ କୁମାର ଜେନା, ଯୁବନେତା ଶ୍ୟାମସୁନ୍ଦର ବେହେରା, ବସନ୍ତ ମିଶ୍ର, ସରୋଜ ସାମଲ, ଦର୍ପନାରାୟଣ ଦାସ, କୈଳାସ ମଲ୍ଲିକ, ପ୍ରଦୀପ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।


**ବରୀ:** ବିଜୁଜନତା ଦଳର ପ୍ରତିଷ୍ଠା ଦିବସ ବରୀ ବ୍ଲକ ଅଟିରା ପଞ୍ଚାୟତ ସନ୍ଥନ ମଠ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ମହାନ୍ ଜନନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ ଏହି ଦଳର ମୁଖିଆ, ନେତା ଓ କର୍ମକର୍ତ୍ତାମାନଙ୍କ ନିଷ୍ଠା ଯୋଗୁଁ ଓଡ଼ିଶାର ବିକାଶ ସମ୍ଭବ ହୋଇ ପାରିଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରୀ ବିଜୁ ଜନତା ଦଳର ସଭାପତି କେଦାର ଚନ୍ଦ୍ର ସାମଲ ସଭାପତିତ୍ୱ କରିଥିବା ବେଳେ ବରୀ ବ୍ଲକ ଉପାଧକ୍ଷା ଅର୍ଚ୍ଚନା ମଲ୍ଲିକ, ଜିଲ୍ଲାପରିଷଦ ସଭ୍ୟ ଅଶୋକ କୁମାର ସାମଲ, ଦିଲ୍ଲୀପ ମହାନ୍ତି, ସନ୍ତୋଷ ସାମଲ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ମହାକୁଡ଼, ସ୍ଥାନୀୟ ସରପଞ୍ଚ ହରପ୍ରିୟା ସାହୁ, ମଧୁସ୍ମିତା ବେହେରା, କୈଳାସ ମଲିକ, କୁନା ମଲିକ, ସମିତି ସଭ୍ୟ ଶ୍ରୀଧର ସେଠି, ଚିନ୍ତାମଣି ଜେନା, ପ୍ରସନ୍ନ ସାମଲ, ଅରବିନ୍ଦ ମହାନ୍ତିଙ୍କ ସମେତ ବିଜୁ ଜନତା ଦଳର ବହୁ ଆଗ ଧାଡ଼ିର କର୍ମୀ ମାନେ ଯୋଗ ଦେଇଥିଲେ। ଏହି ଅବସରରେ ବିଜେପି ଛାଡ଼ି ଚନ୍ଦନପୁର ସରପଞ୍ଚ ଚପଳା ମଲ୍ଲ, ସହୁପଡ଼ା ସମିତି ସଭ୍ୟା, ଅରଙ୍ଗାବାଦ ସମିତି ସଭ୍ୟା, ଓ ଅଟିରା ପଞ୍ଚାୟତ ର ସମିତି ସଭ୍ୟ ବିଜେଡିରେ ଯୋଗ ଦେଇଥିଲେ। ଯୁବ ନେତା ରଞ୍ଜନ ପଣ୍ଡା ଧନ୍ୟବାଦ୍ ପ୍ରଦାନ କରିଥିଲେ।

## ନୂଆହାଟ କଲେଜରେ ବୀର୍ ବାଲ୍ ଦିବସ




**ବଡଚଣା, ୨୬।୧୨(ସମିସ):** ବଡଚଣା ବ୍ଲକ ଅନ୍ତର୍ଗତ ନୂଆହାଟ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବୀରବାଲ୍ ଦିବସ ପାଳିତ ହୋଇଯାଇଛି। ଜାତୀୟ ସେବା ଯୋଜନାର ସଂଯୋଜକ ଅଧାପକ କିଶୋର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷ ପ୍ରାଧାପକ ପବିତ୍ର ମୋହନ ମାହାଲା ଯୋଗଦେଇଥିଲେ। ଯୁବକ ମାନଙ୍କ ଭିତରେ ସୂର୍ଯ୍ୟ ଭଳି ଅମାପ ଶକ୍ତି ପୁରି ରହିଛି। ଏହି ଶକ୍ତିକୁ ବିନିଯୋଗ କରି ଦେଶ ଓ ଜାତିର ଉନ୍ନତି ଦିଗରେ ବିନିଯୋଗ କରାଇବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପ୍ରଶାସନିକ ମୁଖ୍ୟ ବରିଷ୍ଠ ଅଧାପକ ନାରାୟଣ ଚନ୍ଦ୍ର ମୁଦୁଲି ନିଜର ପ୍ରତିଭା ପରିପ୍ରକାଶ କରିବା ପାଇଁ ବୟସ ନୁହେଁ ନିଜର କର୍ତ୍ତବ୍ୟ, ନିଷ୍ଠା, ଏକାଗ୍ରତା ସାହାସ ଧୈର୍ଯ୍ୟ ଦରକାର। ଦେଶର ସୁରକ୍ଷା ପାଇଁ ସେବା, ତ୍ୟାଗ, ବଳିଦାନ, ପରି ମହତ ଗୁଣ ଆଜିର ଯୁବପିଢ଼ି ପାଇଁ ପ୍ରେରଣା ହେବ ବୋଲି କହିଥିଲେ। ଜାତୀୟ ସେବା ଯୋଜନାର ସହ ସଂଯୋଜିକା ଅଧାପିକା ଗୀତାଞ୍ଜଳି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧାପକ ଅଧାପିକା କର୍ମଚାରୀ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ପୁସ୍ତକ ଲୋକାର୍ପଣ ଉତ୍ସବ




**ବଡ଼ଚଣା, ୨୬।୧୨(ସମିସ):** ଚଣ୍ଡିଖୋଲସ୍ଥିତ ଡିୟୁ ପବ୍ଲିକ ସ୍କୁଲ ପରିସରରେ ସଂସ୍କୃତି, ସାଂସ୍କୃତିକ ଐତିହ୍ୟ, ସାମାଜିକ ପରିବର୍ତ୍ତନ ଏବଂ ଆଧୁନିକତା ଶୀର୍ଷକ ଏକ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଅଧାପକ ଡ. ଦୈତାରୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଗବେଷକ ଡ. ସନ୍ତୋଷ କୁମାର ମହାପାତ୍ର ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧାପକ ଡ. ମନୋରଞ୍ଜନ ମହାନ୍ତି ସମ୍ମାନିତ ଅତିଥି ଭାବେ ଡିୟୁ ପବ୍ଲିକ ସ୍କୁଲର ନିର୍ଦ୍ଦେଶକ ଡ. ବିଶ୍ୱଜିତ ମହାପାତ୍ର ଓ ପ୍ରଧାନ ଶିକ୍ଷୟିତ୍ରୀ ଅନିତା ତ୍ରିପାଠୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୁସ୍ତକର ସମ୍ପାଦକ ମାନସ କୁମାର ରାଉତ ଅତିଥି ପରିଚୟ ଓ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଅବସରରେ ଆଦର୍ଶ ଶିକ୍ଷୟିତ୍ରୀ ଭାବେ ଅନିତା ତ୍ରିପାଠୀ, ସମାଜସେବୀ ଦେବବ୍ରତ ରାଉତ ସାମ୍ବାଦିକ ସୁରେଶ କର, ଆଦର୍ଶ ଶିକ୍ଷକ ଘନଶ୍ୟାମ ସ୍ୱାଇଁ, ଡିୟୁ ପବ୍ଲିକ ସ୍କୁଲର ଅଧକ୍ଷା ସୁଜାତା ମହାପାତ୍ର, ଉପାଧକ୍ଷା ଡ. ରାଜଶ୍ରୀ ମହାପାତ୍ର ଦିବ୍ୟ ରଞ୍ଜନ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଆଦିବାସୀ ଖାଦ୍ୟ ପ୍ରସ୍ତୁତି ତାଲିମ ଶିବିର

**ଯାଜପୁର/ଯଖପୁରା/ଦାନଗଦି, ୨୬।୧୨(ସମିସ):** କଳିଙ୍ଗନଗର ଆଖପାଖ ଅଞ୍ଚଳରେ ଥିବା ଲୋକମାନଙ୍କ ସାମଗ୍ରିକ ବିକାଶ ତଥା ସ୍ଥାନୀୟ ଜନଜାତିଙ୍କ ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ପରମ୍ପରାର ସଂରକ୍ଷଣ ପାଇଁ ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସଏଫ୍) ନିଜର ପ୍ରୟାସ ଜାରି ରଖିଛି। ଏହି ପଦକ୍ଷେପର ଅଂଶସ୍ୱରୂପ, ଫାଉଣ୍ଡେସନ ପକ୍ଷରୁ ଗୋବରଘାଟି-୧, ଗୋବରଘାଟି-୨ ଏବଂ ରାମଠେଙ୍ଗ ଗ୍ରାମର ଚାରିଜଣ ପ୍ରତିଭାବାନ ଆଦିବାସୀ ମହିଳା ସେଫ୍‌ଙ୍କ ପାଇଁ ପୁରୀ ଜିଲ୍ଲାସ୍ଥିତ କୋଣାର୍କ ଇକୋ ରିଟ୍ରେଟ୍‌ରେ ଏକ ତିନିମାସିଆ ଆବାସିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଡିସେମ୍ବର ୧୧ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆସନ୍ତା ମାର୍ଚ୍ଚ ୧୧ ପର୍ଯ୍ୟନ୍ତ ଚାଲିବ। ଆଦିବାସୀ ଖାଦ୍ୟ ପ୍ରଣାଳୀକୁ ସୁଦୃଢ଼ କରିବା ସହ ଏହା ମାଧ୍ୟମରେ ଦୀର୍ଘସ୍ଥାୟୀ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଟାଟା ଷ୍ଟିଲ୍ ଫାଉଣ୍ଡେସନର 'ସମ୍ବାଦ' କାର୍ଯ୍ୟକ୍ରମ ଅଧୀନରେ ପରିଚାଳିତ ଏହି ତାଲିମ ଶିବିରରେ ପ୍ରସିଦ୍ଧ ଆଦିବାସୀ ଖାଦ୍ୟ ପରାମର୍ଶଦାତା ତଥା ଫୁଡ୍ ବ୍ଲଗର୍ ମାଷ୍ଟର ସେଫ୍ ମଧୁସ୍ମିତା ସୋରେନ ମୁର୍ମୁ ମୁଖ୍ୟ ପ୍ରଶିକ୍ଷିକା ଭାବେ ଯୋଗଦେଇଛନ୍ତି। ମଧୁସ୍ମିତା ପୂର୍ବରୁ କଳିଙ୍ଗନଗର ଅଞ୍ଚଳର ୩୫ ଜଣ ଆଦିବାସୀ ରୋଷେୟାଙ୍କୁ ତାଲିମ ପ୍ରଦାନ କରି ସ୍ଥାନୀୟ ଖାଦ୍ୟ ଶୈଳୀର ପ୍ରଚାର ପ୍ରସାର ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଏହି ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିବା ଗୋବରଘାଟିର ଗୀତା ଜାମୁଦା ଏବଂ ପ୍ରିୟଦର୍ଶିନୀ ସୋଏ ନିଜର ଅନୁଭୂତି ବାଣ୍ଟିଛନ୍ତି। ଏହି କାର୍ଯ୍ୟକ୍ରମର ସମାପ୍ତି ପରେ ଏକ ସାଧାରଣ ଖାଦ୍ୟ ମହୋତ୍ସବ ଆୟୋଜନ କରାଯିବାର ଯୋଜନା ରହିଛି। ଯେଉଁଠାରେ ଅଂଶଗ୍ରହଣକାରୀମାନେ ସେମାନଙ୍କର ରୋଷେଇ କୌଶଳ ପ୍ରଦର୍ଶନ କରିବେ।



### ତ୍ରୈଲୋକ୍ୟ ମେମୋରିଆଲ

## ଗୋଲକୁଣ୍ଡକୁ ହରାଇ ଭୁବନେଶ୍ୱର ଚାମ୍ପିଅନ



**ବରୀ, ୨୬।୧୨(ସମିସ):** ଜଗାବଳିଆ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅଲିଆବାଦ ପଡ଼ିଆ ଠାରେ ଆୟୋଜିତ ତ୍ରୈଲୋକ୍ୟନାଥ ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲିକ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ସିନେ ଅଭିନେତ୍ରୀ ତନୁଶ୍ରୀ ଦାସ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସନ୍ତୋଷ କୁମାର ସାମଲ, ସମାଜସେବୀ ପ୍ରସନ୍ନ ସାମଲ ପ୍ରମୁଖ ଯୋଗଦେଇଥିଲେ। ଆଇସିସି ଭୁବନେଶ୍ୱର ଟସ୍ ଜିତି ଫିଲ୍ଡିଂ ନେବାକୁ ସ୍ଥିର କରିଥିଲା। ଗୋଲକୁଣ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୯୯ ରନ କରିଥିଲା। ଦ୍ୱିତୀୟ ପାଳିରେ ଭୁବନେଶ୍ୱର ଦଳ ବ୍ୟାଟିଂ କରି ୧୬.୩ ଓଭର ଖେଳି ୪ ୱିକେଟ ହରାଇ ବିଜୟ ଲାଭ କରିଥିଲା। ବିଜେତା ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ଦିଆଯାଇଥିବା ବେଳେ ରନର୍ସ ଅପ୍ ଟିମକୁ ୧୦ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। କ୍ଲବର ସଭାପତି ଚିନ୍ମୟ କୁମାର ଦାସ, ଚନ୍ଦନ କୁମାର ପ୍ରଧାନ, ଦୁର୍ଯ୍ୟୋଧନ ଜେନା, ଜ୍ୟୋତିରଞ୍ଜନ ଦାସ, ପ୍ରସନ୍ନ କୁମାର ଜେନା, ପ୍ରଭାସ କୁମାର ଦାସ, ବିଶ୍ୱରଞ୍ଜନ ଦାସ, ଶ୍ରୀକାନ୍ତ କୁମାର ଦାସ, ଉତ୍କଳ ରଞ୍ଜନ ଦାସ ଓ କ୍ଲବର ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ରବୀନ୍ଦ୍ର କୁମାର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।

## ଦମ୍ପତିଙ୍କ ଆତ୍ମହତ୍ୟା ଉଦ୍ୟମ

**ସୁକିନ୍ଦା, ୨୬।୧୨(ସମିସ):** ପାରିବାରିକ ସମସ୍ୟାରେ ଅତିଷ୍ଠ ହୋଇ ସ୍ୱାମୀସ୍ତ୍ରୀ ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇଥିବା ଘଟଣା ସୁକିନ୍ଦା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁସାରେ ସୁକିନ୍ଦା ପଞ୍ଚାୟତ ଅନ୍ତର୍ଗତ ପୁରୁଣାପାଣି ଗ୍ରାମର କାଳିଆ ମୁଣ୍ଡାଙ୍କ ପୁଅ ମିଟୁ ମୁଣ୍ଡା (୨୮) ଓ ମିଟୁର ସ୍ତ୍ରୀ ରାଧିକା ମୁଣ୍ଡା ପାରିବାରିକ ବିବାଦରେ ଅତିଷ୍ଠ ହୋଇ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଘଟଣା ସମ୍ପର୍କରେ ପରିବାର ଲୋକେ ଜାଣିପାରି ସ୍ଥାନୀୟ ଲୋକମାନଙ୍କ ସହାୟତାରେ ଉଭୟଙ୍କୁ ଉଦ୍ଧାର କରି ଗୁରୁବାର ରାତିରେ ସୁକିନ୍ଦା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଉଭୟଙ୍କ ଅବସ୍ଥା ଗୁରୁତର ଥିବାର ଚିକିତ୍ସା ଜାରୀ ରହିଛି।

## ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

**ସୁକିନ୍ଦା, ୨୬।୧୨(ସମିସ):** ସୁକିନ୍ଦା ଅଶୋକଝର ରାସ୍ତାର ବିରୀଗଡ଼ା ଛକ ନିକଟରେ ଏକ ବାଇକ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ସୁକିନ୍ଦା ଥାନା ଅନ୍ତର୍ଗତ କବାଟ ଗ୍ରାମ ପଦ୍ମଲୋଚନ ମହାନ୍ତ ଗତ ଗୁରୁବାର ରାତିରେ ବାଇକ୍ ନେଇ ଘରକୁ ଫେରୁଥିବା ସମୟରେ ଦୁର୍ଘଟଣାର ଶୀକାର ହୋଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ପଦ୍ମଲୋଚନକୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।

## ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ




**ଯଖପୁରା, ୨୬।୧୨(ସମିସ):** ଶ୍ରୀଜଗନ୍ନାଥ ବରିଷ୍ଠ ନାଗରିକ ସଂଘ ଯଖପୁରାର ବାର୍ଷିକ ଉତ୍ସବ ପୂଜ୍ୟପୂଜା ସମ୍ମାନ ଯଖପୁରା ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ତ୍ରିଲୋଚନ ଧଳ ସଭାପତିତ୍ୱ କରିଥିଲେ। ଉପସଭାପତି ନୀଳମାଧବ ନାୟକ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ହୃଷୀକେଶ ବିଶ୍ୱାଳ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର କ୍ଷେତ୍ରୀୟ ସମ୍ପାଦକ ପ୍ରହଲ୍ଲାଦ ରାଉତ ତାଙ୍କ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଦାନଗଦି ବ୍ଲକର ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ରାୟ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯଖପୁରା ଥାନା ଅଧିକାରୀ ଆଶିଷ କୁମାର ସାହୁ ଓ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ଉପସଭାପତି ଇନ୍ଦ୍ରମଣୀ ନାହାକ, ମୁଖ୍ୟବକ୍ତା ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର କାର୍ଯ୍ୟକାରୀ ସଭାପତି ଇଞ୍ଜିନିୟର ଗିରିଜା ନନ୍ଦନ ମହାନ୍ତି ଯୋଗଦେଇଥିଲେ।ମୁଖ୍ୟ ଅତିଥିଭାବେ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ସଭାପତି ଡାକ୍ତର ପ୍ରସନ୍ନ କୁମାର ଦାସ ଯୋଗ ଦେଇ ସୁସ୍ଥ ରହିବା ପାଇଁ କେତେଗୁଡିଏ ରୋଗର ଲକ୍ଷଣ ଓ ତାର ନିରାକରଣ ସମ୍ପର୍କରେ ସୂଚନା ଦେଇଥିଲେ। ମଧୁସୂଦନ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

## ବୃଦ୍ଧାଶ୍ରମରେ ଅଟୋ ଚାଳକ ସଂଘ

**ପାଣିକୋଇଲି, ୨୬।୧୨(ସମିସ):** ପାଣିକୋଇଲିସ୍ଥିତ ମା' ତାରିଣୀ ଅଟୋ ମାଲିକ ସଂଘ ପକ୍ଷରୁ ଆଜି ଶେଷ ପରିଚୟ ବୃଦ୍ଧାଶ୍ରମରେ ପହଞ୍ଚିଥିଲା। ପୁରୁଣା ବର୍ଷକୁ ବିଦାୟସହ ନୂତନ ବର୍ଷକୁ କିଏ କେଉଁ ଢଙ୍ଗରେ ପାଳନ କରୁଥିବା ବେଳେ ଅଟୋମାଲିକ ସଂଘ ବୃଦ୍ଧାଶ୍ରମ ଯାଇଥିଲେ। ଅନ୍ତେବାସୀମାନେଙ୍କ ସହ ମିଶି ସେମାନଙ୍କ ସୁଖଦୁଃଖ ବୁଝିଥିଲେ। ପରେ ବୃଦ୍ଧାଶ୍ରମକୁ ରାସନ ଓ ପନିପରିବା ଆଦି ଯୋଗାଇଦେଇଥିଲେ।

ବିଜେଡି ପ୍ରତିଷ୍ଠା ଦିବସ

# ନବୀନ ପଟ୍ଟନାୟକ ଏବେ ବି ସର୍ବମାନ୍ୟ, ବିଜେଡି ଶ୍ରେଷ୍ଠ ଆଞ୍ଚଳିକ ଦଳ









ଭଦ୍ରକ, ୨୬।୧୨ (ସମିସ): ୨୯ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଭଦ୍ରକ ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ସହିଦ ସ୍ମୃତି ଭବନ(ଟାଉନ ହଲ) ଠାରେ ଏକ ବିଶାଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଜେଡି ଦେଶର ବୃହତ ଆଞ୍ଚଳିକ ଦଳ। ରାଜ୍ୟରେ ବହୁବିଧ ଉନ୍ନୟନ କାର୍ଯ୍ୟ କରି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଆଜି ବି ଓଡ଼ିଶାବାସୀଙ୍କ ହୃଦୟରେ ଅଛନ୍ତି ବୋଲି ରାଜ୍ୟ ବିଜେଡି ଉପସଭାପତି ତଥା ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ବକ୍ତବ୍ୟରେ କହିଥିଲେ। ଏହି ସଭାରେ ସମାଜସେବୀ ବିପ୍ଳବୀ ମହାନ୍ତି ଓ କିନ୍ନର ସମାଜରୁ ସଞ୍ଜନା ସାସମଲ୍ ନେତୃତ୍ୱରେ ୨୦ରୁ ଉର୍ଦ୍ଧ୍ୱ କିନ୍ନର ଭଉଣୀ ନବୀନ ବାବୁଙ୍କ ପ୍ରତି ଆକୃଷ୍ଟ ହେଇ ବିଜେଡିରେ ଯୋଗଦାନ କରିଥିଲେ। ପରେ ବିଜୁ ମହିଳା ଜନତା ଦଳ ତରଫରୁ ଭଦ୍ରକ ଏସ୍‌ପିଙ୍କୁ ରାଜ୍ୟରେ ବଢ଼ିଚାଲିଥିବା ମହିଳା ଓ ଶିଶୁ ଅପରାଧ ବିରୋଧରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପୁଣି ଥରେ ନବୀନ ବାବୁଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଉପସ୍ଥିତ କର୍ମୀମାନେ ସଂକଳ୍ପ ନେଇଥିଲେ। ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କି ଦଲାୱାଜି ହବିବ, ଭଦ୍ରକ ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାୟକ, ଟାଉନ୍ ବିଜେଡି ସଭାପତି ମହମ୍ମଦ ଜକାଉଲ୍ଲା, ପାରିଷଦ ଦିଲ୍ଲୀପ ନାୟକ, ଖଗେଶ୍ୱର ବାରିକ, ସୟେଦ ନାସର ଅଲ୍ଲୀ, ସାହିଦ ଖାନ, ଜାହିରୁଦ୍ଦିନ ଖାନ, ସରପଞ୍ଚ ଫରହାତ ଆଲାମ୍ ଖାନ, ରତ୍ନାକର ସାମଲ, ପ୍ରତାପ ମହାନ୍ତି, ପାରିଷଦଙ୍କ ପ୍ରତିନିଧି ପଙ୍କଜ ବଳ, ରଘୁନାଥ ପଣ୍ଡା, ଟୁଲୁ ପଣ୍ଡା, ସୁଶାନ୍ତ ଚୌଧୁରୀ, ସୁରେନ୍ଦ୍ର ପୃଷ୍ଟି, ଯୁବନେତା ଜାହିଦ ହବିବ, ବିକାଶ ଶ୍ରେଷ୍ଠା, ସୁବ୍ରତ ଦାସ, ନାସିରୁଦ୍ଦିନ ଖାନ, ଅଖ୍‌ତର ଅଲ୍ଲୀ ଖାନ, ଇମତିୟାଜ୍ କମାଲ ଖାନ ପ୍ରମୁଖ ବହୁ ବିଜେଡି କାର୍ଯ୍ୟକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ବିଜେଡିନେତାମାନେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।



**ଅସୁରାଳି:** ପ୍ରତିଷ୍ଠା ଦିବସରେ ଧାମନଗର ନିର୍ବାଚନମଣ୍ଡଳୀର ବିଜେଡିର ବହୁ ଆଗଧାଡିର ନେତୃତ୍ୱ ଯୋଗ ଦେଇଥିଲେ। ଧାମନଗର ବ୍ଲକ ବିଜେଡି ସଭାପତି ପ୍ରତାପ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ଡାକ୍ତର ସଞ୍ଜୟ ଦାସ, ଧାମନଗଗର ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଧୂଷୁରୀ ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ ମଲ୍ଲିକ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଅସୁରାଳି ଜିଲ୍ଲା ପରିଷଦ ଜୋନ ସଦସ୍ୟ ସାରଦାପ୍ରସନ ସାହୁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଅବନ୍ତୀ ଦାସ, ସରପଞ୍ଚ ଅଜୟ ମଲ୍ଲିକ, ସନ୍ତୋଷ ରାୟ, ସରପଞ୍ଚ ସରସ୍ୱତୀ ସାହୁ, ଦୟାନିଧି ମିଶ୍ର, ସରପଞ୍ଚ ସୀତାକାନ୍ତ ମିଶ୍ର, ଉମେଶ ମହାନ୍ତି, ଯୁବନେତା ସନ୍ଦୀପ ସ୍ୱାଇଁ, ଖଗେଶ୍ୱର ଖଟୁଆ, ରାଜେନ୍ଦ୍ର ପଲାଇ, ବିଦ୍ୟୁତଲତା ନାୟକ, ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଓସିମ ଏଜଦାନି କାଦିରୀ, ନଗର ସଭାପତି ବିଜୟକେତନ ସାହୁ, ସୁଶାନ୍ତ ରାଉତ, ଭାରତବିଜୟ ଦଳେଇ, ମାନସ ବାରିକ, ସେକ ଜାଫର ଅଲ୍ଲୀ, ସେକ ମୁସ୍ତାକ ପ୍ରମୁଖ ଯୋଗ ଦେଇଥିଲେ। ଚାନ୍ଦବାଲି ଛାତ୍ରୀ ଦୁଷ୍କର୍ମ ଘଟଣା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ଘଟୁଥିବା ଘଟଣାଗୁଡ଼ିକୁ ଉଲ୍ଲେଖ କରାଯାଇଥିଲା। ବିଜେଡିକୁ ପଞ୍ଚାୟତ ସ୍ତରରେ ବ୍ୟାପକ କରିବା ସହ ପୂର୍ବ ନବୀନ ସରକାରଙ୍କ ସଫଳତା ଏବଂ ବର୍ତ୍ତମାନ ରଙ୍ଗ ବଦଳା ସରକାରଙ୍କ ବିରୁଦ୍ଧରେ ଲୋକମାନଙ୍କୁ ସଚେତନ କରାଯିବ ବୋଲି ଏହି ବୈଠକରେ ସଂକଳ୍ପ ନିଆଯାଇଛି।

**ବାରିକପୁର:** ଭଣ୍ଡାରିପୋଖରୀ ବ୍ଲକ ବିଜେଡି ପକ୍ଷରୁ ବ୍ଲକ ସଭାପତି ଲକ୍ଷ୍ମୀଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ସାମ୍ପ୍ରତିକ ସମୟରେ ବିଜେଡି ଆଭିମୁଖ୍ୟ ସମ୍ପର୍କରେ ମତ ଦେଇଥିଲେ। ସର୍ବପ୍ରଥମେ ବ୍ଲକ ଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତିରେ ବିଧାୟକ ଶ୍ରୀ ମଲ୍ଲିକ ଓ ବରିଷ୍ଠ ନେତୃବୃନ୍ଦମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବ୍ଲକ ବିଜେଡି ସଭାପତି ଲଳିତ ରାଉତ, ଛାତ୍ର ସଭାପତି ଜଗତ ଜୀବନ ବାରିକ, ସରପଞ୍ଚ ବର୍ଷାରାଣୀ ଜେନା, ଧନେଶ୍ୱର ଖୁଣ୍ଟିଆ, ସତ୍ୟବ୍ରତ ପାଲ, ପୂର୍ଣ୍ଣଚନ୍ଦ୍ର ମାଝି, ସତ୍ୟାନନ୍ଦ ମହାପାତ୍ର, ଦୀପକ ପାଣିଗ୍ରାହୀ, ମନୋରଞ୍ଜନ ସାହୁ, ଦିନେଶ ସାହୁ, ଜୟନ୍ତ ସାହୁ, ଦୟାନିଧି ପଣ୍ଡା, ସୁଶାନ୍ତ ମଲ୍ଲିକ, ପ୍ରୀତିରଞ୍ଜନ ନାୟକ, ଅବିନାଶ ରାଉତ, ଅଭୟ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହାଛଡା ୨୩ଟି ପଞ୍ଚାୟତର ଛାମୁଆ କର୍ମୀ ଉପସ୍ଥିତ ଥିଲେ।



**ବନ୍ତ/ଆଗରପଡ଼ା:** ବିଜୁ ଜନତା ଦଳ ପକ୍ଷରୁ ବ୍ଲକ୍ ବିଜେଡି କର୍ମୀ ଓ ନେତାମାନେ ଏକ ବିଶାଳ ପଟୁଆରରେ ବିଜୁ କଲ୍ୟାଣମଣ୍ଡପସ୍ଥିତ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଅପରାହ୍ନରେ ବନ୍ତ ଡ଼ିଗିଆଡ଼ିଠାରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ମନ୍ତ୍ରୀ ତଥା ଆଳି ବିଧାୟକ ପ୍ରତାପ ଦେବ, ଭଣ୍ଡାରିପୋଖରୀ ବିଧାୟକ ସଂଜିବ ମଲ୍ଲିକଙ୍କ ସହ ଦଳୀୟ କର୍ମକର୍ତ୍ତା ପ୍ରତିଷ୍ଠା ଦିବସକୁ ଉଦ୍‌ଘାଟନ କରିଥିଲେ। ବ୍ଲକ୍ ବିଜେଡି ବରିଷ୍ଠ ନେତା ପ୍ରଶାନ୍ତ କୁମାର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଆଳି ବିଧାୟକ ବର୍ତ୍ତମାନ ବିଜେପିର ଡ଼ବଲ ଇଂଜିନ ସରକାର ଏବଂ ନବୀନ ପଟ୍ଟନାୟକ ଶାସନର ତୁଳନାତ୍ମକ ଅବଲୋକନ କରି ରାଜ୍ୟରେ ବଢ଼ି ଚାଲିଥିବା ଆଇନଶୃଙ୍ଖଳା ପରିସ୍ଥିତି, ସାମାଜିକ ଅରାଜକତା, ବିଶୃଙ୍ଖଳା ଆଦି ପ୍ରସଙ୍ଗରେ ବର୍ଷିଥିଲେ। ଭଣ୍ଡାରୀପୋଖରି ବିଧାୟକ ଶ୍ରୀ ମଲ୍ଲିକ ତାଙ୍କ ବକ୍ତବ୍ୟରେ ବିଜେଡି ଲୋକଙ୍କ ସ୍ୱର ଓ ଲୋକଙ୍କ ବଳ ହୋଇ କାର୍ଯ୍ୟ କରୁଛି ବୋଲି କହିବା ସହ ଓଡ଼ିଶାର ବିକାଶରେ ବିଜେଡି ସର୍ବଦା ଅଟଳ ବୋଲି ଉଦବୋଧନ ଦେଇଥିଲେ। ବିଜୁ ବାବୁଙ୍କ ଆଦର୍ଶ ଓ ଲକ୍ଷ ଲକ୍ଷ କର୍ମୀଙ୍କ ସମର୍ପଣରେ ବିଜେଡି ଦେଶର ଶ୍ରେଷ୍ଠ ଆଞ୍ଚଳିକ ଦଳ ହୋଇଛି। ସମସ୍ତେ ସେବା, ସ୍ୱାଭିମାନ ଓ ସଂଗ୍ରାମର ମନ୍ତ୍ରରେ ସଂକଳ୍ପବଦ୍ଧ ହୋଇ ଆଗକୁ ବଢ଼ିବାକୁ ସୁପ୍ରିମୋ ନବୀନ ବାବୁ ଦେଇଥିବା ଆହ୍ୱାନକୁ ଲକ୍ଷ୍ୟ ରଖି କାର୍ଯ୍ୟ ଜାରି ରଖିବାକୁ ବିଧାୟକ ଶ୍ରୀ ମଲ୍ଲିକ ପରାମର୍ଶ ଦେଇଥିଲେ। ଭଦ୍ରକ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ ଜେନା, ବ୍ଲକ୍ ଉପସଭାପତି ପ୍ରଗତିବାଳା ସ୍ୱାଇଁ, ବିଧାୟକଙ୍କ ପ୍ରତିନିଧି ଲାଲା ସ୍ୱାଇଁ, ବ୍ଲକ ସଭାପତି ସତ୍ୟସାଧନ ବେଜ, ଜିଲ୍ଲା ପରିଷଦ ସଭ୍ୟା ରୁନିତା ଦାସ, ଜିଲ୍ଲା ଛାତ୍ରବିଜେଡ଼ି ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ଚିନ୍ମୟ ଦାସ, ଉତ୍କଳକେଶରୀ ମହାନ୍ତି, ଲକ୍ଷ୍ମୀକାନ୍ତ ମହାନ୍ତି, ବିପିନବିହାରୀ ନାୟକ, ସୁବାସ ଦାସଙ୍କ ସହ ବହୁକର୍ମୀ ଯୋଗ ଦେଇଥିଲେ। ଏହି ସଭାରେ ୨୫ଟି ପଞ୍ଚାୟତର ଦଳୀୟ କର୍ମୀ ଓ ନାଗରିକ ଯୋଗ ଦେଇଥିବା ବେଳେ ଦଳୀୟ କର୍ମକର୍ତ୍ତା ସହଯୋଗ କରିଥିଲେ।

**ବାସୁଦେବପୁର:** ବାସୁଦେବପୁର ନିର୍ବାଚନମଣ୍ଡଳୀର ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ସଭାରେ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଉଦବୋଧନ ଦେଇ ଦଳୀୟ ସଂଗଠନକୁ ଆଗକୁ ନେବାକୁ ହେଲେ ବିଜେଡିର କର୍ମୀମାନଙ୍କୁ ଆତ୍ମସମୀକ୍ଷା କରିବାକୁ ପଡିବ ବୋଲି ଆହ୍ୱାନ ଦେଇଥିଲେ। ବାସୁଦେବପୁର ଯୁବନେତା ମାନସ ରଞ୍ଜନ ସାହୁ, ରବିନ୍ଦ୍ର ପଣ୍ଡା, ଗିରିଶଚନ୍ଦ୍ର ସାମଲ, ହରିହର ଶିହଳ, ଶଶିକାନ୍ତ ରାଉତ, ଅଗଣୀପ୍ରସାଦ ଜେନା, ଅଜୟ ମହାଳିକ, ଚିନ୍ମୟ ବାରିକ, ଜିଲ୍ଲା ପରିଷଦ ସଭ୍ୟ ଯଦୁନାଥ ନାୟକ, ଛାତ୍ର ଜନତାଦଳର ସଭାପତି କାଳନ୍ଦୀ ଚରଣ ସାହୁ, ଶଶିକାନ୍ତ ରାଉତ, ପ୍ରଫୁଲ୍ଲ ପଳିତା, ଚୂଡାମଣୀ ସରପଞ୍ଚ ଅଗଣୀ ପ୍ରସାଦ ଜେନା, ଜିତେନ୍ଦ୍ର ଦାସ, ଅଜୟ ମହାଳିକ, ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ଦେବଦର୍ଶନ ଦାଶ, ଉମାକାନ୍ତ ସାହୁ, ଚନ୍ଦ୍ରକାନ୍ତ ସାହୁ, କରଞ୍ଜଆଡିଆ ସରପଂଚ ମାର୍କଣ୍ଡ ତରେଇ ଉଦବୋଧନ ଦେଇଥିଲେ। ବିଜେଡି ବ୍ଲକ ସଭାପତି ଦିନବନ୍ଧୁ ଦାସ ସଭାପତିତ୍ୱ କରିଥିଲେ।

## ବାଣିଜ୍ୟ ମେଳାରେ ବିବିସିସି ବ୍ୟାଙ୍କ



ଭଦ୍ରକ, ୨୬।୧୨(ସମିସ): ସମାରାଏପୁର ନାୟରା ପେଟ୍ରୋଲ ପମ୍ପ ନିକଟ ପଡ଼ିଆରେ ଚାଲିଥିବା ଭଦ୍ରକ ବାଣିଜ୍ୟମେଳାରେ ବିବିସିସି ବ୍ୟାଙ୍କ(ଭଦ୍ରକ-ବାଲେଶ୍ୱର କେନ୍ଦ୍ର ସମବାୟ ବ୍ୟାଙ୍କ) ପକ୍ଷରୁ ଏକ ଷ୍ଟଲ ଖୋଲାଯାଇଛି। ଏହି ଷ୍ଟଲରେ ଭଦ୍ରକ ମୁଖ୍ୟ ଶାଖା ବିବିସିସି ବ୍ୟାଙ୍କ ଶଖା ପରିଚାଳକଙ୍କ ସହ ଜୋନଲ ଅଫିସର, ଜିଲ୍ଲାର ଅନ୍ୟ ୯ଟି ଶାଖାର ପଦାଧିକାରୀ ବିଭିନ୍ନ ସରକାରୀ ଯୋଜନା ଓ ବ୍ୟାଙ୍କ ସ୍କିମ୍ ସମ୍ପର୍କରେ ଲୋକଙ୍କୁ ସଚେତନ କରାଉଛନ୍ତି। ମୁଖ୍ୟତଃ ବିବିସିସି ବ୍ୟାଙ୍କରେ ମିଳୁଥିବା ଗୋଲଡ୍ ଲୋନ, କିଷାନ କ୍ରେଡିଟ୍ କାର୍ଡ, କୃଷି ଓ ବ୍ୟବସାୟ ଋଣ ଆଦି ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଉଛି।

## ସ୍ୱାଧୀନତା ସଂଗ୍ରାମୀଙ୍କ ଧର୍ମପତ୍ନୀ ଓ ବରିଷ୍ଠ ସାମ୍ବାଦିକଙ୍କ ମାତୃ ବିୟୋଗ

ଧାମନଗର, ୨୬।୧୨(ସମିସ): ଧାମନଗର ଅଞ୍ଚଳର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତଙ୍କ ଧର୍ମପତ୍ନୀ ଓ ଧାମନଗର ମିଡିଆ କ୍ଲବ ସାଧାରଣ ସମ୍ପାଦକ ସାମ୍ବାଦିକ ସୁଶାନ୍ତ ରାଉତଙ୍କ ମା' ଲକ୍ଷ୍ମୀପ୍ରିୟା ରାଉତଙ୍କ ୮୫ ବର୍ଷ ବୟସରେ ତାଙ୍କ କମାରବନ୍ଧସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ଦୀର୍ଘ ଦିନ ଧରି ଅସୁସ୍ଥ ହୋଇ ଘରୋଇ ଚିକିତ୍ସାଧୀନ ଥିଲେ। ସେ ଜଣେ ଧର୍ମପରାୟଣା, ପରୋପକାରୀ, ସ୍ନେହୀ ଓ ମିଷ୍ଟଭାଷୀ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ବ୍ରଜକିଶୋର ରାଉତ, ବଡ଼ ପୁଅ ପ୍ରଶାନ୍ତ କୁମାର ରାଉତ, ସାନ ପୁଅ ସୁଶାନ୍ତ ରାଉତ, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ଭଣଜା,ଭାଣିଜି,ବନ୍ଧୁ ବାନ୍ଧବ ଓ ପରିବାର ବର୍ଗ ସମେତ ଜ୍ଞାନ୍ତିକୁଟୁମ୍ବ ଗ୍ରାମବାସୀ ଉପସ୍ଥିତ ଥିଲେ। ପରେ ସ୍ୱର୍ଗତାଙ୍କ



ମରଶରୀରକୁ ନିଜ ପୈତୃକ ଜାଗାରେ ସଂସ୍କାର କରାଯାଇଛି। ବଡ ପୁଅ ଧାମନଗର ଅଂଚଳର ପ୍ରତିଷ୍ଠିତ ବ୍ୟବସାୟୀ ପ୍ରଶାନ୍ତ ରାଉତ ମୁଖାଗ୍ନି ଦେଇଥିଲେ। ବିଜେଡି ନେତା ଡାକ୍ତର ସଞ୍ଜୟ ଦାସ, ସମିତିସଭ୍ୟ ସୂର୍ଯ୍ୟକାନ୍ତ ନାୟକ, କଳାକାର ସଂଘ ଜିଲ୍ଲା ସଭାପତି ସୁବାସଚନ୍ଦ୍ର ମଲ୍ଲିକ, ଧାମନଗର ମିଡ଼ିଆ କ୍ଲବ ସଭାପତି ବିବେକାନନ୍ଦ ପଣ୍ଡା, ଉପସଭାପତି ସେକ ଜାଫର ଅଲ୍ଲୀ, ସହସମ୍ପାଦକ ଦୁର୍ଗାପ୍ରସାଦ ମହାପାତ୍ର, କୋଷାଧ୍ୟକ୍ଷ ପ୍ରଶାନ୍ତ ଦ୍ୱିବେଦୀ, ସଦସ୍ୟ ଦୀନକୃଷ୍ଣ ମହାପାତ୍ରଙ୍କ ସମେତ କ୍ଲବର ସମସ୍ତ ସଭ୍ୟ ଏବଂ ବରିଷ୍ଠ ନାଗରିକ ପରିଷଦର କର୍ମକର୍ତ୍ତା ଓ ବହୁ ସାମ୍ବାଦିକ, ସମାଜସେବୀ, ବୁଦ୍ଧିଜୀବୀ, ଗ୍ରାମବାସୀ ପ୍ରମୁଖ ବାସଭବନରେ ପହଞ୍ଚି ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସେହିପରି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଟୁନିବାଳା ବିଶ୍ୱାଳ, ପ୍ରତାପ ସାମଲ, ବିଜୟକେତନ ସାହୁ, ଅଶୋକ ପୁହାଣ, କୈଳାସଚନ୍ଦ୍ର ମହାପାତ୍ର, ରମେଶଚନ୍ଦ୍ର ବେହେରା, ମାନସ ରଞ୍ଜନ ସାହୁ, ବରିଷ୍ଠ ସାମ୍ବାଦିକ ଅନିଲ ବାରିକ, ବାସୁଦେବ ତ୍ରିପାଠୀ, ରସାନନ୍ଦ ମହାପାତ୍ର, କୃଷ୍ଣଚନ୍ଦ୍ର ଜେନା, ସୁଧାକର ଦାଶ, ପ୍ରଦୀପ ମହାପାତ୍ର, ସଂଜୀବ ମହାନ୍ତି, ବିଶ୍ୱଜିତ ପଲେଇ, ଗୌରାଙ୍ଗ ଦାଶ ଦୁଃଖ ପ୍ରକାଶ କରି ଆତ୍ମାର ସଦଗତି କାମନା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ୧୮ ଦଫା ଦାବି: ଓମ୍‌ସା ପକ୍ଷରୁ ୧ ଘଣ୍ଟା ଆଉଟ୍‌ଡୋର ସେବା ବନ୍ଦ

ଭଦ୍ରକ, ୨୬।୧୨(ସମିସ): ସାରା ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ପଦ ଅପେକ୍ଷା ପାଖାପାଖି ଅଧାରୁ ଅଧିକ ଡାକ୍ତର ପଦ ଖାଲି ରହିଛି। ଏହି ପଦ ସବୁ ପୂରଣ



କରିବା ସହ ଅନ୍ୟ କିଛି ଦାବି ପାଇଁ ସରକାରଙ୍କ ଅଣଦେଖା ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇଛି ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏସନ (ଓମ୍‌ସା)। ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ସରକାରୀ ଡାକ୍ତରଖାନାର ଆଉଟ୍‌ଡୋର (ବହିଃବିଭାଗ)ରେ ରୋଗୀ ସେବାକୁ ୧ ଘଣ୍ଟା ବନ୍ଦ କରଯାଇଛି। ଏହାକୁ ସମର୍ଥନ ଜଣାଇ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଜି ପୂର୍ବାହ୍ନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ବହିର୍ବିଭାଗ ରୋଗୀସେବା ବନ୍ଦ ରହିଥିଲା। ଆନ୍ଦୋଳନ ପ୍ରତ୍ୟାହାର ପର୍ଯ୍ୟନ୍ତ ଏହିପରି ପ୍ରତ୍ୟେକ ଦିନ ୧ ଘଣ୍ଟା ସେବା ବନ୍ଦ ରହିବ ବୋଲି ଓମ୍‌ସା ଜିଲ୍ଲା ଶାଖା ସଭାପତି ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧିରଂଜନ ନାୟକ ଓ ଜିଲ୍ଲା ସମ୍ପାଦକ ଡାକ୍ତର ଅମିତାଭ ଜେନା ପ୍ରକାଶ କରିଛନ୍ତି। ସାରା ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ପଦ ଅପେକ୍ଷା ପାଖାପାଖି ଅଧାରୁ ଅଧିକ ଡାକ୍ତର ପଦ ଖାଲି ପଡ଼ି ରହିଛି। ସବୁ ସରକାରୀ ଡାକ୍ତରଙ୍କ ସୁରକ୍ଷା, କେନ୍ଦ୍ରୀୟ ହାରରେ ବିନା ସର୍ତ୍ତାବଳୀରେ ଡିଏସପି ପ୍ରଦାନ କରିବା ଓ ଏହା ଦନ୍ତ ଚିକିତ୍ସକ ପାଇଁ ମଧ୍ୟ ଲାଗୁ କରିବା, ଓଡିଶା ସରକାରଙ୍କ ଅନ୍ୟ ପ୍ରଥମ ଶ୍ରେଣୀ କନିଷ୍ଠ ବର୍ଗ (ପ୍ରବେଶ)ଙ୍କ ଭଳି ପେ ଷ୍ଟ୍ରକଚର, ଓଏଏଚଏସ୍ ଓ ଦନ୍ତ ଚିକିତ୍ସକଙ୍କର କ୍ୟାଡର ପୁନର୍ବିନ୍ୟାଶ କରିବା ସହିତ ଡାକ୍ତର ମାନଙ୍କର ପଦ ପୂରଣ ସମେତ ୧୮ ଦଫା ବିଭିନ୍ନ ଦାବି ପୂରଣ ପାଇଁ ଆନ୍ଦୋଳନ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଜି ୧ଘଣ୍ଟିଆ ଆଉଟ୍‌ଡୋର ସେବା ବନ୍ଦ ଆନ୍ଦୋଳନରେ ଡାକ୍ତର ପ୍ରଫୁଲ୍ଲ ଘଡେଇ, ଡାକ୍ତର ଦୀପ୍ତିମୂର୍ତ୍ତି ପଣ୍ଡା, ଡାକ୍ତର ବିନୋଦବିହାରୀ ପଣ୍ଡା, ଡାକ୍ତର ମାନସ ରଂଜନ ବିଶ୍ୱାଳ, ଡାକ୍ତର ବିଶ୍ୱଜିତ ରାୟ, ଡାକ୍ତର ସୌମ୍ୟରଂଜନ ପଣ୍ଡା ଓ ଡାକ୍ତର ଦେବସ୍ମିତା ପ୍ରମୁଖ ସାମିଲ ଥିଲେ। ଓମ୍‌ସାର ୧ଘଣ୍ଟା ଆଉଟ୍‌ଡୋର ସେବା ବନ୍ଦ ଯୋଗୁଁ ରୋଗୀମାନେ ଦୁର୍ଦ୍ଦଶା ଭୋଗିଥିବା ପରିଲକ୍ଷିତ ହୋଇଛି। ଏହି ଆନ୍ଦୋଳନ ଆଜିଠାରୁ ବଳବତ୍ତର ରହିବ ବୋଲି ଓମ୍‌ସା ପକ୍ଷରୁ ଜଣାଯାଇଛି।

**ଧାମନଗର:** ସେହିପରି ବିଭିନ୍ନ ଦାବି ନେଇ ଓମ୍ସା ପକ୍ଷରୁ ରୋଗୀ ସେବାକୁ ଗୁରୁତ୍ୱ ଦେଇ ମାତ୍ର ୧ ଘଣ୍ଟା ବହିର୍ବିଭାଗ ବନ୍ଦ କରାଯାଇଥିଲା। ଦାବି ପୂରଣ ନହେବା ଯାଏ ଏହା ସହିତ ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ତ ଜାତୀୟ କାର୍ଯ୍ୟକ୍ରମକୁ ବର୍ଜନ କରାଯିବ ସୂଚନା ଦେଇଛନ୍ତି। ତେବେ ଡାକ୍ତର ମାନଙ୍କର ଦୀର୍ଘ ଦିନ ଧରି ବିଭିନ୍ନ ଦାବି ପୂରଣ କରିବା ପାଇଁ ବାରମ୍ବାର ସରକାରଙ୍କୁ ଅନୁରୋଧ କଲେ ମଧ୍ୟ ସରକାର ଅଣଦେଖା ଓ ପ୍ରତାରଣା କରିଚାଲିଛନ୍ତି। ଓଡ଼ିଶା ମେଡିକାଲ ସର୍ଭିସ୍ ଆସୋସିଏସ ପକ୍ଷରୁ ଡିସେମ୍ବର ୨୬ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସବୁଦିନ



ପୂର୍ବାହ୍ନ ୧୦ଟାରୁ ୧୧ଟା ଏକ ଘଣ୍ଟା ଧରି ବହିର୍ବିଭାଗ ବନ୍ଦ ପାଳନ ଆରମ୍ଭ ହୋଇଛି। ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡାକ୍ତର ମନମୟ ସାମନ୍ତ ସିଂହାର, ଡାକ୍ତର ଶିବାନନ୍ଦ ମହାନ୍ତି, ଡାକ୍ତର ମାଖା ମାଝି, ଡାକ୍ତର କାମିନୀ ପ୍ରମୁଖ ବନ୍ଦ ପାଳନ ପୂର୍ବକ ପ୍ରତିବାଦ ଆରମ୍ଭ କରିଛନ୍ତି।

ଯନ୍ତ୍ରୀ ନାହାନ୍ତି, ପଙ୍କ ଉପରେ ପଡ଼ିଲା ଢଳେଇ

## ନିମ୍ନମାନର କାମକୁ ବନ୍ଦକଲେ ଗ୍ରାମବାସୀ

ବାସୁଦେବପୁର,୨୬।୧୨(ସମିସ): ଠିକାଦାରଙ୍କ ମନମାନିରେ ଚାଲିଛି ରାସ୍ତା କାମ। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ନୀତିନିୟମକୁ ଫୁ କରି ପଙ୍କ ଉପରେ ପଡୁଛି ଢଳେଇ। ନା ଅଛନ୍ତି କନିଷ୍ଠ ଯନ୍ତ୍ରୀ ନା ଅଛନ୍ତି ସହକାରୀ ଯନ୍ତ୍ରୀ। ରାସ୍ତାର ଢଳେଇ କାମରେ ଠିଆ ହେଉଛନ୍ତି ଜଣେ ପିଅନ। ବାସୁଦେବପୁର ବ୍ଲକ ଚୂଡାମଣିରୁ ଗୋପାଳପୁର ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିମ୍ନମାନର କାମ ଅଭିଯୋଗ କରି କାମ ବନ୍ଦ କରିଛନ୍ତି ସ୍ଥାନୀୟ ଗ୍ରାମବାସୀ। ଚୂଡାମଣିରୁ ଗୋପାଳପୁର ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ନିର୍ମାଣ କାମକୁ ଜଣେ ଠିକାଦାର ରାସ୍ତା କାମ କରୁଛନ୍ତି। କିଛି ରାସ୍ତାର କଂକ୍ରିଟ ଢଳେଇ କରୁଥିବା ବେଳେ କିଛି ରାସ୍ତାର ପିଚୁ ହେଉଛି। ପିଚୁ ହେବାକୁ ଥିବା ରାସ୍ତାର ଡଷ୍ଟ ପଡି ପ୍ରବଳ ଧୂଳି ଉଡୁଛି। ଏହି ରାସ୍ତାର ପାର୍ଶ୍ୱର ଜନବସତି ରହିଛି। ସକାଳେ ସନ୍ଧ୍ୟାରେ ରାସ୍ତାରେ ପାଣି ସିଞ୍ଚନ କରୁ ନଥିବାରୁ ଧୂଳି ଉଡ଼ି ଧୂସରିତ ହେଉଛି। ଲୋକେ ଯାତାୟାତ କରିବା କଷ୍ଟକର ହୋଇ ପଡୁଛି। କଂକ୍ରିଟ ରାସ୍ତାର ଦୁଇ ପାର୍ଶ୍ୱର ୱାଲ ଉଠାଇ ବାଲି ୧୦୦ ଏମଏମ ଫିଲିଙ୍ଗ୍ ହୋଇ ଢଳେଇ ପଡିବାର ନିୟମ ଥିବା ବେଳେ କେବଳ ପଲିଥିନ ବିଛାଇ ଢଳେଇ ପକାଇ ଚାଲି ଯାଉଛନ୍ତି ବୋଲି ଗ୍ରାମବାସୀଙ୍କ ଅଭିଯୋଗ। ପାଡୀସାହି ପୋଖରୀ ପାଖରେ ୱାଲ ନଉଠାଇ ପଙ୍କରେ ଢଳେଇ ପକାଇଛନ୍ତି। ଏହାକୁ ବିରୋଧ କରି କାମକୁ ବନ୍ଦ କରିଛନ୍ତି ଗ୍ରାମବାସୀ। ସହକାରୀ ଯନ୍ତ୍ରୀ କାମ ସାଇଟ୍‌କୁ ନଆସିବା ପର୍ଯ୍ୟନ୍ତ କାମ ବନ୍ଦ ରହିବ ବୋଲି ଗ୍ରାମବାସୀ କହିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଓ ଜିଲ୍ଲାପାଳ ହସ୍ତକ୍ଷେପ କରି ନିମ୍ନମାନର କାମକୁ ବନ୍ଦ କରିବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

'ସକାଳ' ପ୍ରଭାବ

୬ବର୍ଷ ପରେ ବଦଳିଲେ ଭଦ୍ରକ ବିବିସିସି ବ୍ୟାଙ୍କ ମୁଖ୍ୟ ଶାଖା ପରିଚାଳକ

# ଆଉ ୩ ଶାଖା ପରିଚାଳକଙ୍କ ବଦଳି କେବେ ?

ଭଦ୍ରକ, ୨୬।୧୨(ସମିସ): ଦୈନିକ 'ସକାଳ'ରେ ଖବର ପ୍ରକାଶିତ ହେବା ପରେ ୬ ବର୍ଷ ପରେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ (ବିବିସିସି ବ୍ୟାଙ୍କ)ର ଭଦ୍ରକ ଶାଖା ପରିଚାଳକଙ୍କ ବଦଳି ହୋଇଛି। ଜିଲ୍ଲାର ଅନ୍ୟ ୩ଟି ବିବିସିସି ଶାଖା ମ୍ୟାନେଜରଙ୍କ କିନ୍ତୁ ବଦଳି ହୋଇନାହିଁ। ସୂଚନାଯୋଗ୍ୟ, ଗତ ୨୩ ତାରିଖ 'ସକାଳ'ରେ ବିବିସିସି ବ୍ୟାଙ୍କ ଅନିୟମିତତା : '୪ଶାଖା ପରିଚାଳକଙ୍କ ବଦଳି ହେଉନି, ୬ବର୍ଷ ହେଲାଣି ଆସ୍ଥାନ ଜମାଇ ବସିଛନ୍ତି' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏଥିରେ ଉଲ୍ଲେଖ ଥିଲା ଯେ ଭଦ୍ରକ ଜିଲ୍ଲାରେ ମୁଖ୍ୟ ଶାଖା(ଭଦ୍ରକ) ସମେତ ମୋଟ ୧୦ଟି ଶାଖା ବ୍ୟାଙ୍କ ରହିଛି। ବିଶେଷ କରି ଏହି ସମବାୟ ବ୍ୟାଙ୍କ ଚାଷୀମାନଙ୍କର ବ୍ୟାଙ୍କ ଭାବେ ପରିଚିତ। ଭଦ୍ରକ ବିବିସିସି ବ୍ୟାଙ୍କ ମୁଖ୍ୟ ଶାଖାରେ ସର୍ବାଧିକ ସଂଖ୍ୟକ ୪୦ହଜାର ଭଳି ଜମାକାରୀ ଥିବା ବେଳେ ପ୍ରାୟ ୧୧ହଜାର ଭଳି ଋଣୀ ଥିବା ଜଣାଯାଇଛି। ଜିଲ୍ଲାରେ ଥିବା ମୋଟ ୧୦ଟି ଶାଖାରେ ୯୫ହଜାର ଋଣୀ ଥିବା ବେଳେ ୧ଲକ୍ଷରୁ ଅଧିକ ଜମାକାରୀ ଅଛନ୍ତି। ରାଜ୍ୟ ସମବାୟ ବିଭାଗ ଅଧିନରେ ଥିବା ଏହି ବିବିସିସି ବ୍ୟାଙ୍କ କୃଷିଋଣ ସହି ବ୍ୟବସାୟ ଓ ଅନ୍ୟାନ୍ୟ ସରୀକାରୀ ସବ୍ ସିଡି ଲୋନ୍ ପ୍ରଦାନ କରି ଆସୁଛି। ଏହି ସମବାୟ ବ୍ୟାଙ୍କରେ ଏବେ ବହୁ ଅନିୟମିତତା ଦେଖିବାକୁ ମିଳିଛି। ବିଶେଷ କରି ସମବାୟ ବିଭାଗ ବଦଳି ନିୟମାନନୁଯାୟୀ, ବ୍ୟାଙ୍କର ଜଣେ ଶାଖା ପରିଚାଳକ ସର୍ବାଧିକ ୩ବର୍ଷ ଧରି ଗୋଟିଏ ଶାଖାରେ ରହିବା କଥା; ତେବେ ଭଦ୍ରକ ଜିଲ୍ଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜିଲ୍ଲାର ୪ଟି ପ୍ରମୁଖ ଶାଖା ପରିଚାଳକ ୬ବର୍ଷ ଧରି ଏକକାଳୀନ କାର୍ଯ୍ୟ କରିବା ଘଟଣା ସମବାୟ ବିଭାଗ ସ୍ୱଚ୍ଛତା ପ୍ରତି ସ୍ୱତଃ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏହି ୪ ଶାଖା ପରିଚାଳକ ହେଲେ-ଭଦ୍ରକ ମୁଖ୍ୟ ଶାଖା ବିବିସିସି ବ୍ୟାଙ୍କ, ଚାନ୍ଦବାଲି ଶାଖା, ବାସୁଦେବପୁର ଓ ଧାମରାସ୍ଥିତ ବ୍ୟାଙ୍କ ଶାଖା। ସମବାୟ ବିଭାଗ ଏଚ୍‌ଆର ପଲିସି ବା ମାନବ ସମ୍ବଳ ନିୟମକୁ ଉଲ୍ଲଙ୍ଘନ କରି ଦୀର୍ଘ ୬ବର୍ଷ ଧରି କିଭଳି ଉପରୋକ୍ତ ୪ ମ୍ୟାନେଜର କାର୍ଯ୍ୟ କରୁଛନ୍ତି ଏନେଇ ଖବର ପ୍ରକାଶ ପାଇବା ଦିନକ ପରେ ଅର୍ଥାତ ଗତ ୨୪ତାରିଖ ଭଦ୍ରକ ବିବିସିସି ବ୍ୟାଙ୍କ ମୁଖ୍ୟ ଶାଖା ପରିଚାଳକ ନିର୍ମଳଚନ୍ଦ୍ର ସେଠୀଙ୍କୁ ବାଲେଶ୍ୱର ମୁଖ୍ୟ ଶାଖାକୁ ବଦଳି କରାଯାଇଛି। ଶ୍ରୀ ସେଠୀ ଗତ ୧୮.୧୨.୨୯ରୁ ଅର୍ଥାତ ୬ବର୍ଷ ଧରି ଶାଖା ପରିଚାଳକ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ବଦଳରେ ଭଦ୍ରକ ଶାଖା ପରିଚାଳକ ଭାବେ ସଞ୍ଜୟ କୁମାର ମହାନ୍ତିଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଦୀର୍ଘ ୬ବର୍ଷ ଧରି ବେଆଇନ୍ ଭାବେ ଭାବେ କାର୍ଯ୍ୟ କରୁଥିବା ଚାନ୍ଦବାଲି ଶାଖା, ବାସୁଦେବପୁର ଓ ଧାମରାସ୍ଥିତ ବିବିସିସି ବ୍ୟାଙ୍କ ଶାଖା ପରିଚାଳକଙ୍କୁ ୩ଜଣଙ୍କ ବଦଳି କେବେ କରାଯାଉଛି, ଏହା ଦେଖିବାକୁ ବାକି ରହିଲା।

## ଭଦ୍ରକ ମୁଖ୍ୟ ଶାଖା ବିବିସିସି ବ୍ୟାଙ୍କ ପରିଚାଳକଙ୍କ କାର୍ଯ୍ୟଭାର ଗ୍ରହଣ



ଭଦ୍ରକ ମୁଖ୍ୟ ଶାଖା ଭଦ୍ରକ-ବାଲେଶ୍ୱର କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳକ ଭାବେ ସଞ୍ଜୟ କୁମାର ମହାନ୍ତି କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ଭଦ୍ରକ ଶାଖା ବିବିସିସି ବ୍ୟାଙ୍କର ଜୋନାଲ ଅଫିସର ଭାବେ କାର୍ଯ୍ୟ କରୁଥିଲେ। ଏବେ ବି ସେ ଜୋନାଲ ଅଫିସର ପଦବୀର ଅତିରିକ୍ତ ଦାୟିତ୍ୱ ବହନ କରିବେ। ନୂତନ ଶାଖା ପରିଚାଳକ ଭାବେ କାର୍ଯ୍ୟଭାର ଗ୍ରହଣ କରିବା ପରେ ଆମ ବିବିସିସି ବ୍ୟାଙ୍କ ଚାଷୀମାନଙ୍କର ବ୍ୟାଙ୍କ ହୋଇଥିବାରୁ ଚାଷୀମାନଙ୍କ ସ୍ୱାର୍ଥ ପୂରଣକୁ ସର୍ବାଧିକ ଅଗ୍ରାଧିକାର ଦେବି ଓ ଭଦ୍ରକ ମୁଖ୍ୟ ଶାଖାରେ ଥିବା ସର୍ବାଧିକ ସଂଖ୍ୟକ ୪୦ହଜାର ଭଳି ଜମାକାରୀମାନେ କିଭଳି କୌଣସି ଅସୁବିଧାରେ ସମ୍ମୁଖୀନ ନହେବେ ସେଥିପ୍ରତି ଗୁରୁତର ସହ ଦୃଷ୍ଟି ଦେବି ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି।

## ବିଜେଡିର ପ୍ରତିଷ୍ଠା ଦିବସ

# ପୁନର୍ବାର ଦଳ ମଜବୁତ ପାଇଁ ନେତା-କର୍ମୀ ଆଗଭର








କେନ୍ଦୁଝର, ୨୬।୧୨(ସମିସ): ରାଜ୍ୟରେ ଡବଲ ଇଞ୍ଜିନ ସରକାର ବିଫଳ ହୋଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦ୍ୱାରା ଓଡ଼ିଶାବାସୀଙ୍କୁ ସୁବିଧା-ସୁଯୋଗ ଯୋଗାଇ ଦେବାରେ ଅପାରଗତାକୁ ଜନସାଧାରଣ ଜାଣିସାରିଲେଣି ବୋଲି ବିଜେଡିର ୨୯ତମ ପ୍ରତିଷ୍ଠା ଦିବସରେ ତୁଙ୍ଗ ନେତା ଓ କର୍ମୀମାନେ ଜିଲ୍ଲା ସଦର ମହକୁମାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଉଦବୋଧନ ଦେଇଥିଲେ।

ସକାଳେ କେନ୍ଦୁଝର ଟାଉନ ଥାନା ଛକରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ବିଶାଳ ପ୍ରତିମୂର୍ତ୍ତିରେ ଦଳର ନେତା ଓ କର୍ମୀମାନେ ମାଲ୍ୟାର୍ପଣ କରିବା ସହ ଏକ ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲାବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ବହୁ ବରିଷ୍ଠ ନେତା କେନ୍ଦ୍ର ଓ ରାଜ୍ୟରେ ଥିବା ବିଜେପି ସରକାରଙ୍କ ବିଫଳତାକୁ ସମାଲୋଚନା କରିଥିଲେ। ଦୁଇଗୁଣା ବିନାଶ, ଓଡ଼ିଶା ଅର୍ଥନୀତି ୩୦ବର୍ଷ ତଳକୁ ଚାଲିଯିବା, ଅଭିବୃଦ୍ଧି ହାର ୯.୬ ପ୍ରତିଶତରୁ ୭.୨ ପ୍ରତିଶ୍ରତକୁ ହ୍ରାସ ପାଇବା, ଖୋଲା ବଜାରରୁ ୩୮ ପ୍ରତିଶତ ଋଣ, ଉଭୟ ଗୁରୁ ଓ ଲଘୁ ଖଣିଜ ଦ୍ରବ୍ୟରୁ ରାଜସ୍ୱ ହ୍ରାସ, ୧୮ ମାସର ସରକାରରେ ୪୦ହଜାରରୁ ଉର୍ଦ୍ଧ୍ୱ ମହିଳା ନିର୍ଯାତିତ, ବଜେଟରେ ମାତ୍ର ୩୯ ପ୍ରତିଶତ ଖର୍ଚ୍ଚ, ଶାନ୍ତିପ୍ରିୟ ଓଡିଶାରେ ୧୫ଥରରୁ ଅଧିକ କର୍ଫ୍ୟୁ, ୧୫ଲକ୍ଷ ସରକାରୀ ଚାକିରି ମିଛ ଆଦି ଅନେକ ବିଫଳତା ସମ୍ପର୍କରେ ଅଭିଯୋଗ କରି କେନ୍ଦ୍ର ଓ ରାଜ୍ୟ ସରକାରକୁ ତୀବ୍ର ସମାଲୋଚନା କରିଥିଲେ। ଏହି ପ୍ରତିଷ୍ଠା ଦିବସରେ ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ପୂର୍ବତନ ବରିଷ୍ଠ ଉପସଭାପତି ପ୍ରମୋଦ ପଟ୍ଟନାୟକ, ପୂର୍ବତନ ନଗରପାଳ ପ୍ରଭଞ୍ଜନ ପଟ୍ଟନାୟକ, ବାଂଶପାଳ ବ୍ଲକ ଅଧ୍ୟକ୍ଷ ମାନସ ଦେହୁରୀ, କେନ୍ଦୁଝରଗଡ ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ, ସଦର ବ୍ଲକ ସଭାପତି ଚକ୍ରଧର ପରିଡା, ଜିଲ୍ଲାପରିଷଦ ସଦସ୍ୟ ରଥ ମୁଣ୍ଡା, ଝୁମ୍ପୁରା ବ୍ଲକ ସଭାପତି ଡମ୍ବରୁଧର ଦାସ, ରକ୍ଷାକର ସାହୁ, ସତ୍ୟବ୍ରତ ନାୟକ, କୈଳାଶ ନାୟକ, ନଗର ବିଜେଡି ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, କେନ୍ଦୁଝର ନଗର ମହିଳା ସଭାନେତ୍ରୀ ପୁନମ କୁମାରୀ, କାଉନସିଲର ଶରତ ସାହୁ, କେକୀ କାକଳୀ କୁମୁରା, ଭଗବାନ ନାୟକ, ଟିକିନା ବ୍ରହ୍ମ, ମନସୁର ଆଲାମ, ଗଦାଧର ପଟ୍ଟନାୟକ, ଟୁକୁ ପଲେଇ, ସଫିକ ଆନସାରୀ, ଅନାଦି ପ୍ରଧାନ, ଲୁଲୁ ସାହୁ, ବିପିନ ଆପଟ, ନଟବର ସର୍ଦ୍ଦାର, ଯଶୋବନ୍ତ ସାହୁ, ଜଗଦୀଶ ଆପଟ, ସତ୍ୟାନନ୍ଦ ଆରୁକ, ପରମେଶ୍ୱର ବାରିକ, ଶ୍ରୀକାନ୍ତ ମହାନ୍ତ, ଟଙ୍କଧର ଖମାଣିଆ, ରାଜୁ ବାରିକ, ଗୀତା ମହାନ୍ତି, ମୁନା ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

**ଆନନ୍ଦପୁର:** ଆନନ୍ଦପୁର ଓ ଘସିପୁରା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ୨୯ତମ ବିଜେଡି ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ବିଜୁ ଯୁବଜନତା ଜିଲ୍ଲା ସଭାପତି ରାକେଶ ରାମଙ୍କ ତତ୍ତ୍ୱାବଧାନରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ କଚେରି ଛକସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହି ଉତ୍ସବରେ ଯୁବନେତା ଦେବପ୍ରିୟ ପାତ୍ର ସୁଶୀଲ ହୋତା ରମାକାନ୍ତ ବେହେରା ସତ୍ୟବ୍ରତ ରାମ ଶୁଭ୍ରଜିତ ରାମ ହରପ୍ରସାଦ ଧଳ ବାପି ବେହେରା ଦେବାଶିଷ ରାମ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବଡପଦନା ହାଟପଡିଆଠାରେ ବରିଷ୍ଠ ଯୁବ ଏବଂ ଛାତ୍ର ଜନତା ଦଳର ସମସ୍ତ କର୍ମୀ ଯୋଗଦାନ କରିଥିଲେ। ଘସିପୁରା ବ୍ଲକ ବିଜେଡି ସଭାପତି ବିଜୟ ଦାସଙ୍କ ସଂଯୋଜନାରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜିଥିଲେ। ଘସିପୁରା ବ୍ଲକ ଅଧ୍ୟକ୍ଷା ସୁଜାତା ସାହୁ, ଘଟଗାଁ ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାଏକ, ଘସିପୁରା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପାତ୍ର, ଘଟଗାଁ ବ୍ଲକ ଉପାଧ୍ୟକ୍ଷ ଯଦୁମଣି ନାଏକ, ବରିଷ୍ଠ ବିଜେଡି ନେତା ନନ୍ଦକିଶୋର ବେହେରା, ଗୋପୀନାଥ ସ୍ୱାଇଁ, ହରିପ୍ରସାଦ ମିଶ୍ର, ଆକାଶ ରଥ, ଶରତ ରାଉତ, ଟୁଟୁ ପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ



ଅକ୍ଷୟ କୁମାର ସାହୁ, ୧୨ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ସଂଜୟ ମଲ୍ଲିକ, ୧୦ ନମ୍ବର ଜିଲ୍ଲା ପରିଷଦ ସଦସ୍ୟା ମଧୁସ୍ମିତା ଦାସ, ୭ ନମ୍ବର ପଣ୍ଡାପଡା ଜିଲ୍ଲା ପରିଷଦ ସଦସ୍ୟା ଯାଜ୍ଞସେନି ମହାନ୍ତ, ପୂର୍ବତନ ସରପଞ୍ଚ ପର୍ଶୁରାମ ମହାରଣା, ବଳରାମ ବେହେରା, ରାମଚନ୍ଦ୍ରପୁର ସରପଞ୍ଚ ପ୍ରଦିପ କୁମାର ସାହୁ, ଗଡ଼ବାନ୍ଧଗୋଡା ସରପଞ୍ଚ ଶଶିକାନ୍ତ ଜେନା, ମଦନପୁର ସରପଞ୍ଚ ହିମାଂଶୁ





ଶେଖର ଜେନା, ଭଣ୍ଡାରିଡିହା ସରପଞ୍ଚ କୃଷ୍ଣଚନ୍ଦ୍ର ରାଉତ, ସମିତିସଭ୍ୟ ବିଜୟ ଜେନା, ମନ୍ମଥ ସାହୁ, ସୁନୀଲ ଭୋଇ, ଦେବେନ୍ଦ୍ର ଦାସ, ସୁଦିପ ସାହୁ, ସବ୍ୟସାଚୀ ନାୟକ, ବିଭାଷଚନ୍ଦ୍ର ନାୟକ, ସତ୍ୟରଞ୍ଜନ ଭୂୟାଁ, ବିଜୟ ପଲେଇ ଉପସ୍ଥିତ ଥିଲେ।

**ହାଟଡ଼ିହୀ:** ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀଙ୍କ ଆହ୍ୱାନକ୍ରମେ ହଜାର ହଜାର ସଂଖ୍ୟାରେ ବିଜେଡ଼ି କର୍ମୀ ଏକତ୍ରିତ ହୋଇ ବିଜେଡିର ପ୍ରତିଷ୍ଠା ଦିବସ ସମାରୋହରେ ସାମିଲ ହୋଇଥିବା ଦେଖାଯାଇଛି। ଛେନାପଦି ଛକଠାରେ ଏକତ୍ରିତ ହୋଇ 'ଆସ ଆମେ ଏକ ହେବା ବିଜେଡିକୁ ମଜବୁତ କରିବା' ନାରା ଲଗାଇ ହାଟଡ଼ିହୀ ବ୍ଲକ କାର୍ଯ୍ୟାଳୟ ଯାଏଁ ଏକ ପଦଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ। ଶତାଧିକ କର୍ମୀଙ୍କ ଯୋଗଦାନ ଏବଂ ଆଗାମୀ ନିର୍ବାଚନ ପୂର୍ବରୁ ଦଳକୁ ମଜବୁତ କରିବା ପାଇଁ ସମସ୍ତଙ୍କ ମନରେ ଆଗ୍ରହ ଏବଂ ଉତ୍ସାହ ଦେଖି ବିଜେଡ଼ି ଦଳ ପୁନର୍ବାର ଶକ୍ତିଶାଳୀ ହେବା ନେଇ ଆଶା ପ୍ରକଟ ହୋଇଛି। ଯୁବନେତା ଦେବାପ୍ରିୟ ପାତ୍ର, ଜିଲ୍ଲା ଯୁବ ସଭାପତି ରାକେଶ ରାମ, ହାଟଡ଼ିହୀ ବ୍ଲକ ଯୁବ ସଭାପତି ଚିନ୍ମୟ ନାୟକ, ଜିଲ୍ଲା ଯୁବ ସାଧାରଣ ସମ୍ପାଦକ ଦୀପ୍ତିରଞ୍ଜନ ଦାସ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଜିଲ୍ଲା ପରିଷଦ ସଭ୍ୟ ବିମ୍ବାଧର ବିଶ୍ୱାଳ, ଜିତେନ୍ଦ୍ର ସାମଲ, ସଭ୍ୟା କୌଶଲ୍ୟା ସେଠୀ, ହାଟଡ଼ିହୀ ବ୍ଲକ ସଭାପତି ସୁରେନ୍ଦ୍ର ନାୟକ, ଆନନ୍ଦପୁର ବିଜେଡ଼ି ମ୍ୟୁନସିପାଲିଟି ସଭାପତି ରମାକାନ୍ତ ବେହେରା, ଆନନ୍ଦପୁର ବ୍ଲକ ସଭାପତି ରାମଚନ୍ଦ୍ର ପଲେଇ, ହାଟଡ଼ିହୀ ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ନରେନ୍ଦ୍ର ନାୟକ, ବରିଷ୍ଠ କର୍ମୀ ବୈଦ୍ୟନାଥ ସାମଲ, କାମପାଳ ନାୟକ, ଗୋପାଳ ନାୟକ, ପୂର୍ବତନ ବ୍ଲକ ସଭାପତି ବିକ୍ରମକେଶରୀ ବିଶ୍ୱାଳ, ମାର୍କଣ୍ଡ ଓଝା, ଗୌରାଙ୍ଗ ରଣା, ବିଶ୍ୱନାଥ ନାୟକ, ସୁରେନ୍ଦ୍ର ନାୟକ, ବୀରେନ୍ଦ୍ର ବିଶ୍ୱାଳ, ବିମ୍ବାଧର ବିଶ୍ୱାଳ, ଜିଲ୍ଲା ସୋସିଆଲ ମିଡ଼ିଆ ସଂଯୋଜକ ଅମରେନ୍ଦ୍ର ଧଳ, ଶତ୍ରୁଘନ ପାତ୍ର, ଚକ୍ରଧର ପୁହାଣ, ଗଦାଧର ଦାସ, ସୂର୍ଯ୍ୟମଣି ବେହେରା, ବିଶ୍ୱନାଥ ନାୟକ, ବୀରେନ୍ଦ୍ର ବିଶ୍ୱାଳ, ଗୌରାଙ୍ଗ ରଣା, କୁଳମଣି ରାଉତ, ପ୍ୟାରୀମୋହନ ମଲ୍ଲିକ, ଦୁଃଶାସନ ସାହୁ, ବିମଳ କିଶୋର ଜେନା, ନନ୍ଦଚରଣ ଜେନା, ଉଦୟନାଥ ସା, ରଞ୍ଜନ ପହି, ତ୍ରୈଲୋକ୍ୟନାଥ ସାହୁ, ପତିତପାବନ ଦେଓ, ଜୀବନ ଜେନା, ଅଁରା ପଞ୍ଚାୟତ ସଭାପତି ଶତ୍ରୁଘନ ସା, ହାଟଡ଼ିହୀ ପଞ୍ଚାୟତ ସମିତିସଭ୍ୟ କୈଳାସ ରାଉତଙ୍କ ସହ ପ୍ରଭାତ ବିଶ୍ୱାଳ, ଫେଡୁ ପଣ୍ଡା, ପ୍ରଦୀପ ଜେନା, ବଡ଼ରମ୍ପାସ ସରପଞ୍ଚ ରବିନ୍ଦ୍ର ଜେନା, ପଡିଆରିପଲ୍ଲୀ ସରପଞ୍ଚ ଅଜିତ ରାଉତ, ରବିନ୍ଦ୍ର ପାଢ଼ୀ, ଯୁବନେତା ଦିଲ୍ଲୀପ ମଲ୍ଲିକ, ରତ୍ନାକର ବିଶ୍ୱାଳଙ୍କ ସମେତ ପ୍ରଶାନ୍ତ ନାୟକ, ସୁଧାଂଶୁ ଶେଖର ନାୟକ, ରାକେଶ ଜେନା, ହିମାଂଶୁ ଶେଖର ଜେନାଙ୍କ ଦିଲ୍ଲୀପ ସା, ସୁବ୍ରତ ପାତ୍ର, ମୁକେଶ ରାଉତ, ଅଭଜିତ ସେନାପତି, ନିର୍ମଳ ସେଠୀ, ଅତୁଲ ବେହେରା, ଅରୂପ ସା, କାହ୍ନୁଚରଣ ସା, ରାଜେନ୍ଦ୍ର ଜେନା ଏବଂ ଛାତ୍ରନେତା ଯୋଗ ଦେଇଥିଲେ।

**ଯୋଡ଼ା:** ଯୋଡ଼ା ପୌରପାଳିକା ଅନ୍ତର୍ଗତ କମାରଯୋଡ଼ା କାର୍ଯ୍ୟାଳୟରେ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କ ନିର୍ଦ୍ଦେଶକ୍ରମେ ବିଜେଡି ନଗର ସଭାପତି ଚତୁର୍ଭୁଜ ପଲେଇଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୌର ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ର ସେବା ଓ ସଂଗ୍ରାମ ଜରିଆରେ ବିଜୁ ଜନତା ଦଳ ସର୍ବଦା ଯୋଡ଼ାବାସୀଙ୍କ ପାଇଁ ରହିଛି ଆଗକୁ ମଧ୍ୟ ରହିବ ବୋଲି କହିଥିଲେ। ଆଗକୁ ଦୃଢ଼ତାର ସହ ଦଳ ପାଇଁ କାର୍ଯ୍ୟ କରିବାକୁ କର୍ମୀଙ୍କୁ ନଗର ସଭାପତି ଚତୁର୍ଭୁଜ ପଲେଇ ଆହ୍ୱାନ ଦେଇଥିଲେ। ବରିଷ୍ଠ ବିଜେଡି ନେତା ତଥା ଯୋଡ଼ା ବିକାଶ ପରିଷଦ ସଭାପତି ନିରଞ୍ଜନ ବହିଦାର, ୪ ନମ୍ବର କାଉନସିଲର ଅବୁଲ ହାସନ, ଯୁବ ସଂଗଠକ ବାବୁଆ ବାନା, ବିଜୁ ଯୁବ ନେତା ଦୀପଙ୍କର ବିଶ୍ୱାସ, ଯୁବ ସଂଗଠକ ତଥା ବିଜେଡି ନେତା ବାବୁଲାଲ ସାହୁ, ମହିଳା କର୍ମୀ ଦୀପା ନାଏକ, ନିରୁପମା ନାଏକ, ରଂଜିତା ହେମ୍ବ୍ରମ, ଝରଣା ସୁରଙ୍କ ସହ ବହୁ ସଂଖ୍ୟାରେ କର୍ମୀ ଯୋଗ ଦେଇଥିଲେ।

**ତେଲକୋଇ:** ଆକୁଳସ୍ଥିତ ମିନି ଷ୍ଟାଡିୟମ୍‌ରେ ତେଲକୋଇ ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ବିଧାୟକ ତଥା ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ଧନୁର୍ଜୟ ସିଦ୍ଧୁଙ୍କ ତତ୍ତ୍ୱାବଧାନରେ ତେଲକୋଇ ବ୍ଲକ ସଭାପତି ନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଶ୍ରୀ ସିଦ୍ଧୁଙ୍କ ସହ ନିର୍ବାଚନମଣ୍ଡଳୀର ତେଲକୋଇ, ବାଂଶପାଳ ଓ ହରିଚନ୍ଦନପୁର ବ୍ଲକର ବିଜୁ ଜନତା ଦଳର କର୍ମୀ ଏବଂ ସଦସ୍ୟ ଯୋଗ ଦେଇଥିଲେ। ୨୦ ନମ୍ବର ଜିଲ୍ଲା ପରିଷଦ ସଦସ୍ୟ କେଦାରଚନ୍ଦ୍ର ପ୍ରଧାନ, ବିଜୁ ମହିଳା ସଭାପତି ପୁଷ୍ପଲତା ଆପର୍ଟ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ସତ୍ୟଭାମା ସିଂ, ସଲେଇକେନା ସରପଞ୍ଚ ପାଙ୍ଗେଲା ମୁଣ୍ଡା, ଜଗମୋହନପୁର ସରପଞ୍ଚ ଗୋବିନ୍ଦଚନ୍ଦ୍ର ପ୍ରଧାନ, ରାଇସୁଆଁ ସରପଞ୍ଚ ବାଗୁନ ଚାମ୍ପିଆ, କରମଙ୍ଗି ସରପଞ୍ଚ ବିଜୟାନନ୍ଦ ନାୟକ, ପୂର୍ବତନ ବିଜେଡି ସଭାପତି ବାମଦେବ ରାଉତଙ୍କ ସମେତ ପଞ୍ଚାୟତ ସଭାପତି ଉପସ୍ଥିତ ଥିଲେ। ବ୍ଲକ ସଭାପତି ନାରାୟଣ ନାଏକ ପରିଚାଳନା କରିଥିବା ବେଳେ ପଞ୍ଚାୟତ ସଭାପତି ସହଯୋଗ କରିଥିଲେ। ତେଲକୋଇ ବ୍ଲକର ବିଭିନ୍ନ ପଞ୍ଚାୟତରୁ ପାଖାପାଖି ଦୁଇ ଶହ କର୍ମୀ ଯୋଗଦେଇଥିଲେ। ବିଜୁ ଜନତା ଦଳ ପକ୍ଷରୁ ଧନୁର୍ଜୟ ସିଦ୍ଧୁ ଓ କର୍ମୀମାନେ ପୂର୍ବାହ୍ନରେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ରୋଗୀ ଓ ସମ୍ପର୍କୀୟଙ୍କୁ ଫଳ ଓ ପାଉଁରୁଟି ବଣ୍ଟନ କରିଥିଲେ।

**ତୁରୁମୁଙ୍ଗା:** ସାହାରପଡ଼ା ବ୍ଲକ ମୁଖ୍ୟାଳୟଠାରେ ଶୁକ୍ରବାର ବିଜୁ ଜନତାଦଳର ପାଟଣା ନିର୍ବାଚନମଣ୍ଡଳୀସ୍ତରୀୟ ୨୯ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଛି। ବ୍ଲକ ବିଜେଡି ସଭାପତି ଦିଲ୍ଲୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ କର୍ମୀଙ୍କୁ ଆଗାମୀ ପଞ୍ଚାୟତ ନିର୍ବାଚନ ସହ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତ ହୋଇ କାମ କରିବାକୁ ଆହ୍ୱାନ ଦେଇଥିଲେ। ଏଥିରେ ପାଟଣା ବ୍ଲକ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି, ବରିଷ୍ଠ ବିଜେଡି ନେତା ସତ୍ୟବ୍ରତ ନାଏକ, ୨୩ନମ୍ବର ଜୋନର ଜିଲ୍ଲା ପରିଷଦ ସଦସ୍ୟା ରୁନୁ ମହାନ୍ତ, ୩୦ନମ୍ବର ଜୋନର ସଦସ୍ୟା ଚମ୍ପାବତୀ ଟୁଡୁ, ୨୯ନମ୍ବର ଜୋନର ସଦସ୍ୟ ବୁଦ୍ଧଦେବ ମହାକୁଡ଼, ୧୮ନମ୍ବର ଜୋନର ସଦସ୍ୟ ରାଧାକାନ୍ତ ମହାନ୍ତ ପୂର୍ବତନ ପାଟଣା ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ, ପୂର୍ବତନ ସାହାରପଡ଼ା ବ୍ଲକ ଅଧ୍ୟକ୍ଷା ରମ୍ଭାବତି ଦେହୁରୀ, ଏରେଣ୍ଡେଇ ସରପଞ୍ଚ ପାର୍ବତୀ ଦେହୁରୀ, କପୁଣ୍ଡି ସମିତିସଭ୍ୟ ବିଜୟ ପଇଡା, ପାଟଣା ସମିତିସଭ୍ୟ ମୋହନ ସୁନ୍ଦର ମହାନ୍ତ, ବରିଷ୍ଠ ବିଜେଡି ନେତା ମହେନ୍ଦ୍ର କୁମାର ସାହୁ, କୃଷ୍ଣଚନ୍ଦ୍ର ମହାପାତ୍ର, ପ୍ରଶାନ୍ତ କୁମାର ଭଞ୍ଜଦେଓ, ଭାଗୀରଥି ଦାଶ, ଶତ୍ରୁଘନ ସିଂ, ସୁଶାନ୍ତ କୁମାର ପ୍ରଧାନ, ଗୋବିନ୍ଦଚନ୍ଦ୍ର ମହାନ୍ତ, ନିରଞ୍ଜନ ତ୍ରିପାଠୀ, ବସନ୍ତ ମିଶ୍ର, ବିଜୁ ଖଟୁଆ ପ୍ରମୁଖ ଯୋଗ ଦେଇଥିବା ବେଳେ ଯୁବନେତା ବିପ୍ଳବ କୁମାର ପୃଷ୍ଟି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ମା' ମଙ୍ଗଳା କ୍ରିକେଟ: ବଡ଼ପଦନା ଚାମ୍ପିଅନ



ଆନନ୍ଦପୁର, ୨୬।୧୨ (ସମିସ): ଘସିପୁରା ବ୍ଲକ ଡିଗିରିଆ ଗ୍ରାମର ମା'ମଙ୍ଗଳା କ୍ରିକେଟ କ୍ଲବ ଆନୁକୂଲ୍ୟରେ ୨୫ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ କଇଁସିଆରୀ ଏକାଦଶ ଓ ବଡପଦନା ଏକାଦଶ ମଧ୍ୟରେ ହୋଇଥିବା ବେଳେ କଇଁସିଆରୀକୁ ବଡପଦନା ୬ ୱିକେଟରେ ହରାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ରତିରଞ୍ଜନ ବେହେରା ଓ ଶ୍ରୀକାନ୍ତ ସେନାପତି ଖେଳ ପରିଚାଳନା କରିଥିଲେ। ସ୍କୋରର ଗୋପବନ୍ଧୁ ନାୟକ, ଧାରା ବିବରଣୀରେ ମନୋଜ ରାଉତ ସହଯୋଗ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଘସିପୁରା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ର, ସମ୍ମାନିତ ଅତିଥି ଭାବେ କ୍ରୀଡ଼ାବିତ ବୁଲୁ ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷକ ଶରତ ପାଣି, ବଳରାମ ବେହେରା, ରାମଚନ୍ଦ୍ରପୁର ସମିତିସଭ୍ୟ ମନ୍ମଥ ସାହୁ, ଗଡବାନ୍ଧଗୋଡ଼ା ସମିତିସଭ୍ୟ ବିଜୟ ଜେନା, ବିଦ୍ୟାଧର ଜେନା, ରାଜୀବ ଜେନା, ଦେବସୁତ ରଣା ଯୋଗ ଦେଇଥିଲେ। କ୍ଲବର ଆର୍ଶୀବାଦ ବେହେରା, ତାପସ ନାୟକ, ପରେଶ ବେହେରା, ତୁଷାର ରାଉତ, ବିଶ୍ୱଜିତ ନାୟକ, ଜୟଦେବ ବେହେରା, ପ୍ରେମାନନ୍ଦ ବେହେରା, ଅଭିଳାଷ ବେହେରା, ସୌମ୍ୟଜିତ ମହାକୁଡ଼, ସାଇସ୍ୱନ୍ଦନ ବେହେରା, ପରେଶ ବେହେରା, ଅଭୟ ମଲ୍ଲିକ, ଅମର ରାଉତ, ସୁବ୍ରତ ନାୟକ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ପାର୍ବତୀ ଜେନାଙ୍କ ପରଲୋକ



ଆନନ୍ଦପୁର, ୨୬।୧୨ (ସମିସ): ଘଷିପୁରା ବ୍ଲକ୍ ଖଲିଆମେଣ୍ଟା ପଞ୍ଚାୟତ ମହୁଲପଶିର ଅବସରପ୍ରାପ୍ତ ଶିକ୍ଷକ ଦୟାନିଧି ଜେନାଙ୍କ ଧର୍ମପତ୍ନୀ ପାର୍ବତୀ ଜେନାଙ୍କ ୭୭ ବର୍ଷ ବୟସରେ ମୃତ୍ୟୁ ଘଟିଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ହୋଇ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଶ୍ରୀମତି ଜେନା ଅଞ୍ଚଳରେ ଜଣେ ପରୋପକାରୀ ମିଷ୍ଟଭାଷୀ କର୍ତ୍ତବ୍ୟ ପରାୟଣତା ମହିଳା ଥିଲେ। ତାଙ୍କ ମୃତଶରୀର ନିକଟରେ ଦୁଇ ପୁଅ, ବୋହୂ, ନାତିନାତୁଣୀ, ବନ୍ଧୁବାନ୍ଧବ ପ୍ରିୟଜନମାନେ ଉପସ୍ଥିତ ଥିଲେ। ଗ୍ରାମସ୍ଥିତ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଛି। ମୁଖାଗ୍ନି କନିଷ୍ଠ ପୁତ୍ର ପ୍ରଶାନ୍ତ କୁମାର ଜେନା ଦେଇଥିଲେ।

## ସ୍ମୃତିରେ ଶ୍ରୀଧର ସାହୁଙ୍କୁ ସଙ୍ଗୀତାଞ୍ଜଳି

ଆନନ୍ଦପୁର, ୨୬।୧୨ (ସମିସ): ଆନନ୍ଦପୁର ଅଞ୍ଚଳର ସର୍ବପୁରାତନ ମିଠା ବ୍ୟବସାୟୀ ତଥା ଚାରି ନମ୍ବର ୱାର୍ଡ ନିବାସୀ ଶ୍ରୀଧର ସାହୁଙ୍କର ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା ବେଦପାଠ ଓ ଭକ୍ତି ସଂଗୀତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପୁଅ ସୁଜିତ ସାହୁଙ୍କ ସଂଯୋଜନାରେ ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା ଆନନ୍ଦପୁର ପୌରାଧ୍ୟକ୍ଷା ରଜନୀ ରାଣୀ ଖଟୁଆ କାଉନସିଲର ସନତ କର ରଶ୍ମିତା ବାରି ମଣିଲତା ରାମ ଲିନା ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। କଣ୍ଠଶିଳ୍ପୀ ମଦନ ପାଣି ଓ ସା ନି ଧା ପା ଗ୍ରୁପ କଳାକାରଙ୍କ ଦ୍ୱାରା ଭକ୍ତି ସଂଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଜିତ ସାହୁ ଡମ୍ବରୁଧର ବେହେରା ଶିବଚରଣ ସାହୁ ଭଗବାନ ସାହୁ କୃଷ୍ଣଚନ୍ଦ୍ର ସାହୁ ଟୁଲୁ ସାହୁ ପ୍ରମୁଖ ପରିଚାଳନା କରିଥିଲେ।




## ଟାଟା ଷ୍ଟିଲ ୟାଟ୍ସ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଶ୍ୱେତାଲିନା ପୁରସ୍କୃତ




କେନ୍ଦୁଝର, ୨୬।୧୨(ସମିସ): ଟାଟା ଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ଟାଟା ଷ୍ଟିଲ ୟଙ୍ଗ ଆଷ୍ଟ୍ରୋନୋମର ଟାଲେଣ୍ଟ ସର୍ଚ୍ଚ) ର ଗ୍ରାଣ୍ଡ ଫିନାଲେ-୨୫ରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ଡିଏଭି ପବ୍ଲିକ୍ ସ୍କୁଲ୍ ନବମ ଶ୍ରେଣୀ ଛାତ୍ରୀ ଶ୍ୱେତାଲିନା ବେହେରା ରାଜ୍ୟର ଶ୍ରେଷ୍ଠ ୩୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ୟାଟ୍ସ କାର୍ଯ୍ୟକ୍ରମରେ ଚଳିତ ବର୍ଷ ରାଜ୍ୟର ସମସ୍ତ ଜିଲାରୁ ୭୬,୭୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୬୦ ଜଣ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମ୍‌ରେ ଆୟୋଜିତ ପ୍ରତିଯୋଗିତାରେ ଯୋଗ ଦେଇଥିଲେ; ଯେଉଁଥିରୁ ୩୦ ଜଣଙ୍କୁ ଶ୍ରେଷ୍ଠ ବିବେଚନା କରାଯାଇଛି। ଶ୍ୱେତାଲିନା କହିଛନ୍ତି, "ଏଥିପାଇଁ ମୁଁ ବହୁତ ଖୁସି। ମୋର ବାପା, ମା, ଶିକ୍ଷକ, ଶିକ୍ଷୟିତ୍ରୀ, ସାଙ୍ଗସାଥୀ ସର୍ବୋପରି ମୋର ଗାଇଡ୍‌ଙ୍କୁ ଅଶେଷ ଧନ୍ୟବାଦ। ମୁଁ ଇସ୍‌ରୋ ପରିଦର୍ଶନ କରିବା ପାଇଁ ସୁଯୋଗ ପାଇଥିବାରୁ ଅଧିକ ଆନନ୍ଦିତ। ଏଭଳି ବିଜ୍ଞାନଭିତ୍ତିକ ଶିକ୍ଷଣୀୟ କାର୍ଯ୍ୟକ୍ରମ ପାଇଁ ଟାଟା ଷ୍ଟିଲକୁ ଧନ୍ୟବାଦ'। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ସଚିବ ଚିତ୍ରଓ ଅରୁମୁଗମ, ପ୍ଲାନେଟାରିୟମ୍ ନିର୍ଦ୍ଦେଶକ (ଭାରପ୍ରାପ୍ତ) ଉର୍ମିପ୍ରଭା ମହାରଣା, ଟାଟା ଷ୍ଟିଲ୍‌ର ଉପସଭାପତି ଡିବି ସୁନ୍ଦରରମନ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଇସ୍‌ରୋ ଶ୍ରୀହରିକୋଟାସ୍ଥିତ ସତୀଶ ଧାବନ ସ୍ପେସ୍ ସେଣ୍ଟରରେ ସେଫ୍ଟି ଅପରେସନ୍ସ ଏବଂ ସିଷ୍ଟମ୍ସ ଇଣ୍ଟିଟିରେ କାର୍ଯ୍ୟରତ ବୈଜ୍ଞାନିକ-ଏସଜି ଏବଂ ଇପି ଓ ଏଫ୍‌ଏମଡି ମୁଖ୍ୟ ଅମିତାଭ ମହାନ୍ତି ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅନ୍ତରୀକ୍ଷ ପରିଚ୍ଛା ପିଲାମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ନିଜର ଅନୁଭୂତି ବାଣ୍ଟିଥିଲେ। ଏଥିସହ ଭୁବନେଶ୍ୱରର ଏଆଇ ଡେଭଲପର ଏବଂ ୟାଟସ-୨୦୧୫ରେ ସାମିଲ ହୋଇଥିବା ପୂର୍ବତନ ଛାତ୍ର ଆୟୁଷ ଦଳାଇ ମଧ୍ୟ ଛାତ୍ରଛାତ୍ରୀମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ୨୦୦୭ରେ ୟାଟ୍‌ସ ଶୁଭାରମ୍ଭ ପରଠାରୁ ଏଥିରେ ୪.୭ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଯୋଡ଼ି ହୋଇଛନ୍ତି।

### ଖଣି ଅଞ୍ଚଳରେ ମଦଭାଟିର କୁଟୀର ଶିଳ୍ପ

## ଚାଲୁଛି ଅବାଧ କାରବାର; ଅବକାରୀ ବିଭାଗ ନିଦ୍ରାବିଷ୍ଟ

ଯୋଡ଼ା, ୨୬।୧୨(ସମିସ): ଦେଶୀମଦ ପ୍ରସ୍ତୁତି ଏବେ କୁଟୀର ଶିଳ୍ପ ପାଲଟିଛି। ଗାଁ ତଥା ନଦୀପାଶ୍ୱର୍ରେ ଦେଖିବାକୁ ମିଳୁଛି ଦେଶୀ ମଦଭାଟି। ଏଥିରୁ ପ୍ରସ୍ତୁତ ମଦ ବିଭିନ୍ନ ସ୍ଥାନରେ ବିକ୍ରି ହେଉଥିବା ମଧ୍ୟ ଅଭିଯୋଗ ହୋଇଛି। ଏହେଉଛି ଆଦିବାସୀ ଅଧ୍ୟୁଷିତ ତଥା ଖଣିବହୁଳ ଅଞ୍ଚଳ କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଅଞ୍ଚଳର ଘଟଣା। ବିଶେଷତଃ କ୍ୟାମ୍ପହାଟିଂ, କେଥ ହାଟିଂ, ବିଛାକୁଣ୍ଡି ଆଦି ସ୍ଥାନ ସଂଲଗ୍ନ ନଦୀ, ନାଳ, ଝରଣା କୂଳେ କୂଳେ ଦେଶୀ ମହୁଲି ମଦ ଅନୈତିକ ଭାବେ ପ୍ରସ୍ତୁତି କରି ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଯୋଡା ଅବକାରୀ ବିଭାଗ ଅଧୀନରେ ଥିବା ଏସମସ୍ତ ଅଞ୍ଚଳରେ ବ୍ୟାପକ ମଦ ବିକ୍ରି ହେଉଥିଲେ ମଧ୍ୟ ଅବକାରୀ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କୁ ହାତଗୁଞ୍ଜା ଦେଇ ନିର୍ଭୟରେ ବେପାର କରି ମାଲାମାଲ ହେଉଥିବା ଅଭିଯୋଗ ହୋଇଛି। ଅପରପକ୍ଷେ, ଦେଶୀ ମଦ ଦ୍ୱାରା ଆକର୍ଷିତ ହୋଇ ବହୁ ଯୁବକ ଓ ପୁରୁଷ ସର୍ବସ୍ୱାନ୍ତ ହେଉଥିବା ବେଳେ ପରିବାର ମଧ୍ୟରେ ଅଶାନ୍ତିର ବାତାବରଣ ଦେଖିବାକୁ ମିଳୁଛି। ଖଣିଅଞ୍ଚଳରେ ଖୁଲମଖୁଲା ଦେଶୀ ଓ ବିଦେଶୀ ମଦ କାରବାର ହେଉଥିଲେ ମଧ୍ୟ ରାଜସ୍ୱ ନପାଇ ସରକାରଙ୍କ ଅନେକ କ୍ଷତି ହେଉଥିବା ଅଭିଯୋଗ ହୋଇଛି। ଆବଶ୍ୟକ କଞ୍ଚାମାଲ ମହୁଲକୁ ପଡ଼ୋଶୀ ଝାଡଖଣ୍ଡ ରାଜ୍ୟରୁ ଚୋରା ବ୍ୟବସାୟଙ୍କଠାରୁ ଚୋରାରେ ସଂଗ୍ରହ କରୁଥିବା ସୂଚନାରୁ ଜଣାପଡିଛି। ଅବକାରୀ ବିଭାଗ ଆଖିରେ ଧୂଳି ଦେଇ ଯେପରି ଏ ସମ୍ପର୍କରେ କୌଣସି ସୂଚନା ସେମାନଙ୍କ ଜ୍ଞାତସାରକୁ ନ ଆସେ ସେଥିପ୍ରତି ସତର୍କତା ଅବଲମ୍ବନ ସ୍ୱରୂପ ରାତ୍ର ୩ଟାଠାରୁ କୃତ୍ରିମ ରନ୍ଧନ ପ୍ରଣାଳୀ ଦେଶୀ ଚୁଲା ମାଧ୍ୟମରେ



ମହୁଲି ମଦ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରାଯାଇ ସକାଳ ୭ଟା ମଧ୍ୟରେ ଉତ୍ପାଦନ କାର୍ଯ୍ୟ ସମାପ୍ତ କରାଯାଉଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଆବଶ୍ୟକ କଞ୍ଚାମାଲ ମହୁଲକୁ ଚୋରା ବ୍ୟାପାରୀଙ୍କଠାରୁ ଖରିଦ କରି ପୂର୍ବ ଯୋଗାଡ଼ ଅନୁଯାୟୀ ନଦୀ, ନାଳ ଓ ଝରଣା କୂଳେ କୂଳେ ସୃଷ୍ଟି ହୋଇଥିବା ଜଙ୍ଗଲ ମଧ୍ୟରେ ଲୁକ୍କାୟିତ ଭାବେ ରଖାଯାଇଥିବା ଏକ ବଡ଼ ଡ୍ରମ ଭିତରେ ପାଣି ନେଇ ସଢ଼େଇ ଦିଆଯାଇ ଖୁବକମ୍ ସମୟ ମଧ୍ୟରେ ପ୍ରସ୍ତୁତି କରାଯାଏ। ବେପାରୀମାନେ ଏହି ହାତତିଆରି ଦେଶୀ ମହୁଲି ମଦକୁ ବିଭିନ୍ନ ହାଟିଂ ଓ ବସ୍ତିଗୁଡ଼ିକରେ ବିକ୍ରି କରିଥାନ୍ତି। ଏଭଳି ଅନୈତିକ ପ୍ରସ୍ତୁତି ମହୁଲିମଦର ଭାଗମାପ ପରିମାଣର ତାରତମ୍ୟ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ହେଲେ ସରକାରଙ୍କ ଅବକାରୀ ବିଭାଗ ମଦ ବେପାରୀଙ୍କ ସୁରକ୍ଷା କବଚ ସାଜିଥିବା ବେଳେ ବିଷାକ୍ତ ମଦର ପସରାକୁ ପ୍ରୋତ୍ସାହନ ଯୋଗାଉଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ପ୍ରକାଶ ଯୋଗ୍ୟ ଯେ ବସ୍ତି ଓ ହାଟିଂଗୁଡ଼ିକରେ ବିଶେଷତଃ ଯୁବକ ଶ୍ରେଣୀୟ ଏହି ମହୁଲି ମଦ ସେବନ କରି ମାତାଲ ହୋଇ ବିଭିନ୍ନ ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବା ସହ ପରିବାର ମଧ୍ୟରେ ଅଶାନ୍ତି ଓ ବିଶୃଙ୍ଖଳା ଭିଆଉଛନ୍ତି। ଅତ୍ୟଧିକ ମଦ୍ୟପାନର ଲୋଭାଶକ୍ତ ହେତୁ ଯକୃତଜନିତ ରୋଗରେ ଆକ୍ରାନ୍ତ ହୋଇ ଖୁବ କମ୍ ବୟସରେ ମୃତ୍ୟୁବରଣ କରୁଥିବା ନଜରକୁ ଆସିଛି। ଯୋଡ଼ାରେ ଅବକାରୀ କାର୍ଯ୍ୟାଳୟର ଥାଇ ଅବକାରୀ ଅଧିକାରୀ ଏସବୁ ଜାଣି ନିରବଦ୍ରଷ୍ଟା ସାଜିଥିବା ବେଳେ କେବଳ ଛୋଟ ଛୋଟ ମଦବେପାରୀଙ୍କୁ ଧରି ବାହା ବାହା ସାଉଁଟୁଥିବା ବାହାସ୍ଫୋଟକୁ ନେଇ ଅଭିଯୋଗ ହେଉଛି। ଏ ଦିଗରେ ଜିଲ୍ଲା ପ୍ରଶାସନ ଓ ଅବକାରୀ ବିଭାଗ ଦୃଷ୍ଟିଦେଇ ମଦ ବିକ୍ରି ଉପରେ ରୋକ୍ ଲଗାଇବା ସହ ଚୋରା ବେପାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଆଜିର ରାଶିଫଳ

**ମେଷ:** କୌଣସି କାମରେ ମନ ଲାଗିବ ନାହିଁ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ।

**ବୃଷ:** ଦିନଟି ମିଶ୍ର ଫଳ ପ୍ରଦାନ କରିବ। କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ। ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ।

**ମିଥୁନ:** ଦିନଟି ଭଲରେ ଅତିବାହିତ ହେବ। ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଶୁଭ ସମ୍ବାଦ ମିଳିବ।

**କର୍କଟ:** ବିଦ୍ୟାର୍ଥୀଙ୍କ ପାଇଁ ଉତ୍ତମ ସମୟ। କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ।

**ସିଂହ:** ଦାମ୍ପତ୍ୟ ଜୀବନ ଅନୁକୂଳ ରହିବ। କିଛି କ୍ଷେତ୍ରରେ ବାଧା ଉପୁଜିବ। କାଳୀ ମା'ଙ୍କ ପୂଜାର୍ଚ୍ଚନା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। ବରିଷ୍ଠ କର୍ମଚାରୀଙ୍କ ସହଯୋଗ ମିଳିବ।

**କନ୍ୟା:** ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ବିରୋଧୀଙ୍କଠାରୁ ଦୂରେଇ ରୁହନ୍ତୁ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ।

**ତୁଳା:** ଦୂରସ୍ଥାନକୁ ଯାତ୍ରା କରିବେ। ବ୍ୟବସାୟରୁ ଲାଭ ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ। ଋଣ ସମସ୍ୟା ଦୂର ହେବ।

**ବିଛା:** ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲା ଆପଣଙ୍କ ସପକ୍ଷରେ ରହିବ। ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ଧନୁ:** ଦିନଟି ଭଲରେ କଟିବ। ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ।

**ମକର:** ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦିନଟିରେ ଖୁସି ରହିବେ। ବିବାହ ପ୍ରସ୍ତାବ ଆସିବ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପ୍ରେମ ଜୀବନରେ ତିକ୍ତତା ଦେଖା ଦେବ।

**ମୀନ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ନିବେଶ ଲାଗି ଉତ୍ତମ ସମୟ। କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ।

## ଆଜିର ଇତିହାସ


- ୧୭୯୭- ଲୋକପ୍ରିୟ ସାୟର୍ ତଥା ଉର୍ଦ୍ଦୁ କବି ମିର୍ଜା ଗାଲିବଙ୍କ ଜନ୍ମ।
- ୧୮୨୨- ରସାୟନବିତ୍ ଲୁଇ ପାଶ୍ଚରଙ୍କ ଜନ୍ମ।
- ୧୯୩୯- ତୁର୍କୀରେ ଭୂମିକମ୍ପ ଯୋଗୁଁ ୪୦ ହଜାର ଲୋକଙ୍କ ମୃତ୍ୟୁ।
- ୧୯୪୫-ଅନ୍ତରାଷ୍ଟ୍ରୀୟ ମୁଦ୍ରା କୋଷ(ଆଇଏମ୍ଏଫ୍)ର ସ୍ଥାପନା।
- ୧୯୭୯- ସୋଭିଏତ୍ ସେନା ଆଫଗାନିସ୍ତାନ ଉପରେ ଆକ୍ରମଣ କଲା।

# ଲିଫ୍ଟ ଭିତରେ କାଚ ଥାଏ କାହିଁକି



ଅଫିସ୍, ମଲ୍, ହସ୍‌ପିଟାଲ, ହୋଟେଲମାନଙ୍କରେ ଆଜିକାଲି ଲିଫ୍ଟ ବ୍ୟବସ୍ଥା ରହୁଛି। ଏହି ଲିଫ୍ଟଗୁଡ଼ିକ ଭିତରେ କାଚ ବା ମିରର୍ ଲାଗିଥାଏ। ଲିଫ୍ଟକୁ ଅଧିକ ଆକର୍ଷଣୀୟ କରିବା ଉଦ୍ଦେଶ୍ୟରେ ଏଥିରେ ମିରର୍ ଲାଗିଥାଏ ବୋଲି ଅନେକ ଭାବନ୍ତି। ପ୍ରକୃତରେ ଏହାପଛରେ ଅନେକ କାରଣ ଅଛି। ହ୍ୱିଲଚେୟାର୍ ବ୍ୟବହାର କରୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଲିଫ୍ଟ ଭିତରେ ପଛ ଆଡ଼ୁ ବାହାରିବା ବେଶ୍ ଆହ୍ୱାନପୂର୍ଣ୍ଣ ହୋଇଥାଏ। ଏପରି ଏକ ଛୋଟ କ୍ୟାବିନ୍‌ରେ ଜାଗା ବି ଖୁବ୍ କମ୍ ଥାଏ। ଏଭଳି ସ୍ଥିତିରେ ମିରର୍ ଖୁବ୍ ଆବଶ୍ୟକ ମନେହୁଏ। କାରଣ ମିରର୍‌ରେ କେବିନ୍ ଭିତର ସହ ବାହାରର ଦୃଶ୍ୟ ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇଥାଏ। ଏହାଦ୍ୱାରା ଲିଫ୍ଟରୁ ବାହାରିବା ସହଜ ହୋଇଥାଏ। ଏହିପ୍ରକାରେ କାଚ ସୁରକ୍ଷିତ ଭାବେ ଯିବା ଆସିବାରେ ସାହାଯ୍ୟ କରେ। ଲିଫ୍ଟ ଭିତର ବନ୍ଦ ରହିବା ଓ ଛୋଟ ଜାଗା ହେତୁ ଅନେକ ଲୋକ ଏହା ଭିତରେ ରହି ବିଚଳିତ ହୋଇଥାନ୍ତି। କିଛି ଲୋକଙ୍କୁ ଏଭଳି ନିବୁଜ ସ୍ଥାନ ଭୟଭୀତ କରିଥାଏ। ଏଭଳି ସ୍ଥିତିରେ ମିରର୍ ଲାଗିଥିଲେ ଲିଫ୍ଟ ବଡ଼ ଦେଖାଯାଏ। ଯେତେବେଳେ ସ୍ଥାନ ବଡ଼ ଦେଖାଯାଏ, ଭୟ ଓ ବିଚଳିତ ହ୍ରାସ ପାଏ। ଏହି କାରଣ ଯୋଗୁଁ ଅଧିକାଂଶ ଲୋକ ମିରର୍ ଲାଗିଥିବା ଲିଫ୍ଟରେ ଯିବାକୁ ପସନ୍ଦ କରନ୍ତି। ଏହାବାଦ୍ ଲିଫ୍ଟରେ ଥିବା ମିରର୍ ହେଉଛି ଏକ ସୁରକ୍ଷା ଉପାୟ। ମିରର୍‌ରେ ଲିଫ୍ଟ ଭିତରର ପ୍ରତ୍ୟେକ କୋଣ ଦେଖାଯାଏ। ଏହାବାଦ୍ ପଛରେ କିଏ ଛିଡ଼ା ହୋଇଛି ନ ହୋଇଛି ଜଣାପଡ଼େ। ଯେତେବେଳେ ଲୋକେ ପରସ୍ପରକୁ ଦେଖିପାରନ୍ତି, ପରିବେଶ ଅଧିକ ସୁରକ୍ଷିତ ଓ ଭରସାଯୋଗ୍ୟ ହୋଇଥାଏ। କେହି କାହା ସହିତ ଧକ୍କା ମଧ୍ୟ ହୋଇ ନ ଥାନ୍ତି। ଅନ୍ୟପଟେ ଲିଫ୍ଟ ଭିତରେ ଯାତ୍ରା କିଛି ସେକେଣ୍ଡର ହୋଇଥାଏ। ତେଣୁ ଖାଲି ଲିଫ୍ଟର କାନ୍ଥକୁ ଦେଖିଲେ ଏଥିରେ ସମୟ ରହିଲା ଭଳି ଲାଗେ। ଏଭଳି ସ୍ଥଳେ ଲିଫ୍ଟର ଦର୍ପଣ ଏହି ବିରକ୍ତିକର ପରିସ୍ଥିତିକୁ ଦୂର କରେ। ସେହିପରି ଅନେକେ ଲିଫ୍ଟରେ ମିର୍‌ର ଲାଗିଥିବାରୁ ନିଜ ପୋଷାକ ଓ କେଶ ଆଦିକୁ ଦେଖି ସଜାଡ଼ି ପାରନ୍ତି।

# 'ଡନ୍ ୩'ରୁ ଓହରିଲେ ରଣବୀର !



ବଲିଉଡ୍ ଅଭିନେତା ରଣବୀର ସିଂହଙ୍କ ଅଭିନୀତ ଚଳଚ୍ଚିତ୍ର 'ଧୁରନ୍ଧର' ବକ୍ସ ଅଫିସ୍‌ରେ ଖୁବ୍ ଭଲ ପ୍ରଦର୍ଶନ କରିଛି। ଇତିମଧ୍ୟରେ ରଣବୀର, ଫରହାନ୍ ଅଖତର୍‌ଙ୍କ ଫିଲ୍ମ 'ଡନ୍ ୩'ର ଅଫର୍‌କୁ ପ୍ରତ୍ୟାଖ୍ୟାନ କରିଥିବା ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି। ରଣବୀର ଏଥିରୁ ଓହରି ଯିବା ପରେ ଫରହାନ୍ ଏହି ଫିଲ୍ମକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଘୁଞ୍ଚାଇ ଦେଇଥିବା କୁହାଯାଉଛି। ଅବଶ୍ୟ ଏନେଇ ରଣବୀର କି ଫରହାନ୍‌ଙ୍କ ପକ୍ଷରୁ ବିଧିବଦ୍ଧ ଭାବେ କିଛି କୁହାଯାଇ ନାହିଁ। ରଣବୀରଙ୍କ 'ଧୁରନ୍ଧର' ହିଟ୍ ହେବା ପରେ ସେ ଏବେ ସଞ୍ଜୟ ଲୀଳା ଭଁସାଲି, ଲୋକେଶ କନଗରାଜ ଓ ଏଟ୍‌ଲି ଭଳି ଆଗଧାଡ଼ିର ନିର୍ଦ୍ଦେଶକଙ୍କ ସହ କାମ କରିବାକୁ ଇଚ୍ଛା କରିଛନ୍ତି। ସେହିଭଳି ଲଗାତାର ସେ ଗ୍ୟାଙ୍ଗଷ୍ଟର୍ ଭୂମିକାରେ ଅଭିନୟ ନ କରି କିଛି ନୂଆ କରିବା ପାଇଁ ଇଚ୍ଛା କରିଛନ୍ତି। 'ଡନ୍ ୩'ରେ ରଣବୀରଙ୍କୁ ନୂଆ ଜେନେରେସନ୍‌ର ଡନ୍ ଭାବେ ଦେଖାଯାଇଥାନ୍ତା। ଏଥିରେ ରଣବୀରଙ୍କ ବିପକ୍ଷରେ କିଆରା ଆଡଭାନୀଙ୍କୁ ସାଇନ୍ କରାଯାଇଥିଲା। କିଆରା ଗର୍ଭବତୀ ଥିବାରୁ ସେ ଏଥିରୁ ଓହରି ଯାଇଥିଲେ। ଏହାପରେ ଏଥିରେ କ୍ରିତି ସାନନ୍‌ଙ୍କୁ ସାଇନ୍ କରାଯାଇଥିଲା। ସେହିଭଳି ଖଳନାୟକ ପାଇଁ ଫରହାନ୍, ବିଜୟ ଦେବରକୋଣ୍ଡା ଓ ବିକ୍ରାନ୍ତ ମେସିଙ୍କୁ ଅଫର୍ ଦେଇଥିଲେ। ଉଭୟ ଅଭିନେତା ସେମାନଙ୍କ ଭୂମିକାରେ ଗୁରୁତ୍ୱ ନ ଥିବା ଅନୁଭବ କରି ଏଥିରୁ ଦୂରେଇ ଯାଇଥିଲେ। ଏବେ ରଣବୀର ଏଥିରୁ ଓହରି ଯିବା ପରେ ଏବେ ଏହି ଫିଲ୍ମକୁ ନେଇ ଅନିଶ୍ଚିତତା ଦେଖା ଦେଇଛି।

# ଝରଣାରେ ନିଆଁ



ସାଧାରଣତଃ ଝରଣାର ପାଣି ସ୍ୱଚ୍ଛ ଓ ନିର୍ମଳ ହୋଇଥାଏ। ହେଲେ ବିଶ୍ୱରେ ଏମିତି କିଛି ଝରଣା ରହିଛି ଯାହାର ରଙ୍ଗ ବଦଳିଥାଏ। କାଲିଫର୍ଣ୍ଣିଆର ହର୍ସଟେଲ୍ ଫଲ୍ ଏଭଳି ଏକ ଝରଣା। ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ ଏହି ଝରଣାର ପାଣିର ଧାର ଲାଲ୍ କମଳା ରଙ୍ଗ ହୋଇ ତଳକୁ ଖସିଥାଏ। ଆଗ୍ନେୟଗିରିର ଲାଭା ଯେଭଳି ତଳକୁ ଝରଣା ହୋଇ ଖସୁଛି ଏହା ସେଭଳି ଭ୍ରମ ସୃଷ୍ଟି କରିଥାଏ। ତେବେ ଏହି ଦୃଶ୍ୟ ଫେବୃଆରୀ ମାସର ଶେଷ ଦୁଇ ସପ୍ତାହରେ ଦେଖିବାକୁ ମିଳିଥାଏ। ଏହି ଦୃଶ୍ୟକୁ ଦେଖିବା ପାଇଁ ୟୋସେମାଇଟ୍ ଜାତୀୟ ଉଦ୍ୟାନରେ ଶହ ଶହ ପର୍ଯ୍ୟଟକ ଭିଡ଼ ଜମାଇଥାନ୍ତି। ଏହି ଝରଣା ୧୫୦୦ ଫୁଟ ଉଚ୍ଚରୁ ତଳକୁ ଖସିଥାଏ। ଏହାଏକ ଋତୁକାଳୀନ ଝରଣା। ୟୋସେମାଇଟ୍ ଘାଟିରେ ବରଫ ତରଳିବା ପରେ ଏହି ଝରଣାର ଜଳ ପ୍ରବାହିତ ହୋଇଥାଏ। ଫେବୃଆରୀ ମାସର ଶେଷ ଦୁଇ ସପ୍ତାହର ସଂଧ୍ୟା ସମୟରେ ଏହା ଆଗ୍ନେୟଗିରି ଭ୍ରମ ସୃଷ୍ଟି କରୁଥିବାରୁ ଏହାକୁ ଫାୟାରଫଲ୍ ମଧ୍ୟ କୁହାଯାଏ। ଏହି ପ୍ରାକୃତିକ ଦୃଶ୍ୟ ପ୍ରଥମେ ୧୯୭୩ ମସିହାରେ ଦେଖିବାକୁ ମିଳିଥିଲା। ତେବେ ଏଭଳି ଏକ ଦୃଶ୍ୟ ପାଇଁ ଠିକ୍ ସମୟରେ କିଛିଟା ଜିନିଷର ସଂଯୋଗ ହେବା ଜରୁରି। ଫେବୃଆରୀ ମାସ ମଧ୍ୟଭାଗରେ ଏଠାରେ ଠିକ୍ ସନ୍ଧ୍ୟା ସମୟରେ ଆଲୋକିତ ହୁଏ ଝରଣା। ସୂର୍ଯ୍ୟାସ୍ତ ସମୟରେ ଘୋଡା ଲାଞ୍ଜ ବା ହର୍ସଟେଲ ବୋଲାଉଥିବା ଝରଣାଟି ଏକ ରଙ୍ଗୀନ ରିବନ ପରି ଦେଖାଯାଏ। ଲାଗେ ଯେମିତି ଏହାର ଲାଞ୍ଜରେ କେହି ନିଆଁ ଲଗାଇ ଦେଇଛି। ଏହି ସମୟରେ ଝରଣାର ପାଣି ଆଗ୍ନେୟଗିରିରୁ ବାହାରିଥିବା ଲାଭା ଭଳି ଦେଖାଯାଇଥାଏ। ଏହି ଦୃଶ୍ୟ ଦେଖିବାକୁ ହେଲେ ସୂର୍ଯ୍ୟାସ୍ତ ସମୟରେ ପାଗ ନିର୍ମଳ ରହିବା ମଧ୍ୟ ଆବଶ୍ୟକ। ଏହାସହ ଝରଣାର ଜଳର ପ୍ରଭାବ ପ୍ରଖର ହେବା ଆବଶ୍ୟକ। ପ୍ରକୃତିର ଏଭଳି ଏକ ଆଶ୍ଚର୍ଯ୍ୟକୁ ଦେଖିବା ପାଇଁ ଏଠାରେ ସୂର୍ଯ୍ୟାସ୍ତ ସମୟରେ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଲାଗେ।

## ପ୍ରହେଳିକା

- ଗୋଟେ ମାଳରେ ବାରଟି ଫୁଲ
  ଥାଏ ସଜେଇ ହୋଇ
  ପ୍ରତିଟି ଫୁଲ ଅଟେ ଜରୁରି
  ଅଟେ ଆମରି ପାଇଁ
  ବର୍ଷରେ ଥରେ ସେହି ମାଳର
  ବଦଳିଯାଏ ରୂପ
  ପ୍ରତିଟି ଫୁଲ ପାଖୁଡ଼ା ତା'ର
  ଛାଡ଼ଇ ସ୍ମୃତି ଛାପ।

  ଉ-କ୍ୟାଲେଣ୍ଡର୍

- କି ସୁନ୍ଦର ଆହା ରଙ୍ଗ ବେରଙ୍ଗ
  କେଡ଼େ ଆଦରେ ଦିଅନ୍ତି ସାଙ୍ଗ
  କବିତା ହେଉ କି ହେଉ ସାଏରି
  ଲେଖି ଦେଉଥାନ୍ତି ସେଥିରେ ଭରି
  ବର୍ଷରେ ଥରୁଟେ ଚାହିଦା ତା'ର
  କେଉଁ ଦରବ ସେ ଏତେ ସୁନ୍ଦର।

  ଉ-ଅଭିବାଦନ ପତ୍ର (ଗ୍ରୀଟିଙ୍ଗସ୍ କାର୍ଡ)

- କେତେ ନୂଆ ରୂପ ରଙ୍ଗକୁ ନେଇ
  ବର୍ଷରେ ଥରୁଟେ ଆସୁଛି ସେହି
  ବଦଳି ଯାଉଛି ମସିହାଟିଏ
  ନାମଟି ତାହାର କହିବ କିଏ ?

  ଉ-ନୂଆବରଷ

- ବର୍ଷରେ ଥରେ ଏମିତି ଦିନ
  ଧରାକୁ ଆମ ଆସେ
  ଦିନ ଓ ମାସ ସାଥିରେ ବର୍ଷ
  ସବୁ ନୂତନ ଦିଶେ।
  ଡାଏରୀ ପୃଷ୍ଠା ବଦଳି ଯାଏ
  ବଦଳେ କ୍ୟାଲେଣ୍ଡର
  ଜାଣିଛ କିଏ ନାମଟି ତାର
  ଦିଅ ଥରେ ଉତ୍ତର।

  ଉ-ଜାନୁଆରୀ ପହିଲା

ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର,ଯାଜପୁର।
ମୋ-୮୩୧୦୩୨୮୩୪୫



# ବିଦାୟ ଘେନନ୍ତୁ ବିଦାୟୀ ବର୍ଷ





ନିରଞ୍ଜନ ସାହୁ

ପୁରୁଣା ବରଷ ସରୁଛି
ନୂଆ ଆଗମନ କରୁଛି
ପୁରୁଣା ବର୍ଷର ସ୍ମୃତି ଚିହ୍ନ ସବୁ
ମନ ମାନସରେ ଭରୁଛି ।
ଯିଏ ଏବେ ଚାଲି ଯାଉଛି
ବହୁତ କଷ୍ଟ ସେ ପାଉଛି
ଦିନ ଥିଲା ଦିନେ ଆସିଥିଲା ସିଏ
ଯାହା କଥା ବିଶ୍ୱ ଗାଉଛି ।
କେତେ ଆଶା ସ୍ୱପ୍ନ ଆଣିକି
ଆସିଥିଲା ସିଏ ଜାଣିକି
କଅଣ ଦେଇଛି କଅଣ ନେଇଛି
ଯାଉଛି ସେ ମୁହଁ ହାଣିକି ।
ଗୋଟିଏ ବରଷ ରହିଲା
କେତେ ନୂଆକଥା କହିଲା
କେତେ ସେ ସହିଲା କେତେ ସେ ଦହିଲା
କେତେ ନିନ୍ଦା ସିଏ ବହିଲା ।
ଇତିହାସ ସାକ୍ଷୀ ରହିବ
ଦିନେ ତାହା କଥା କହିବ
ଭଲ କରିଥିଲେ ସୁନାମ ମିଳିବ
ଖରାପେ ଦୁର୍ନାମ ବହିବ ।
ପୁରୁଣା ବିଦାୟ କରିବା
ତାହାରି ଦୋଷ ନ ଧରିବା
ଯା' ହେବାର ଥିଲା ତାହା ତ ହୋଇଲା
ମନରେ ଦୁଃଖ ନ ଭରିବା ।
ଆସିବ ନୂତନ ବରଷ
ମନରେ ଭରିବ ହରଷ
ମନର କାମନା ପୂରଣ କରିବ
ନୂଆ ବର୍ଷ ହେବ ସରସ ।
ହେ ବିଦାୟୀ ବର୍ଷ ! ଯାଆନ୍ତୁ
ସୁଖରେ ଶାନ୍ତିରେ ଥାଆନ୍ତୁ
ଯେଉଁଠାରେ ଯାଇ ରହିବେ ସେଠାରେ
ସଭିଙ୍କ ଶରଧା ପାଆନ୍ତୁ ।■

ନିହଲ ପ୍ରସାଦ, ଢେଙ୍କାନାଳ
ମୋ-୯୯୩୮୭୪୧୫୮୩

# ସ୍ୱାଗତଂ ନବବର୍ଷ



ଗୋପୀନାଥ ଦାଶ

ପରିବର୍ତ୍ତନ ଅଟେ ପ୍ରକୃତି ନିୟମ
ପୁରୁଣା ଯାଇ ଆସେ ନୂଆ
ଗଡ଼ି ଚାଲିଥାଏ ସମୟ ଚକ ସେ
ଦେଖାଇ ନୂତନ ରାହା।
ଚାଲିଯିବ ଦୁଇ ହଜାର ପଚିଶି
ହୋଇବ ସବୁ ଅତୀତ
ସ୍ୱାଗତମ୍ ଦୁଇହଜାର ଛବିଶି
ଆଣିବ ସୁନ୍ଦର ଭବିଷ୍ୟତ ।
ଧରାକୁ ଆସିବ ତାଜା ବରଷଟେ
ରହିବ ଆମ ସାଥିରେ
ତା ସାଙ୍ଗରେ ଆମେ ବଢ଼ିବା ଆଗକୁ
କର୍ମ କରି ଉଲ୍ଲାସରେ ।
ନୂଆ ବରଷର ନୂତନ ପଞ୍ଜିକାଟି
ସଜେଇ ହେବ ଘରେ
ନବବର୍ଷର ଶୁଭେଚ୍ଛା ବାର୍ତ୍ତା
ଦିଆନିଆ ଆନନ୍ଦରେ।
ସଭିଙ୍କ ମନରେ ଉତ୍କଣ୍ଠା ଭରିଛି
ଆସୁଛି ନବୀନ ବରଷ
ଗାଁଠୁ ସହର ଝଲସି ଉଠୁଛି
ସଭିଙ୍କ ମନରେ ହରଷ।
ଆସରେ ପିଲାଏ ମିଳିମିଶି ସର୍ବେ
ପାଳିବା ନୂଆ ବରଷ
ଏକତା ବନ୍ଧନେ ବାନ୍ଧି ହୋଇ ଆମେ
ଗଢ଼ିବା ବିକଶିତ ଦେଶ।■

ବରପାଲିପଡ଼ା, ବଲାଙ୍ଗିର
ମୋ-୬୩୭୨୮୦୫୦୭୦

## ସୁମନ

# ମନ ବଦଳିଲା






ସତ୍ୟନାରାୟଣ ପ୍ରଧାନ

ଆଗାମୀ ନୂଆବର୍ଷ ଉପଲକ୍ଷେ ସୋନୁ ତା' ସାଙ୍ଗମାନଙ୍କ ସହିତ ମିଶି ବଣଭୋଜିର ଆୟୋଜନ କରିଥିଲା। ପନିପରିବା ଆଉ ସଉଦା କିଣା ସରିଲା ଖାସି ମାଂସ ଲାଗି ଦୋକାନୀକୁ ଅଗ୍ରୀମ ଟଙ୍କା ମଧ୍ୟ ଦିଆ ସରିଥିଲା। ପର୍ଯ୍ୟାୟକ୍ରମେ ରୋଷେଇ ସରି ଯାଇଥିଲା ଦୋକାନୀର ଲୋକ ଜଣଙ୍କ ଦୀର୍ଘ ଘଣ୍ଟାଏ କାଳ ବିତି ଯାଇଥିଲେ ବି ମାଂସ ଦେବାରେ ବିଳମ୍ବ ହେବାରୁ ରାଗରେ ତା ପାଖକୁ ବିରକ୍ତ ହୋଇ ଧାଇଁ ଯାଇଥିଲେ। ସେ ଗାଁ ଲୋକ ହୋଇଥିବାରୁ ତା' ପାଖରେ ସେମାନେ ହାଜର ହୋଇଗଲେ । ଅନ୍ୟ ଦିନମାନଙ୍କ ଅପେକ୍ଷା ଗରାଖ ବେଶି ଥିବାରୁ ଶୀଘ୍ର ବିକ୍ରି ସରି ଯାଇଥିଲା । ଲୋକଟି ଦୋକାନ ବନ୍ଦ କରି ସିଧା ଘରକୁ ଯାଇ ମୁଣ୍ଡ ତଳକୁ କରି ବସିଥାଏ। ଆଖିରେ ତାର ଲୁହ ଟୋପାଗୁଡ଼ାକ ମାଟିରେ ଝରି ପଡୁଥିଲା । ସମସ୍ତେ ତାକୁ ଦେଖି ଆଶ୍ଚର୍ଯ୍ୟ, ଏପରି ବେପାର ନ କରି ଖାଲି ବସିବାର କାରଣ କିଛି ଜାଣିବାଟା ମୁସ୍କିଲ । ସେ ଘର ଭିତରକୁ ହାତ ହଲାଇ କିଛି ବୋଧେ ଦେଖିବାକୁ ସଙ୍କେତ କରୁଥିଲା । ଘର ଭିତର ଦୃଶ୍ୟ ଦେଖିଲା ପରେ ଆଖି ପିଛୁଳାକେ ସମସ୍ତେ ବାହାରକୁ ଚାଲି ଆସିଲେ । ଛୋଟ ପିଲା ଭଳି ଛେଳି ଛୁଆଟା ତା' ସ୍ତ୍ରୀ ହାତରୁ ପଖାଳ ଭାତ ମେଁ ମେଁ କରି ଖାଇ ଦେଉଥିଲେ । ଭଗବାନ ସେମାନଙ୍କୁ ଛୁଆଟିଏ ପାଇଁ ଲାଗି ଯେତେ ଡାକିଲେ ବି କୋଳ ଖାଲି ଥିଲା । ଦୋକାନୀ ପିଲାମାନଙ୍କୁ ଟିକେ ଅପେକ୍ଷା କର ବଇନା ନେଇଛି ମାନେ ନିଜର ପୋଷା ଛେଳି ହେଉ ନା କାହିଁକି ଦେବାକୁ ପଛାଇବି ନାହିଁ କହୁଥିଲା । ସେ ଛେଳି ଛୁଆଟିକୁ ବାହାରକୁ ଆଣି ପିଲାଙ୍କ ହାତରେ ଧରାଇ ଦେଲାବେଳେ ଦୁହେଁ ତାକୁ ଧରି ଭୋ ଭୋ କରି କାନ୍ଦୁଥିଲେ । ସୋନୁ ମନରେ କେଜାଣି କାହିଁକି ସେ ଦୁହିଁଙ୍କ ପ୍ରତି ଭାବନା ବଦଳି ଯାଇଥିଲା । ମଣିଷ ଆଉ ପଶୁ ଭିତରେ ଥିବା ସ୍ନେହ ବନ୍ଧନର ଡୋରକୁ ଛିଣ୍ଡାଇ ସାଙ୍ଗରେ ନେଇଯିବା ଭଲ ନୁହେଁ ଜାଣି ପାରିଲା । ଦୁନିଆରେ ମଣିଷଠାରୁ ପଶୁ ପକ୍ଷୀମାନେ ବେଶି ନିଜର ଆଉ ବଞ୍ଚିଥିବା ଯାଏ ସେମାନେ କେବେ ପାଖ ଛାଡ଼ି ଯାଆନ୍ତି ନାହିଁ ହୃଦୟଙ୍ଗମ କରୁଥିଲା । ସୋନୁ ଏଭଳି ପରିସ୍ଥିତିରେ ସାଙ୍ଗମାନଙ୍କୁ ସେଠାରୁ ଯିବା ପାଇଁ ଡାକି ଆଣିଲା। ଦୋକାନୀ ଜଣଙ୍କ ପାଖରେ ରଖିଥିବା ଅଗ୍ରୀମ ଟଙ୍କା ସୋନୁ ହାତକୁ ବଢ଼ାଇ ଖୁସି ମନରେ ଘର ଭିତରକୁ ଚାଲିଗଲେ।■

ଜେନାପୁର, ଯାଜପୁର
ମୋ - ୯୧୭୮୩୧୩୬୪

## ତୁଳି ଆଁଚଡ଼ / କୁନି




**ଦିବ୍ୟାଂଶ ମହାପାତ୍ର**
ୟୁକେଜି
କିଡ଼ଜି ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର








**ଲକ୍ଷ୍ମୀପ୍ରିୟା ଦାଶ**
ତୃତୀୟ ଶ୍ରେଣୀ
କେନ୍ଦ୍ରୀୟ ବିଦ୍ୟାଳୟ ୬
ଭୁବନେଶ୍ୱର



**ନବ୍ୟା**
ନବମ ଶ୍ରେଣୀ
ଡିପିଏସ୍
କାଟ୍ରା, ଜମ୍ମୁ କାଶ୍ମୀର



**ସ୍ୱାତିକା ମହାପାତ୍ର**
ୟୁକେଜି
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର

### ବିଜୟ ହଜାରେ ଟ୍ରଫି ଦିନିକିଆ କ୍ରିକେଟ

# ସର୍ଭିସେସ୍‌କୁ ହରାଇ ଓଡ଼ିଶାର ପ୍ରଥମ ବିଜୟ

ଭୁବନେଶ୍ୱର,୨୬।୧୨(ସମିସ)

ବେଙ୍ଗାଲୁରୁର ଅଲୁରଠାରେ ଚାଲିଥିବା ବିଜୟ ହଜାରେ ଟ୍ରଫିର ଓଡ଼ିଶା ଦଳ ଚଳିତବର୍ଷ ପ୍ରଥମ ବିଜୟ ହାସଲ କରିଛି। ଫାଷ୍ଟ ବୋଲର ରାଜେଶ ମହାନ୍ତି ରାଜ୍ୟର ପ୍ରଥମ ବୋଲର ଭାବେ ହ୍ୟାଟ୍ରିକ୍ ସହ ୪ଟି ଓ ସମ୍ମିତ ବରାଳ ମଧ୍ୟ ୪ଟି ୱିକେଟ ନେବା ଫଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ଗ୍ରୁପ୍-ଡି'ର ଏକ ଲୋ ସ୍କୋରିଂ ମ୍ୟାଚ୍‌ରେ ଓଡ଼ିଶା ୪ ୱିକେଟରେ ସର୍ଭିସେସ୍‌କୁ ପରାସ୍ତ କରିଛି। ଏଠାରେ ପ୍ରଥମେ ବ୍ୟାଟିଂ କରି ସର୍ଭିସେସ୍ ୨୧.୫ ଓଭରରେ ୮୩ ରନ୍ କରିଥିଲା। ଜବାବରେ

- ହ୍ୟାଟ୍ରିକ୍ ନେବାରେ ରାଜେଶ ପ୍ରଥମ ଓଡ଼ିଆ
- ସମାନ ସ୍କୋରରେ ସର୍ଭିସେସ୍ ହରାଇଲା ପ୍ରଥମ ୪ ୱିକେଟ

ଓଡ଼ିଶା ୨୪.୩ ଓଭରରେ ୬ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଓଡ଼ିଶାର ପ୍ରଥମ ହ୍ୟାଟ୍ରିକ୍ ବୋଲର ହୋଇ ୨୫ ରନ୍‌ରେ ୪ଟି ୱିକେଟ ନେବା ଓ ଗୋଟିଏ ଛକା ସହ ୧୨ ରନ୍ କରିଥିବା ରାଜେଶ ଏହି ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ପ୍ରଥମ ମ୍ୟାଚରେ ସୌରାଷ୍ଟ୍ର ନିକଟରୁ ୫ ୱିକେଟରେ ହାରିଥିବା ଓଡ଼ିଶା ତାହାର ତୃତୀୟ ମ୍ୟାଚ୍ ଆନ୍ଧ୍ରପ୍ରଦେଶ ସହ ସୋମବାର ଖେଳିବ।

ଅଲୁରଠାରେ ଥିବା କର୍ଣ୍ଣାଟକ ରାଜ୍ୟ କ୍ରିକେଟ ସଂଘ ଗ୍ରାଉଣ୍ଡ-୩'ରେ ଶୁକ୍ରବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଓଡ଼ିଶା ଦଳ ଟସ୍ ଜିତିବା ପରେ ଘାସ ଥିବା ପିଚ୍‌ରେ ସର୍ଭିସେସ୍‌କୁ ପ୍ରଥମେ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲା। ସର୍ଭିସେସ୍ ପ୍ରଥମେ ବ୍ୟାଟିଂ କରି ୬ ଓଭର ଶେଷ ଯାଏ କୌଣସି ୱିକେଟ ନ ହରାଇ ୨୧ ରନ୍ କରିଥିଲା। କିନ୍ତୁ ବୋଲିଂ ଓପନ କରିଥିବା ରାଜସୁନାଖଳାର ୨୫ ବର୍ଷୀୟ ଡାହାଣହାତୀ ଫାଷ୍ଟ ବୋଲର ରାଜେଶ ମହାନ୍ତି ସପ୍ତମ ଓଭରରେ ଖେଳର ମୋଡ ବଦଳାଇ ଦେଇଥିଲେ। ସେ ଏହି ଓଭରର ପ୍ରଥମ ୩ଟି ବଲ୍‌ରେ ୩ଟି ୱିକେଟ ନେଇ ଓଡ଼ିଶାର ପ୍ରଥମ ହ୍ୟାଟ୍ରିକ୍ ବୋଲର ହୋଇଥିଲେ। ୨୧ ରନ୍‌ରେ ସର୍ଭିସେସ ପ୍ରଥମ ୩ଟି ୱିକେଟ ହରାଇଥିଲା। ସର୍ଭିସେସ୍ ଇନିଂସରେ ୭ମ ଓଭରର ପ୍ରଥମ ବଲ୍‌ରେ ସାଗର ଦହିଆ (୯)ଙ୍କୁ ବୋଲ୍ଡ, ଦ୍ୱିତୀୟ ବଲ୍‌ରେ ଅମିତ ଶୁକ୍ଲା (୦) ଓ ତୃତୀୟ ବଲ୍‌ରେ ରବି ଚୋହାନ(୦)ଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ କରିଥିଲେ। ଏତିକିରେ ଦଳର ବିପଦ ଟଳି ନ ଥିଲା। ୮ମ ଓଭରର ଦ୍ୱିତୀୟ ବଲ୍‌ରେ ସମ୍ମିତ ବରାଳ ପ୍ରତିପକ୍ଷ ଓପନର ନୀତୀନ ତନୱର (୧୧)ଙ୍କୁ ବୋଲ୍ଡଆଉଟ କରିଦେଇଥିଲେ। ଦଳ ଏକଦା ବିନା ୱିକେଟରେ ୨୧ ରନ୍ କରିଥିଲାବେଳେ ୪ ୱିକେଟରେ ୨୧ ରନ୍‌ରେ ପହଞ୍ଚିଥିଲା। ପରେ ସେ ମୋହିତ ଅହଲାୱତ (୭) ଓ ୱିକେଟ ରକ୍ଷକ ନକୁଳ ଶର୍ମା (୦)ଙ୍କୁ ପାଭିଲିଅନ ଫେରାଇଦେଇଥିଲେ। ଅଧିନାୟକ ରଜତ ପାଲିୱାଲ (୨) ସମ୍ମିତଙ୍କର ଚତୁର୍ଥ ଶିକାର ବନିଥିଲେ। ଫଳରେ ୧୨ ଓଭର ସୁଦ୍ଧା ସର୍ଭିସେସ୍ ୩୫ ରନ୍‌ରେ ୭ ୱିକେଟ ହରାଇ ଇନିଂସରେ ଅର୍ଦ୍ଧଶତକ ପୂରଣ କରିବା କଷ୍ଟକର ମନେହୋଇଥିଲା। ଏହି ସମୟରେ ଗୋଟିଏ ପଟେ ଅର୍ଜୁନ ଶର୍ମା ଖୁଣ୍ଟ ଭଳି ଛିଡ଼ା ହୋଇଥିଲାବେଳେ ଅନ୍ୟପଟେ ପୁନମ ପୁନିଆ ୧୮ ବଲ୍‌ରୁ ୨ ଚୌକା ଓ ୨ ଛକା ସହ ଦ୍ରୁତ ୨୫ ରନ୍ କରିଥିଲେ। ଫଳରେ ଦଳ ୮୩ ରନ୍ କରିବାକୁ ସମର୍ଥ ହୋଇଥିଲା। ସର୍ଭିସେସ୍ ପକ୍ଷରୁ ୩ଜଣ ଦୁଇ ଅଙ୍କରେ ପହଞ୍ଚିଥିଲାବେଳେ ଅର୍ଜୁନ ୧୩ ରନ କରି ଶେଷ ଯାଏ ଅପରାଜିତ ରହିଥିଲେ। ଓଡ଼ିଶା ପକ୍ଷରୁ ରାଜେଶ ଓ ସମ୍ମିତଙ୍କୁ ୪ଟି ଲେଖାଏଁ ୱିକେଟ ମିଳିଥିଲା। ବାଦଲ ବିଶ୍ୱାଳ ଗୋଟିଏ ୱିକେଟ ପାଇଥିଲାବେଳେ ନୀତୀନ ଯାଦବ ରନ୍‌ଆଉଟ ହୋଇଥିଲେ।


ରାଜେଶ ମହାନ୍ତି


ସମ୍ମିତ ବରାଳ

ଏଭଳି ପିଚ୍‌ରେ ୮୪ ରନ୍‌ର ଟାର୍ଗେଟ ହାସଲ କରିବା ଓଡ଼ିଶା ଲାଗି ଏତେ ସହଜ ନ ଥିଲା। ଏହି ଟାର୍ଗେଟକୁ ପିଛା କରି ବ୍ୟାଟିଂ କରିବା ପରେ ଦଳ ପ୍ରଥମ ଦୁଇ ଓଭରରେ ଦୁଇ ଓପନରଙ୍କୁ ହରାଇଥିଲା। ସୌରାଷ୍ଟ୍ର ବିପକ୍ଷରେ ଦ୍ୱିଶତକ ହାସଲ କରିଥିବା ସ୍ୱସ୍ତିକ ୦ ଓ ଓମ୍ ଟି ମୁଣ୍ଡେ ୧ ରନ୍ କରିଥିଲେ। ତୃତୀୟ ୱିକେଟରେ ସନ୍ଦୀପ ପଟ୍ଟନାୟକ ଦଳର ସିନିଅର ବ୍ୟାଟର ଗୋବିନ୍ଦ ପୋଦ୍ଦାରଙ୍କ ସହ ୩୭ ରନ୍ ଉଠାଇ ଦଳକୁ ବିଜୟମୁଖେ ନେଇଯାଇଥିଲେ। ୩୨ ବଲ୍‌ରେ ଧୈର୍ଯ୍ୟପୂର୍ଣ୍ଣ ୧୧ ରନ୍ କରି ଗୋବିନ୍ଦ ଆଉଟ ହେବା ସମୟରେ ଓଡ଼ିଶା ୧୫ ରନ୍‌ରେ ଆଉ ୩ଟି ୱିକେଟ ହରାଇଥିଲା। ୫୫ ରନ୍‌ରେ ୫ମ ୱିକେଟ ପଡ଼ିବା ପରେ ଗୋଟିଏ ପଟେ ଦୃଢ଼ତାର ସହ ଖେଳୁଥିବା ସନ୍ଦୀପ ପଟ୍ଟନାୟକ ଓ ରାଜେଶ ମହାନ୍ତି ୬ଷ୍ଠ ୱିକେଟର ଦ୍ରୁତ ୧୮ ରନ୍ ଉଠାଇ ଦଳକୁ ବିଜୟର ଦ୍ୱାରଦେଶରେ ପହଞ୍ଚାଇଥିଲେ। ଅଲରାଉଣ୍ଡର ରାଜେଶ ୧୩ ବଲ୍‌ରୁ ଗୋଟିଏ ଛକା ସହ ୧୨ ରନ୍‌ରେ ଆଉଟ ହୋଇ ସର୍ଭିସେସ୍ ବାମହାତୀ ଫାଷ୍ଟ ବୋଲର ପୁନମ ପୁନିଆଙ୍କ ଚତୁର୍ଥ ଶିକାର ବନିଥିଲେ। ଏହା ପରେ ସନ୍ଦୀପ ଓ ପ୍ରୟାସ ସିଂ ଠାକୁର ଆଉ କୌଣସି କ୍ଷତି ହେବାକୁ ନ ଦେଇ ଓଡ଼ିଶାକୁ ବିଜୟୀ କରାଇଥିଲେ। ସନ୍ଦୀପ ମାରାଥନ ୬୯ ବଲ୍‌ର ସମ୍ମୁଖୀନ ହୋଇ ୪ ଚୌକା ସହ ସର୍ବାଧିକ ୩୨ ଓ ପ୍ରୟାସ ୮ ବଲ୍‌ରେ ୯ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ସର୍ଭିସେସ ପକ୍ଷରୁ ପୁନମ ପୁନିଆ ୪ଟି ଓ ନୀତୀନ ଯାଦବ ୨ଟି ୱିକେଟ ପାଇଥିଲେ।

### ଶ୍ରୀଲଙ୍କା ବିପକ୍ଷ ମହିଳା ତୃତୀୟ ଟି-୨୦

## ରେଣୁକା, ଦୀପ୍ତିଙ୍କ ଚମତ୍କାର ବୋଲିଂ

ତିରୁଅନନ୍ତପୁରମ,୨୬।୧୨(ଏଜେନ୍ସି): ଭାରତର ଫାଷ୍ଟ ବୋଲର ରେଣୁକା ଠାକୁର (୪/୨୧) ଓ ସ୍ପିନର ଦୀପ୍ତି ଶର୍ମା (୩/୧୮)ଙ୍କ ଚମତ୍କାର ବୋଲିଂ ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ତୃତୀୟ ଟି-୨୦ରେ ଶ୍ରୀଲଙ୍କାର ବ୍ୟାଟିଂ ବିପର୍ଯ୍ୟୟ ଘଟିଛି। ଚଳିତ ସିରିଜ୍‌ରେ କ୍ରମାଗତ ତୃତୀୟଥର ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ଘରୋଇ ବୋଲରଙ୍କ ଉଚିତ ମୁକାବିଲା କରି ନ ପାରି ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୧୨ ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ ଚଳିତ ସିରିଜ୍‌ରେ ପ୍ରଥମ ମ୍ୟାଚ୍ ଖେଳିଥିବା ଇମେଶ ଦୁଲାନି ସର୍ବାଧିକ ୨୭, ଇନିଂସ ଓପନ କରିଥିବା ହାସିନୀ ପରେରା ୨୫, କାଭିଶା ଦିଲହରୀ ୨୦ ଓ ୱିକେଟରକ୍ଷକ କୌଣସି ନୁଥ୍ୟାଙ୍ଗନା ଅପରାଜିତ ୧୯ ରନ୍ କରିଥିଲେ। ଭାରତ ଦୁଇ ବରିଷ୍ଠ ବୋଲର ରେଣୁକା ଓ ଦୀପ୍ତି ସେମାନଙ୍କ ମଧ୍ୟରେ ସମସ୍ତ ୭ଟି ଯାକ ୱିକେଟ ବାଣ୍ଟି ନେଇଥିଲେ। ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ଦୀପ୍ତି ୧୫୦ତମ ୱିକେଟ ଅକ୍ତିଆର କରିବାରେ ସଫଳ ହୋଇଛନ୍ତି। ଜବାବରେ ୧୧୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ୫ ଓଭରରେ ୧ ୱିକେଟ ହରାଇ ୪୬ ରନ୍ ସଂଗ୍ରହ କରି ନେଇଛି। ଏହି ସମୟରେ ଶେଫାଳି ବର୍ମା ୪୪ ଓ ଜେମିମା ରୋଡ୍ରିଗ୍ୱେଜ୍ ୦ ରନ୍‌ରେ ବ୍ୟାଟିଂ କରୁଥିଲେ। ସ୍ମୃତି ମନ୍ଧାନା ୧ ରନ୍‌ରେ ଆଉଟ ହୋଇଛନ୍ତି। ପ୍ରଥମ ଦୁଇଟି ମ୍ୟାଚ୍‌ରେ ସେ ଯଥାକ୍ରମେ ୨୫ ଓ ୧୪ ରନ୍ କରିଥିଲେ।



୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତ ପ୍ରଥମ ଦୁଇଟି ମ୍ୟାଚ୍ ଜିତି ୨-୦ରେ ଆଗୁଆ ରହିଛି। ଏଠାରେ ଭାରତ ବିଜୟୀ ହେଲେ ୨ଟି ମ୍ୟାଚ୍ ବାକିଥାଇ ଆଗୁଆ ସିରିଜ୍ କବ୍‌ଜା କରିବ। ସିରିଜ୍‌ର ଶେଷ ୨ଟି ଟି-୨୦ ମ୍ୟାଚ୍ ଏଠାରେ ଡିସେମ୍ବର ୨୮ ଓ ୩୦ରେ ଖେଳାଯିବ। ଏହି ମ୍ୟାଚ୍‌ରେ ଭାରତୀୟ ଅଧିନାୟିକା ହରମନପ୍ରୀତ୍ କୌର କ୍ରମାଗତ ତୃତୀୟଥର ଟସ୍ ଜିତିବା ପରେ ବ୍ୟାଟିଂ କରିବାକୁ ଶ୍ରୀଲଙ୍କାକୁ ଆମନ୍ତ୍ରଣ କରିଥିଲେ। ଶ୍ରୀଲଙ୍କା ମଧ୍ୟ କ୍ରମାଗତ ତୃତୀୟଥର ପ୍ରଥମେ ବ୍ୟାଟିଂ କରି ଲୋ ସ୍କୋର କରିଛି। ଦଳ ପକ୍ଷରୁ କେହି ଜଣେ ଭାରତୀୟ ବୋଲରଙ୍କୁ ଉଚିତ ମୁକାବିଲା କରିବାରେ ସମର୍ଥ ହେଉନାହାନ୍ତି।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ଇନିଂସ : ୧୧୨/୭, ୨୦ ଓଭର (ଇମେଶା ଦୁଲାନି-୨୭, ହାସିନି ପରେରା-୨୫, କାଭିସା ଦିଲହରୀ-୨୦, କୌଶନି-ଅପରାଜିତ ୨୦, ରେଣୁକା ସିଂ ଠାକୁର-୪/୨୧, ଦୀପ୍ତି ଶର୍ମା-୩/୧୮)।

### ଆସେସ୍ ସିରିଜ୍: ଗୋଟିଏ ଦିନରେ ୨୦ଟି ୱିକେଟ ପତନ

## ଅଷ୍ଟ୍ରେଲିଆ-୧୫୨, ଇଂଲଣ୍ଡ-୧୧୦

ମେଲବୋର୍ଣ୍ଣ,୨୬।୧୨(ଏଜେନ୍ସି): ଅଷ୍ଟ୍ରେଲିଆ-ଇଂଲଣ୍ଡ ଚତୁର୍ଥ ଆସେସ ଟେଷ୍ଟରେ ଫାଷ୍ଟ ବୋଲରଙ୍କ ରାଜୁତି ଦେଖିବାକୁ ମିଳିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୫୨ ଓ ଇଂଲଣ୍ଡ ୧୧୦ ରନ୍‌ରେ ଅଲଆଉଟ ହୋଇଛି। ଏହା ଫଳରେ ଗୋଟିଏ ଦିନରେ ମୋଟ ୭୫.୧ ଓଭରରେ ୨୦ଟି ୱିକେଟର ପତନ ଘଟିଛି। ଟେଷ୍ଟ କ୍ରିକେଟ ଇତିହାସରେ ଗୋଟିଏ ଦିନରେ ସର୍ବାଧିକ ୱିକେଟ ପତନରେ ଏହା ଯୁଗ୍ମ ତୃତୀୟ ସ୍ଥାନରେ ରହିଛି। ପୂର୍ବରୁ ୧୯୦୧-୦୨ ଆସେସ୍ ସିରିଜ୍‌ର ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟରେ ଗୋଟିଏ ଦିନରେ ସର୍ବାଧିକ ୨୫ଟି ୱିକେଟର ପତନ ହୋଇଥିଲା। ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ଉସ୍‌ମାନ ଖୱାଜା (୨୯) ଓ ଆଲେକ୍ସ କ୍ୟାରୀ (୨୦) ଦଳ ପକ୍ଷରୁ ସର୍ବାଧିକ ୩୮ ରନ୍‌ର ପାର୍ଟନରସିପ୍ ସଂଗ୍ରହ କରିଥିଲେ। ଫାଷ୍ଟ ବୋଲର ମାଇକେଲ ନେସେର ସର୍ବାଧିକ ୩୫ ରନ୍ କରିଥିଲେ। ଯାହା ଫଳରେ ଦଳ ୪୫.୨ ଓଭରରେ ୧୫୨ ରନ୍ କରିଥିଲା। ଇଂଲଣ୍ଡ ପକ୍ଷରୁ ଜୋଶ ଟଙ୍ଗ୍ ସର୍ବାଧିକ ୫ଟି ୱିକେଟ ନେଇଥିଲେ। ଜବାବରେ ଇଂଲଣ୍ଡ ମାତ୍ର ୨୯.୫ ଓଭରରେ ୧୧୦ ରନ୍ କରିଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ହ୍ୟାରୀ ବ୍ରୁକ୍ ସର୍ବାଧିକ ୪୧, ଫାଷ୍ଟ ବୋଲର ଗସ ଆଟକିନସନ ୨୮ ଓ ଷ୍ଟୋକ୍ସ ୧୬ ରନ୍ କରିଥିଲେ। ରୁଟ ଖାତା ଖୋଲି ପାରି ନ ଥିଲେ। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ କୌଣସି ୱିକେଟ ନ ହରାଇ ୪ ରନ୍ କରିଛି।

## ମୁକ୍ତେଶ୍ୱର କପ୍ ସେମିରେ ରାମେଶ୍ୱର

ଭୁବନେଶ୍ୱର, ୨୬।୧୨ (ସମିସ): ୧୬ ବର୍ଷରୁ କମ୍ ମୁକ୍ତେଶ୍ୱର କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦଳ ଭାବେ ରାମେଶ୍ୱର ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂ ୯ ୱିକେଟ୍‌ରେ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ରିକେଟ୍ (ଆଇଆଇସି)କୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଆଇଆଇସି ୩୦ ଓଭରରେ ୭ ୱିକେଟ୍ ହରି ୧୪୯ ରନ କରିଥିଲା। ଦଳ ପକ୍ଷରୁ ଫରହାନ ଅଖତର ୩୩, ସେକ୍ ରମଜାନ ୪୪ ଓ ସାଇ ସ୍ୱରୂପ ୩୫ ରନ କରିଥିଲେ। ରାମେଶ୍ୱରର ସ୍ୱସ୍ତିକ ଘୋଷାଲଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ଲିଓନେଲ ମେହେରଙ୍କ ଅପରାଜିତ ୮୪ ରନ ବଳରେ ରାମେଶ୍ୱର ଦଳ ୨୨.୫ ଓଭରରେ ଗୋଟିଏ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଆର୍ଯ୍ୟନ ସ୍ୱାଇଁ ୩୩ ରନ କରିଥିଲେ। ପୂର୍ବତନ ରଣଜୀ କ୍ରିକେଟର୍ ଆଲୋକ ମଙ୍ଗରାଜ ଅତିଥିଭାବେ ଯୋଗଦେଇ ଲିଓନେଲଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ଶନିବାର ରାଇଜିଂ ଷ୍ଟୁଡେଣ୍ଟ (କଟକ) ଓ କ୍ଲବ ଦି ରେଡ୍ ଷ୍ଟାର୍ ମଧ୍ୟରେ ୩ୟ କ୍ୱାର୍ଟର ଫାଇନାଲ ଖେଳାଯିବ।



### ଲିଷ୍ଟ-ଏ'ରେ ସର୍ବୋଚ୍ଚ ଆଭରେଜ

## ବିରାଟଙ୍କ ବିଶ୍ୱରେକର୍ଡ

ବେଙ୍ଗାଲୁରୁ, ୨୬।୧୨ (ଏଜେନ୍ସି): ଫର୍ମରେ ଥିବା ତାରକା ବ୍ୟାଟର୍ ବିରାଟ କୋହଲି ଚଳିତ ବିଜୟ ହଜାରେ ଟ୍ରଫିରେ କ୍ରମାଗତ ଦ୍ୱିତୀୟ ଶତକ ହାସଲରୁ ବଞ୍ଚିତ ହୋଇଛନ୍ତି। ଶୁକ୍ରବାର ଦ୍ୱିତୀୟ ରାଉଣ୍ଡର ଏକ ମ୍ୟାଚରେ ଦିଲ୍ଲୀ ୭ ରନରେ ଗୁଜରାଟକୁ ପରାସ୍ତ କରିଥିଲା। ୬୧ ବଲରେ ୭୭ ରନ କରିଥିବା କୋହଲି ମ୍ୟାଚର ଶ୍ରେଷ୍ଠ ଖେଳାଳି ବାବଦକୁ ୧୦ ହଜାର ଟଙ୍କା ପୁରସ୍କାର ପାଇଥିଲେ। ଦୁଇଦିନ ତଳେ ଆନ୍ଧ୍ରପ୍ରଦେଶ ବିପକ୍ଷରେ କୋହଲି ୧୩୧ ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ଏଥିସହ କୋହଲି ଆଉ ଏକ ବିଶ୍ୱରେକର୍ଡ ତାଙ୍କ ଜ୍ୱାଜ୍ୱଲ୍ୟମାନ କ୍ୟାରିୟରରେ ଯୋଡ଼ିଛନ୍ତି। ଲିଷ୍ଟ-ଏ କ୍ରିକେଟ୍‌ରେ ବିଶ୍ୱରେ ସର୍ବୋଚ୍ଚ ଆଭରେଜ ଥିବା ବ୍ୟାଟର୍ ହୋଇଛନ୍ତି କୋହଲି। କୋହଲି ବର୍ତ୍ତମାନ ଲିଷ୍ଟ-ଏ'ରେ ୩୪୩ଟି ମ୍ୟାଚ୍ ଖେଳି ୧୬,୧୩୦ ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ୫୮ଟି ଶତକ ଓ ୮୪ଟି ଅର୍ଦ୍ଧଶତକ ସାମିଲ ରହିଛି। ମ୍ୟାଚ୍ ପିଛା ତାଙ୍କ ଆଭରେଜ ୫୭.୮୭ ରହିଛି। କୋହଲି ଏହିକ୍ରମରେ ଅଷ୍ଟ୍ରେଲିଆ କିମ୍ବଦନ୍ତୀ ମାଇକେଲ ବେଭାନଙ୍କୁ ପଛରେ ପକାଇଛନ୍ତି। ଲିଷ୍ଟ-ଏ'ରେ ବେଭାନଙ୍କ ଆଭରେଜ ୫୭.୮୬ ରହିଛି।

### ସନ୍ତୋଷ ଟ୍ରଫି

## ଓଡ଼ିଶାର ହ୍ୟାଟ୍ରିକ୍ ବିଜୟ



କଟକ,୨୬।୧୨(ସମିସ)

୭୯ତମ ଜାତୀୟ ଫୁଟବଲ ଚାମ୍ପିଅନସିପ୍ ସନ୍ତୋଷ ଟ୍ରଫିର ଲିଗ୍ ପର୍ଯ୍ୟାୟରେ ଅପରାଜେୟ ରହି ଓଡ଼ିଶା ପରବର୍ତ୍ତୀ ରାଉଣ୍ଡକୁ ପ୍ରବେଶ କରିଛି। ନାରାୟଣପୁରସ୍ଥିତ ଆରକେଏମ ଆଶ୍ରମ ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯାଇଥିବା ଗ୍ରୁପ-ଏଫ'ର ଶେଷ ଲିଗ୍‌ରେ ଓଡ଼ିଶା ୩-୧ ଗୋଲରେ ଘରୋଇ ଛତିଶଗଡକୁ ହରାଇଥିଲା। ଖେଳର ପ୍ରଥମାର୍ଦ୍ଧରେ ୨ଟି ଗୋଲ ସ୍କୋର କରି ଓଡ଼ିଶା ଦବଦବା ଜାହିର କରିଥିଲା। ୩୨ତମ ମିନିଟରେ ଫରୱାର୍ଡ ଜିତୁ ମୁଦୁଲି ଏବଂ ୩୭ତମ ମିନିଟରେ ମିଡଫିଲ୍ଡର ଚନ୍ଦ୍ରମୋହନ ମୁର୍ମୁ ଗୋଟିଏ ଲେଖାଏ ଗୋଲ ସ୍କୋର କରି ଦଳକୁ ଏକପାଖିଆ ଆଗୁଆ ରଖିଥିଲେ। ଦ୍ୱିତୀୟାର୍ଦ୍ଧର ୫୧ତମ ମିନିଟରେ ଛତିଶଗଡ ଗୋଟିଏ ଗୋଲ ସୁଝାଇଥିଲା। ଅଭିଷେକ କୁଞ୍ଜମଙ୍କ ଗୋଲ ବଳରେ ମ୍ୟାଚ୍ ସ୍ଥିତି ୨-୧ରେ ପହଞ୍ଚିଥିଲା। ହେଲେ ୬୪ତମ ମିନିଟରେ ଓଡ଼ିଶା ଅଧିନାୟକ କାର୍ତ୍ତିକ ହାନ୍ତାଳ ଦଳ ପାଇଁ ୩ୟ ଗୋଲ ସ୍କୋର କରି ପୁର୍ନବାର ମ୍ୟାଚକୁ ନିଜ କବଜାରେ ରଖିଥିଲେ। ଖେଳର ଅବଶିଷ୍ଟ ସମୟରେ କୌଣସି ଗୋଲ ନହେବା ଯୋଗୁଁ ଓଡ଼ିଶା ୩-୧ ଗୋଲରେ ବିଜୟୀ ହୋଇଥିଲା। ଲିଗ୍ ପର୍ଯ୍ୟାୟର ପୂର୍ବ ଦୁଇ ମ୍ୟାଚ୍‌ରେ ଓଡ଼ିଶା ମଧ୍ୟପ୍ରଦେଶକୁ ୪-୦ ଗୋଲରେ ଏବଂ ତେଲେଙ୍ଗାନାକୁ ୧-୦ ଗୋଲରେ ହରାଇଥିଲା।

ନନ୍ଦିଘୋଷ
'ନନ୍ଦିଘୋଷ ଟିଭି'
କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ
କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି।
ଟେଲିଭିଜନ ରିପୋର୍ଟିଂରେ ଅନ୍ୟୁନ ୨ ବର୍ଷର ଅଭିଜ୍ଞତା ଥିବା
ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ।
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇମେଲ୍ - hr@nandighoshatv.com
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

### ତନ୍ୱୀଙ୍କୁ ପ୍ରଶଂସାରେ ପୋତିଲେ ସିନ୍ଧୁ

ଭୁବନେଶ୍ୱର, ୨୬।୧୨ (ସମିସ): ବିଜୟୱାଡାରେ ଚାଲିଥିବା ଜାତୀୟ ସିନିଅର ବ୍ୟାଡ୍‌ମିଣ୍ଟନରେ ଓଡ଼ିଶାର ଯୁବ ତାରକା ତନ୍ୱୀ ପତ୍ରି ସେମିରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ କ୍ୱାର୍ଟରରେ ତନ୍ୱୀ ୨୧-୧୬, ୧୨-୨୧, ୨୨-୨୦ ଗେମରେ ଅଭିଜ୍ଞ ଖେଳାଳି ଆକର୍ଷୀ କାଶ୍ୟପଙ୍କୁ ପରାସ୍ତ କରିଥିଲେ। ୨୪ ବର୍ଷୀୟା ଆକର୍ଷୀ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟା ରହିଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS